

ପଶ୍ଚିମବଙ୍ଗ, ତାମିଲନାଡୁ ପାଇଁ ପ୍ରସ୍ତୁତ ରୁହ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 245 | ଭାଗ ୩୩ | ସଂଖ୍ୟା ୨୪୫ | Friday 28 November 2025 | Page 8 Rs. 5.00 | ● ଭୁବନେଶ୍ୱର ଶୁକ୍ରବାର ୨୮ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ବିଧାନସଭାରେ ମହାମହିମ

# ଆଚରଣରେ ସଂଯମତା ରଖନ୍ତୁ ଜନପ୍ରତିନିଧି

*"ଓଡ଼ିଶା ବିଧାନସଭା ପାଇଁ ଆଜି ଏକ ଐତିହାସିକ ଦିନ। ଦିନେ ଏଇ ବିଧାନସଭାକୁ ସେ ଜଣେ ଜନପ୍ରତିନିଧି ଭାବେ ପ୍ରତିନିଧିତ୍ୱ କରୁଥିଲେ। ଆଉ ଆଜି ରାଷ୍ଟ୍ରପତି ଭାବେ ଏହାକୁ ସମ୍ବୋଧିତ କରିଛନ୍ତି। ଓଡ଼ିଶା ଇତିହାସରେ ଏହା ପ୍ରଥମ। ଏକଦା ଏହି ବିଧାନସଭାରେ ସେ ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବେ ସମ୍ମାନିତ ମଧ୍ୟ ହୋଇଥିଲେ। ମନ୍ତ୍ରୀ ଭାବେ ବିରୋଧୀଙ୍କୁ ଜବାବ ଦେଇଥିଲେ, ଆଉ ବିଧାୟକ ଭାବେ ମନ୍ତ୍ରୀଙ୍କୁ ପ୍ରଶ୍ନରେ ଘାଇଲା ବି କରିଥିଲେ। ଦେଶର ଅନେକ ବିଧାନସଭାକୁ ସେ ଇତିମଧ୍ୟରେ ସମ୍ବୋଧିତ କରିସାରିଲେଣି। ହେଲେ ଓଡ଼ିଶା ବିଧାନସଭାର ପରିବେଶ ଆଜି ତାଙ୍କୁ ଭାବବିହ୍ୱଳ କରିଛି।"*

ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ): ପ୍ରଥମ ଥର ପାଇଁ ଓଡିଶା ବିଧାନସଭାକୁ ସମ୍ବୋଧିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଓଡିଶା ବିଧାନସଭାରେ ସେ ନିଜ ସ୍ମୃତିଚାରଣ କରିବା ସହ ବିଧାୟକଙ୍କୁ ଦେଇଛନ୍ତି ଆଚରଣ ଓ ଉଚ୍ଚାରଣର ମନ୍ତ୍ର। ଦେଶର ବହୁ ବିଧାନସଭାକୁ ସେ ଏଭିତରେ ସମ୍ବୋଧିତ କରିସାରିଥିବା ବେଳେ ଓଡିଶା ବିଧାନସଭାକୁ ସମ୍ବୋଧନ ତାଙ୍କ ପାଇଁ ଏକ ନିଆରା ଅନୁଭୂତି ଥିଲା। କାରଣ ଏହି ବିଧାନସଭାରୁ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଆଜି ସେ ଯେଉଁ ସ୍ଥାନରେ ପହଁଚିଛନ୍ତି ତାର ନିଅଁ ଏହି ବିଧାନସଭାରୁ ପଡିଥିଲା।

ଓଡ଼ିଶା ବିଧାନସଭା ସହ ନିଜର ଭାବଗତ ସମ୍ପର୍କକୁ ଉଜ୍ଜୀବିତ କରିଛନ୍ତି ମହାମହିମ। ସପ୍ତଦଶ ବିଧାନସଭା ପଞ୍ଚମ ଅଧିବେଶନର ଆଜି ଥିଲା ପ୍ରଥମ କାର୍ଯ୍ୟ ଦିବସ। ମହାମହିମ ରାଷ୍ଟ୍ରପତି ଅପରାହ୍ନ ଅଧିବେଶନରେ ଗୃହକୁ ସମ୍ବୋଧନ କରି କହିଥିଲେ ଯେ ଓଡ଼ିଶା ବିଧାନସଭାରେ ଆଜି ମୋର ଉପସ୍ଥିତି ମୋତେ ଘରକୁ ଆସିଲା ଭଳି ଲାଗୁଛି। ଏହା ମୋ ପାଇଁ ବିଶେଷ ଖୁସିର ଦିନ। ଗାଁରୁ ସାଧାରଣ ଝିଅ ହୋଇ ଏହି ବିଧାନସଭାକୁ ଆସିଥିଲି, ଏ ଗୃହ ମୋତେ ସବୁକିଛି ଶିଖାଇଛି। ଏଠାରେ ମୋର ରାଜନୈତିକ ନିଅଁ ପଡ଼ିଛି। ନିଅଁ ସୁଦୃଢ ହୋଇନଥିଲେ ମୁଁ ଆଜି ଯେଉଁଠାରେ ପହଞ୍ଚିଛି, ସେଠାରେ ପହଞ୍ଚିପାରି ନଥାନ୍ତି। ସବୁକିଛି ଜଗନ୍ନାଥଙ୍କ କରୁଣା। ରାଜନେତା ଭାବେ କିଭଳି ସମସ୍ତଙ୍କ ସହ ଆଚରଣ ପ୍ରଦର୍ଶନ କରାଯିବ, କାହା ସମ୍ମୁଖରେ କେଉଁ ତଥ୍ୟ କିଭଳି ଭାବେ ➩ପୃଷ୍ଠା-୬

**ଜନତାଙ୍କ ସ୍ୱପ୍ନ ଓ ଆଶା ପୂରଣ କରିବା ଜନପ୍ରତିନିଧିଙ୍କ କର୍ତ୍ତବ୍ୟ**

**ଏଇଠୁ ପଡ଼ିଛି ମୋ ରାଜନୀତି କ୍ୟାରିଅର୍‌ର ନିଅଁ**

**ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଶଂସା**

**ବିକଶିତ ଭାରତ ଗଠନରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଭୂମିକା**

**ଆତ୍ମୀୟତାପୂର୍ଣ୍ଣ ପରିବେଶରେ ଭାବପ୍ରବଣ ହେଲେ**



### ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ



ଓଡ଼ିଶା ବିଧାନସଭାକୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଆଜିର ଐତିହାସିକ ସମ୍ବୋଧନ ଓଡ଼ିଶାର ଗଣତାନ୍ତ୍ରିକ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଦୀର୍ଘ ୭୫ ବର୍ଷର ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକଙ୍କ ମାର୍ଗଦର୍ଶନ ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।

ସେ କହିଥିଲେ ଯେ ଓଡ଼ିଶା ମାଟିର ଏହି ସୁକନ୍ୟା ତାଙ୍କର ସକ୍ରିୟ ରାଜନୈତିକ ଯାତ୍ରା ଏହି ବିଧାନସଭାରୁ ହିଁ ଆରମ୍ଭ କରିଥିଲେ ଏବଂ ନିଜର କଠୋର ➩ପୃଷ୍ଠା-୬

### ରାଇରଙ୍ଗପୁରରୁ ରାଇସିନା ହିଲ୍ସ ଯାତ୍ରା ପ୍ରେରଣାଦାୟୀ: ବାଚସ୍ପତି



ଓଡ଼ିଶା ବିଧାନସଭାକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଓ ବିଧାୟକମାନେ ସ୍ୱାଗତ କରିଥିଲେ। ବିଧାନସଭାରେ ରାଷ୍ଟ୍ରପତି ସବୁ ବିଧାୟକଙ୍କ ସହ ଫଟୋ ମଧ୍ୟ ଉଠାଇଥିଲେ। ଗୃହ ମଧ୍ୟରେ ବାଚସ୍ପତି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି କହିଥିଲେ ଯେ ଓଡ଼ିଶା ବିଧାନସଭା ଗଣତନ୍ତ୍ରର ପୁରାତନ ମନ୍ଦିର ପାଇଁ ଆଜି ଏକ ଐତିହାସିକ ➩ପୃଷ୍ଠା-୬

### ରାଜ୍ୟ ପାଇଁ ଗୌରବ: ନବୀନ



ଓଡିଶା ବିଧାନସଭାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଏକ ଗୌରବର କଥା ବୋଲି କହିଛନ୍ତି ବିରୋଧି ଦଳ ନେତା ନବୀନ ପଟ୍ଟନାୟକ। ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି ହେବା ଆମ ପାଇଁ ଗର୍ବର କଥା। ୨୫ ବର୍ଷ ତଳେ ସେ ତାଙ୍କର ରାଜନୈତିକ ଜୀବନ ଏଇ ବିଧାନସଭାରୁ ହିଁ ଆରମ୍ଭ କରିଥିଲେ ଆଉ ଆଜି ଏଇ ବିଧାନସଭାକୁ ସେ ସମ୍ବୋଧିତ କରିବା ଆମ ପାଇଁ ଆହୁରି ଗୌରବର ବିଷୟ ବୋଲି ନବୀନ କହିଥିଲେ। ବର୍ତ୍ତମାନ ଦେଶ ବିଭିନ୍ନ ଚ୍ୟାଲେଞ୍ଜ ଦେଇ ଗତି କରୁଥିବା ବେଳେ ତାଙ୍କ ଅଭିଭାଷଣ ବେଶ୍ ➩ପୃଷ୍ଠା-୬

## ବାଲି ଚୋରି ରୋକିବାକୁ ଘନ ଘନ ଚଢ଼ାଉ



- ତ୍ରାହି ପାଇବେନି ମାଫିଆ, ଚଢ଼ାଉ ଜୋର୍‌ଦାର
- କଡ଼ା ଆକ୍ସନରେ ଢିଲା ହେବନି

ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ): ଗତ ସରକାର ଅମଳରେ ଆରମ୍ଭ ହୋଇଥିବା ବାଲି ଚୋରି ଦିନକୁ ଦିନ ବଢ଼ିବା ସହ କେତେକ ସ୍ଥାନରେ ଏହା ହିଂସାତ୍ମକ ରୂପ ନେବାର ଏକାଧିକ ନଜିର ରହିଛି। ନିକଟରେ ରାଜ୍ୟ ସରକାର ଏହି ବାଲି ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ କ୍ଷେତ୍ରରେ ତାଙ୍କର କଡ଼ାପଣ ଜାହିର୍ କରିସାରିଛନ୍ତି। ଏହି ଚୋରିକୁ ରୋକିବା ସକାଶେ ରାଜ୍ୟ ପୁଲିସ୍ ପକ୍ଷରୁ ଏବେ ଚଢ଼ାଉକୁ ଅଧିକ ତୀବ୍ର କରାଯାଇଛି। ଅପରେସନ୍ 'ବାଲୁବଜ୍ର' ଅନୁସାରେ ବାଲି ମାଫିଆଙ୍କ ଅଣ୍ଟା ଭାଙ୍ଗିବା ସକାଶେ ଅଣ୍ଟା ଭିଡ଼ିଛି ପୁଲିସ୍ ପ୍ରଶାସନ। ବେଆଇନ ବାଲି ଉତ୍ତୋଳନ ଓ ପରିବହନ କରି ପେଟ ବଢ଼ାଇଥିବା ମାଫିଆଙ୍କ ଉପରେ ଚାଲିଛି ଘନ ଘନ ଚଢ଼ାଉ। ବାଲେଶ୍ୱର ଜଳେଶ୍ୱରରେ ୩୨ଟି ହାଇୱା ଜବତ କରାଯାଇଥିବା ବେଳେ ଜଗତସିଂହପୁର କିଲିପାଳ ଘାଟରୁ ୪୬ଟି ହାଇୱା ଜବତ କରାଯିବା ସହ ଏନେଇ ମାମଲା ରୁଜୁ ହୋଇଛି। ଆହୁରି ମୟୂରଭଞ୍ଜ ବେତନଟୀରେ ତହସିଲଦାରଙ୍କୁ ମାଫିଆମାନେ ଆକ୍ରମଣ କରିଥିବା ମାମଲାରେ ମଧ୍ୟ ୭ ଜଣଙ୍କୁ ଗିରଫ କରାଯାଇଛି।

ବିଜେଡି ଶାସନରେ ଆତଙ୍କରାଜ ଖେଳାଇଥିବା ମାଫିଆଙ୍କ ଉପରେ ଏବର ବିଜେପି ➩ପୃଷ୍ଠା-୬

## ଦେବ୍ରିଗଡ଼ ଅଭୟାରଣ୍ୟ ହେବ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ

- ଖର୍ଚ୍ଚ ହେବ ୭୧ କୋଟି, ମିଳିବ ସ୍ୱତନ୍ତ୍ର ପରିଚିତି
- ଧନ୍ୟବାଦ ଦେଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ୧୦୦ କିମିରେ ବାଡ଼ ପାଇଁ ଅତିରିକ୍ତ ୧୪ କୋଟି ମଞ୍ଜୁର






ସମ୍ବଲପୁର,୨୭।୧୧(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାର ପ୍ରଖ୍ୟାତ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମିଳିବ ସ୍ୱତନ୍ତ୍ର ପରିଚିତ। ଏହାକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳରେ ପରିଣତ କରାଯିବ। ଏଥିପାଇଁ ପ୍ରସ୍ତୁତ ଡିପିଆରକୁ ମଞ୍ଜୁରି ଦେଇଛନ୍ତି ଓଡ଼ିଶା ସରକାର। ଏପରି ଏକ ପଦକ୍ଷେପ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଅନ୍ତର୍ଜାତୀୟ ଇକୋ ଟୁରିଜିମ୍ ଡେଷ୍ଟିନେସନ୍ ଭାବେ ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ୍ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ➩ପୃଷ୍ଠା-୬

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କଟକ ଜିଲ୍ଲା ପ୍ରଶାସନର ବେଖାତିର**

## ଜନଅଭିଯୋଗ ଶୁଣାଣିରେ କଟକ ପ୍ରଦର୍ଶନ ସବୁଠୁ ଖରାପ

- ୩୬ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ସବୁ ସୋମବାର ଜିଲ୍ଲାପାଳ ଶୁଣାଣି କରୁଛନ୍ତି ତ!



ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ): ନିଜେ ମୁଖ୍ୟମନ୍ତ୍ରୀ ଘଣ୍ଟା ଘଣ୍ଟା ଧରି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଏକାଧିକ ମନ୍ତ୍ରୀ ବି ଶୁଣୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପ୍ରାୟତଃ ୯୬ ପ୍ରତିଶତ ଅଭିଯୋଗର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପ୍ରଶାସନକୁ ପଠାଉଛି। ହେଲେ ଜିଲ୍ଲା ସ୍ତରରେ ଏହି ନିର୍ଦ୍ଦେଶର ଅନୁପାଳନ ସଠିକ ଭାବେ ହେଉନାହିଁ। ଆଉ ଏଥରେ କଟକ ଜିଲ୍ଲାର ପ୍ରଦର୍ଶନ ସବୁଠାରୁ ଖରାପ ରହିଛି, ଯେଉଁଥିପାଇଁ ଖପ୍ପା ହୋଇଛନ୍ତି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ। ସବୁଠୁ ବଡ଼ କଥା ହେଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁବ୍ଧ ହେବା ସହ ୩୬ ଜଣ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ସଂଖ୍ୟା ୯୧ ଥିଲେ ହେଁ ଆଜି ଏଥିରେ ସଂଶୋଧନ କରାଯାଇଛି। କଟକ ସିଡିଏମଓଙ୍କଠାରୁ ଆରମ୍ଭ କରି ସିଏମସି କମିଶନର, କଟକ ଡିସିପି, କଟକ ଗ୍ରାମାଞ୍ଚଳ ଏସପି, କଟକ ଉପଜିଲ୍ଲାପାଳ, ଆଠଗଡ଼ ଉପଜିଲ୍ଲାପାଳ, କଟକ ଆରଟିଓ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ, ➩ପୃଷ୍ଠା-୬

## ବଡ଼ ଲାଭ ଲୋଭରେ ନିବେଶକ ଭକୁଆ



**ଠକ ସଂସ୍ଥା ଲୁଟିଲା ୫୦ କୋଟି, ଅଭିଯୁକ୍ତ ଗିରଫ**

ସମ୍ବଲପୁର,୨୭।୧୧(ସଂଚାର ବ୍ୟୁରୋ): କାଳ ହେଲା ବଡ଼ ଲାଭ ଲୋଭ। ଟଙ୍କା ଖଟେଇଲେ ମାସକୁ ୧୦ ପ୍ରତିଶତ ହାରରେ ଲାଭ ମିଳିବ ବୋଲି ସଂସ୍ଥା ଲୋଭ ଦେଖାଇ ପାଖାପାଖି ୫୦ କୋଟି ଟଙ୍କା ଠକିନେଇଛି। ଅବଶ୍ୟ ଅଦ୍ୟାବଧି କେବଳ ୨୦ କୋଟି ଠକେଇ ନେଇ ସୂଚନା ସାମ୍ନାକୁ ଆସିଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ଘଟିଛି ଏପରି ଏକ ବଡ଼ ଧରଣର ଠକେଇ। ଏହି ଠକେଇର ପର୍ଦ୍ଦାଫାସ ଆଜି ସମ୍ବଲପୁର ପୁଲିସ କରିଥିବା ବେଳେ ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏଏ ଏଣ୍ଟରପ୍ରାଇଜେସ୍ ନାମକ ଏକ ସଂସ୍ଥା ଟ୍ରେଡିଂ ନାଁରେ ଲୋକଙ୍କଠାରୁ ମୋଟା ଅଙ୍କରେ ଟଙ୍କା ନିବେଶ ➩ପୃଷ୍ଠା-୬

## ଦିଦିଙ୍କ ଦବଙ୍ଗଗିରିକୁ ସରୁ ଚଟକଣି

- ଓଡ଼ିଆଙ୍କ ଯେସାକୁ ତେସା ନୀତି
- ପକେଇଲା ଛେପ ଢୋକିଲା ମମତା ସରକାର



ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ): ଭାଙ୍ଗିଗଲା ଦିଦିଙ୍କ ବହପ। ଦବଙ୍ଗଗିରିରେ ବସିଲା ସରୁ ଚଟକଣି। ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓରଫ୍ ଦିଦିଙ୍କ ସବୁ ଓସ୍ତାଦ୍‌ଗିରି ବାଲେଶ୍ୱର ଚନ୍ଦନେଶ୍ୱର ଓଡ଼ିଆଙ୍କ ଆଗରେ ଫିକା ପଡ଼ିଯାଇଛି। ବରଂ ଓଡ଼ିଆଙ୍କ ପାଲଟା ନିଶାନାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଥରହର ହୋଇଛି। ତେଣୁ କାଲି ଯେଉଁ ସରକାର ଓଡ଼ିଆଙ୍କୁ ତଡୁଥିଲେ, ଆଜି ଡାକିହାକି ମନେଇବାକୁ ଏକରକମ ବାଧ୍ୟ ହୋଇଛନ୍ତି। ପଶ୍ଚିମବଙ୍ଗରେ ଓଡ଼ିଆ ବ୍ୟବସାୟୀଙ୍କୁ ନାଲିଆଖି ବନାମ ଓଡ଼ିଶାରେ ବଙ୍ଗାଳୀମୁକ୍ତ ଲଢେଇରେ ଶେଷରେ ପଛଘୁଞ୍ଚା ଦେଇଛି ମମତା ସରକାର। ମମତାଙ୍କ ଦୀଘାରୁ ଓଡ଼ିଆ ବ୍ୟବସାୟୀଙ୍କୁ ତଡ଼ିବା ଉଦ୍ୟମ ଫେଲ୍ ମାରିଛି।। ଚନ୍ଦନେଶ୍ୱରରେ ଓଡ଼ିଆଙ୍କ ରିଆକ୍ସନ ଦେଖି ଟିଏମସି ଜନପ୍ରତିନିଧି ଛାନିଆ ହୋଇଯାଇଛନ୍ତି। ବଙ୍ଗୀୟ ବ୍ୟବସାୟୀଙ୍କୁ ଓଡ଼ିଆ ବ୍ୟବସାୟୀମାନେ ଜୋରଦାର ବିରୋଧ କରିବା ପରେ ପଶ୍ଚିମବଙ୍ଗ ସରକାରଙ୍କ ମୁଣ୍ଡରେ ଚେତା ପଶିଛି। ଛାନିଆ ହୋଇ ଆଜି ଓଡ଼ିଶାର ବ୍ୟବସାୟୀଙ୍କୁ ଡାକି ମନାଇବାକୁ ସେଠାକାର ପ୍ରଶାସନ ଉଦ୍ୟମ କରିଛି। ସ୍ଥାନୀୟ ଟିଏମସି ସମର୍ଥିତ ସରପଞ୍ଚ, ଭୋଗରାଇ ବ୍ଲକର ଜନପ୍ରତିନିଧି, ସ୍ଥାନୀୟ ବାସିନ୍ଦା ➩ପୃଷ୍ଠା-୬



**କାନ ଡେରିଥା**

ଗୁରୁବାର ଗଲା ମହାଲକ୍ଷ୍ମୀ ପୂଜା
ଘରେଘରେ ବିଜେ ହେଲେ
ନୂଆ ଚାଉଳର କ୍ଷୀରି ପୀଠା କରି
ଭକ୍ତ ସବୁ ଖାଇଦେଲେ
ଲକ୍ଷ୍ମୀ କଣ ପାଇଲେ...
ଲକ୍ଷ୍ମୀ ଯଦି ଏଠି ଖାଇ
ଦେଇଥାନ୍ତେ
ଦେଇଥାନ୍ତ କିବା ଭଲେ।

■ ଦେବାଶିଷ

## ରାଷ୍ଟ୍ରପତିଙ୍କ ପରାମର୍ଶ ମାନିବେ ତ ବିଧାୟକ?

- ରାଷ୍ଟ୍ରପତିଙ୍କ ପାଇଁ ବିଧାନସଭା ହାଉସ୍‌ଫୁଲ
- ଅସୁସ୍ଥତା ସତ୍ତ୍ୱେ ବି ବିଧାୟକ ଉପସ୍ଥିତ



ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିଧାନସଭାରେ ତାଙ୍କ ଅଭିଭାଷଣ ରଖିବା ଓଡ଼ିଶା ପାଇଁ ଯେତିକି ଗୌରବର ବିଷୟ ଥିଲା, ତାଙ୍କ ପାଇଁ ବିଧାୟକମାନଙ୍କ ଗୃହରେ ହାଜିରା ମଧ୍ୟ ବିଧାନସଭା ପାଇଁ ସେତିକି ଉତ୍କଣ୍ଠା ଆଣିଦେଇଥିଲା। ରାଷ୍ଟ୍ରପତିଙ୍କ ସହିତ ଫଟୋ ଉଠାଇବା ଓ ତାଙ୍କ ଅଭିଭାଷଣ ସମୟରେ ବିଧାନସଭାରେ ଉପସ୍ଥିତ ରହିବା ପାଇଁ ପ୍ରାୟ ସମସ୍ତ ବିଧାୟକ ଆଜି ବିଧାନସଭାରେ ଉପସ୍ଥିତ ରହିଥିଲେ, ଯାହାକି ବିଧାନସଭା ଇତିହାସରେ ଯଥେଷ୍ଟ କ୍ୱଚିତ ଦେଖିବାକୁ ମିଳିଥାଏ।

ରାଷ୍ଟ୍ରପତିଙ୍କ ଆଗମନ ନେଇ ବହୁ ପୂର୍ବରୁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ଅସୁସ୍ଥତା ସତ୍ତ୍ୱେ କେତେକ ବିଧାୟକ ବିଧାନସଭାରେ ପହଞ୍ଚିଥିଲେ। ବହୁ ବିଧାୟକ ନିଜର ଗୁରୁତ୍ୱପୂର୍ଣ୍ଣ ଗସ୍ତ ଓ କାର୍ଯ୍ୟକ୍ରମକୁ ବି ବାତିଲ କରିଦେଇଥିଲେ। ଖାଲି ବିଧାନସଭାରେ ଉପସ୍ଥିତ ହୋଇନଥିଲେ, ବରଂ ରାଷ୍ଟ୍ରପତିଙ୍କ ସହିତ ଫଟୋ ଉଠାଇବା ପାଇଁ ବି ଠିକଣା ସମୟରେ ହାଜର ହୋଇଯାଇଥିଲେ ସବୁ ବିଧାୟକ। କିଛିଦିନ ଧରି ଅସୁସ୍ଥ ଥିବା କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବି ଆଜି ବିଧାନସଭାରେ ଦେଖିବାକୁ ମିଳିଥିଲା। ଗୃହ ଭିତରେ ସଦା ଚଳଚଞ୍ଚଳ ଥିବା ତାରାଙ୍କ ମୁହଁରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିବା ସ୍ପଷ୍ଟ ବାରି ହୋଇପଡୁଥିଲା।

ସେହିଭଳି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ ବିଧାନସଭାକୁ ଆସିଥିଲେ, ଯାହା କ୍ୱଚିତ ଦେଖିବାକୁ ମିଳିଥାଏ। ନବୀନ ଖାଲି ଆସିନଥିଲେ, ବିଧାନସଭା ପରିସରରେ ରାଷ୍ଟ୍ରପତିଙ୍କ ସହିତ ଫଟୋ ➩ପୃଷ୍ଠା-୬

**● ଶିକ୍ଷକ ବଦଳି ପ୍ରସଙ୍ଗରେ ହାଇକୋର୍ଟଙ୍କ ରାୟ**

## ସୁପାରିସ୍ କରିପାରିବେନି ସାଂସଦ, ବିଧାୟକ



କଟକ,୨୭।୧୧(ସଂଚାର ବ୍ୟୁରୋ): ଆଉ ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ସାଂସଦ କି ବିଧାୟକ କେହି ବି ସୁପାରିସ୍ କରିପାରିବେ ନାହିଁ। କାରଣ ଏଭଳି ସୁପାରିସ୍ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପକୁ ପ୍ରୋତ୍ସାହନ ମିଳିବ। ତେଣୁ ରାଜ୍ୟ ସରକାରଙ୍କ ଚାକିରି ନିୟମାବଳୀ ଅନୁଯାୟୀ ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରାଯିବା ସକାଶେ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତ ଏକାଧିକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ମେ' ୧୩ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାକୁ ଖାରଜ କରିଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଗତ ଜୁଲାଇରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଛି। ସେହିପରି ➩ପୃଷ୍ଠା-୬

## ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ):** କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧକ୍ଷତାରେ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ ଭାରତ ବର୍ଷର ସମ୍ବିଧାନ ଦିବସ ବା ଜାତୀୟ ଆଇନ ଦିବସ ଅବସରରେ କହିଥିଲେ ଯେ ୧୯୪୯ମସିହାର ଆଜିର ଦିନରେ ସମ୍ବିଧାନ କମିଟିରେ ପ୍ରସ୍ତୁତ ଚିଠାକୁ ସର୍ବସମ୍ମତକ୍ରମେ ଗ୍ରହଣ କରାଯାଇ ୧୯୫୦ ଜାନୁଆରୀ ମାସ ୨୬ ତାରିଖରେ ଦେଶର ଜନସାଧାରଣଙ୍କର ସ୍ୱାର୍ଥରକ୍ଷା ଓ ସୁରକ୍ଷା ସମେତ ଦେଶର ବିକାଶ ପାଇଁ କାର୍ଯ୍ୟକାରୀ କରି ପବିତ୍ର ଗ୍ରନ୍ଥ ସମ୍ବିଧାନକୁ ସାର୍ବଜନୀନ କରାଯାଇଥିଲା । ଯେଉଁ ଦିନକୁ ଆମେ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରି ଆସୁଅଛୁ । ବିଭିନ୍ନ ରାଜନୈତିକ ଦଳ ନିଜର ସ୍ୱାର୍ଥ ସାଧନ ପାଇଁ ଓ କ୍ଷମତା ଦଖଲ କରିବା ପାଇଁ ବିଭିନ୍ନ ସମୟରେ ସମ୍ବିଧାନକୁ ସଂଶୋଧନ କରି କ୍ଷତବିକ୍ଷତ କରିବାକୁ ପଛାଉ ନାହାନ୍ତି। ଏପରିକି ନିର୍ବାଚନ ଆୟୋଗଙ୍କୁ ହାତ ବାରିସୀ କରି ନାଗରିକମାନଙ୍କୁ ଭୋଟଦାନରୁ ବିତ କରାଉଛନ୍ତି । ଏହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ । ଏହାର ପ୍ରତିବାଦ କରି ନିଜର ନାର୍ଯ୍ୟ ଦାବିକୁ ହାସଲ କରିବା ଦେଶର ସାଧାରଣ ନାଗରିକ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ ।

# ତୁଳସୀଙ୍କ ପାଇଁ ଆବାସ ଯୋଜନା ସାତସପନ

### ଭଙ୍ଗା କୁଡ଼ିଆରେ କଟୁଛି ଜୀବନ
### ଗୁହାରି କରି ଥକିଲେଣି



**ମହାକାଳପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ଭଙ୍ଗା କୁଡ଼ିଆ ଚାଳ ଛପର ଘର ଉପରେ ପଡ଼ିଛି ଛିଣ୍ଡା ପାଲ। ଗୋଟିଏ ପାର୍ଶ୍ୱରେ କାନ୍ଥ ନାହିଁ। ଆଉଜା ଯାଇଛି ଦସ୍ତା ଚାଦର ଖଣ୍ଡିଏ। ଏମିତି ଅବସ୍ଥାରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି ବୃଦ୍ଧ ଦମ୍ପତି। ପକ୍କାଘର ଖଣ୍ଡିଏ ପାଇଁ କେତେ କାହାକୁ ଗୁହାରି କରି ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁନଥିବା ସେ କହିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ବଡକୁଳ ପଞ୍ଚାୟତ ଅନ୍ତର୍ଗତ ଦହିମାଛ ଗ୍ରାମର ସୁରେନ୍ଦ୍ର ରାଉତ(୭୦) ଓ ତୁଳସୀ ରାଉତ(୬୫) ବୟସର ଅପରାହ୍ନରେ ଗୋଟିଏ ଭଙ୍ଗା କୁଡ଼ିଆରେ ଜୀବନ ଯାପନ କରୁଛନ୍ତି। ପୁଅ ନଥିବାରୁ ସୁରେନ୍ଦ୍ର ଯାହା ଜୀବନଯାକ ସଞ୍ଚୟ କରିଥିଲେ ସେଥିରେ ଦୁଇ ଝିଅଙ୍କ ବିବାହ କରିସାରିଛନ୍ତି। ବୟସର ଅପରାହ୍ନରେ ଆଉ କାର୍ଯ୍ୟ କରିବାକୁ ଶକ୍ତି ନଥିବାରୁ ମିଳୁଥିବା ଭତ୍ତା ଟଙ୍କା ଓ ରାସନ୍ ଚାଉଳ ଗଣ୍ଡିଏକୁ ନିର୍ଭରକରି ଜୀବିକା ନିର୍ବାହ କରୁଛନ୍ତି। ଛପର କରିପାରୁନଥିବାରୁ ସେହି ଚାଳିଆ ଉପରେ ଯେଉଁ ପାଲ ଖଣ୍ଡିଏ ପକାଇଛନ୍ତି ତାହା ଫାଟି ଗଲାଣି। ଗତ ବର୍ଷାରେ ପାଣି ଗଳି ଭିତର କାନ୍ଥ ଫାଟିକି ଆଁ କରିଛି। ଗୋଟିଏ ପାର୍ଶ୍ୱ କାନ୍ଥ ମଧ ଭୁଷୁଡି ପଡିଛି। ସେଥିରେ ଦସ୍ତା ଚାଦର ଖଣ୍ଡିଏ ଡେରି ଦେଇ ସେହି କୁଡ଼ିଆରେ ଦୁଇପ୍ରାଣୀ ଜୀବନ କାଟୁଛନ୍ତି। ପକ୍କାଘର ଖଣ୍ଡିଏ ପାଇଁ କେତେ ଧୋବଧୋବଲିଆ ନେତା ମାନଙ୍କୁ ଗୁହାରି କରିଛନ୍ତି ହେଲେ ଗରିବ ଲୋକ ବୋଲି ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାଁନ୍ତି ବୋଲି ଆଖି ଛଳଛଳ କରି କହିଛନ୍ତି ତୁଳସୀ ରାଉତ। ନିୟମ କାନୁନ ଜଣାଥିଲେ ପ୍ରଶାସନର ଦୁଆର ପାଖରେ ପହଞ୍ଚି ନିଶ୍ଚୟ ଗୁହାରି ଜଣାଇବାକୁ ମଧ ଯାଇଥାଆନ୍ତେ ବୋଲି ସେ କହିଛନ୍ତି।

ହେଲେ ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଆଜି ପର୍ଯ୍ୟନ୍ତ ଏ ବୃଦ୍ଧ ଦମ୍ପତ୍ତିଙ୍କୁ ପକ୍କାଘର ଖଣ୍ଡିଏ ନମିଳିବା ପଛରେ କାରଣ କଣ? ପଞ୍ଚାୟତର ଜନପ୍ରତିନିଧି ମାନଙ୍କ ନଜର ଏ ଦମ୍ପତ୍ତିଙ୍କ ଉପରେ ପଡ଼ିନାହିଁ କି? ଆଶା କରୁଛୁ ଏ ଖବର ଦେଖିବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ବୃଦ୍ଧ ଦମ୍ପତ୍ତିଙ୍କୁ ତୁରନ୍ତ ପକ୍କାଘର ଖଣ୍ଡିଏ ଯୋଗାଇ ଦେବ।

## ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ୭୬ତମ ସମ୍ବିଧାନ ଦିବସ ପାଳିତ




**ରାଜନଗର,୨୭।୧୧(ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରେ ରାଜନୀତି ବିଜ୍ଞାନ ବିଭାଗ ତରଫ ରୁ 'ସମ୍ବିଧାନ ଦିବସ' ପାଳିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବିଧାନର ଗାରିମା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସମୂହ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପଠନ କରାଯିବା ସହିତ ମୌଳିକ କର୍ତ୍ତବ୍ୟ ପଠନ କରାଯାଇଥିଲା। ଉକ୍ତ ସଭାରେ ଅଧାପକ ବିଚିତ୍ରାନନ୍ଦ ପାଣି ଉପସ୍ଥିତ ରହି ଶିକ୍ଷାଗତ ଅଧିକାର ର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନର ବିଭାଗ ମୁଖ୍ୟ ଡ଼ ପ୍ରଣତୀ ନାୟକ ମୌଳିକ ଅଧିକାର ଏବଂ ମୌଳିକ କର୍ତ୍ତବ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଅଧାପକ ପ୍ରତାପ କୁମାର ସ୍ୱାଇଁ ସମ୍ବିଧାନର ଉତ୍ପତ୍ତି ଏବଂ ସମ୍ବିଧାନରେ ବର୍ଣ୍ଣିତ ଥିବା ଭାରତୀୟ ରାଷ୍ଟ୍ରର ପ୍ରକୃତି ଯଥା ସାର୍ବଭୌମତ୍ୱ, ସମାଜବାଦ, ଧର୍ମନିରପେକ୍ଷତା, ଗଣତନ୍ତ୍ର ଏବଂ ସାଧାରଣତନ୍ତ୍ର ର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଅଧାପକ ଡ଼ ଆଲୋକ ବେହେରା ଛାତ୍ରଛାତ୍ରୀ ମାନଙ୍କୁ ଭାରତୀୟ ସମ୍ବିଧାନରେ ବର୍ଣ୍ଣିତ ଥିବା ରାଷ୍ଟ୍ରୀୟ ଲକ୍ଷ୍ୟ, ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଏବଂ ଭାତୃତ୍ୱଭାବ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ଭାରତୀୟ ରାଜନୀତି ଓ ସରକାର ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ଯଥା ଇଂରାଜୀ ରଚନା ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ଦାସ(ପ୍ରଥମ), ଆୟୁଶି ଦାସ(ଦ୍ୱିତୀୟ), ଅଙ୍କନ୍ ନାୟକ (ତୃତୀୟ) ହୋଇଥିଲେ। ସେହିପରି ଇଂରାଜୀ ତର୍କ ପ୍ରତିଯୋଗିତାରେ ସୁଧାଂଶୁବାଲା ରାଉତ (ପ୍ରଥମ), ସ୍ୱର୍ଣ୍ଣାଲତା ଦାସ (ଦ୍ୱିତୀୟ) ଏବଂ ସ୍ମୃତିରେଖା ନଥଶର୍ମା (ତୃତୀୟ) ହୋଇଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଶସିରେଖା ପ୍ରଧାନ (ପ୍ରଥମ), ସ୍ୱର୍ଣ୍ଣପ୍ରଭା ନଥାଶର୍ମା (ଦ୍ୱିତୀୟ) ଓ କରିଶ୍ମା ନାୟକ (ତୃତୀୟ) ହୋଇଥିଲେ।

## ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ନିଶ୍ଚିନ୍ତକୋଇଲି,୨୭।୧୧(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନମେଳା ୨୦୨୫ ବାବୁଜଙ୍ଗ ପଞ୍ଚାୟତ ବାବୁଜଙ୍ଗ ଉଚ୍ଚବିଦ୍ୟାଳୟ ଓ ସାଧୁ ଚରଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ବାବୁଜଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷା ରୋଜି ସେଠୀ, ସମ୍ମାନୀତ ଅତିଥି ଭାବେ ବିଇଓ ସଂଯୁକ୍ତା ମହାପାତ୍ର, ବାବୁଜଙ୍ଗ ପଞ୍ଚାୟତ ସମିତିସଭ୍ୟ ଅଭୟ ଲେଙ୍କା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଧନଞ୍ଜୟ ବରାଳ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଅପରପକ୍ଷରେ ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ କଟକସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ଯୋଗଦାନ କରି ବୈଜ୍ଞାନିକ ପ୍ରକଳ୍ପକୁ ବାସ୍ତବ ରୂପରେଖ ଦେଇପାରିଲେ ବିକଶିତ ଓଡ଼ିଶା ବିକଶିତ ଭାରତ ଗଠନ ସମ୍ଭବ, ଆଜିର ଛାତ୍ର ଛାତ୍ରୀ ଆସନ୍ତାକାଲିର ଭବିଷ୍ୟତ ସେମାନଙ୍କ ମଧରେ ବୈଜ୍ଞାନିକ ହେବାର ଭାବନା ଜାଗ୍ରତ ହୋଇପାରିଲେ କାଲି ଏହି ଛାତ୍ର ଛାତ୍ରୀମାନେ ମଧ ଜଣେ ଜଣେ ବୈଜ୍ଞାନିକ ହୋଇପାରିବେ ବୋଲି ବିଧାୟକ ମତବ୍ୟକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଣାଯାଇଥିଲା ବେଳେ ସେଥିମଧରୁ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୭ଟି ପ୍ରକଳ୍ପ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରଦର୍ଶନୀରୁ ପ୍ରାଥମିକ ବିଦ୍ୟାଳୟର ୩ଜଣ, ମାଧମିକ ବିଦ୍ୟାଳୟର ୩ଜଣ ସମୁଦାୟ ୧୩ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି।

## କୁରାଳ ପଞ୍ଚମୀ ମହାସମାରୋହରେ ପାଳିତ

**କେନ୍ଦ୍ରାପଡା,୨୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ଉପକଣ୍ଠ ଚକ୍ରପୁର ଗ୍ରାମରେ କୁମ୍ଭକାର ମାନଙ୍କର ଗଣପର୍ବ କୁରାଳ ପଂଚମୀ ମହା ସମାରୋହରେ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା କୁମ୍ଭକାର ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅରୁଣ କୁମାର ବେହେରା ତତ୍ୱାବଧାନ ରେ ପାରମ୍ପରିକ ରୀତିନୀତି ରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ବିଧାନ କରାଯାଇ ପାଳନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପ୍ରଫୁଲ୍ଲ ବେହେରା, ବାମଦେବ ବେହେରା, ଦାମୋଦର ବେହେରା, ଦୈତାରୀ ବେହେରା, କ୍ଷିରୋଦ ବେହେରା ପ୍ରମୁଖ ଗ୍ରାମର ସମସ୍ତ କୁମ୍ଭକାର ମାନେ ସହ ଯୋଗ କରିଥିଲେ ।



## ପଟ୍ଟାମୁଣ୍ଡାଇ କଲେଜରେ ସମ୍ବିଧାନ ଦିବସ ପାଳିତ




**ପଟ୍ଟାମୁଣ୍ଡାଇ,୨୭।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ଇତିହାସ ଓ ରାଜନୀତି ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ୭୬ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧାପକ ସର୍ବେଶ୍ୱର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଇତିହାସ ବିଭାଗ ମୁଖ୍ୟ ଅଧାପକ ରଞ୍ଜନ କୁମାର ବେହୁରା, ଆକ୍ୟୁଏ ସି ସଂଯୋଜକ ଅଧାପକ ସୁଭାଶିଷ ମିଶ୍ର, ପ୍ରାଧାପକ ଡ଼ ସୁନୀଲ ପ୍ରଧାନ,ଅଧାପକ ଡ଼ ନିର୍ମଳ ସାହୁ, ଆଲୋକ ସାହୁ, ରଞ୍ଜନ ବେହେରା, ରୋହିତ ବର୍ଗତି ଓ ଅଧାପିକା ଶୁଭଲକ୍ଷ୍ମୀ ପ୍ରଧାନ ଭାଷଣ ଦେଇ ଭାରତର ସମ୍ବିଧାନ ପ୍ରସ୍ତୁତିରେ ସମ୍ବୋଧନ ପ୍ରଣେତା ଡ଼ ଭୀମରାଓ ଆମ୍ବେଦକରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ଆରମ୍ଭରେ ଅଧାପକ ପୃଥ୍ୱୀରାଜ ବିଶ୍ୱାଳଙ୍କ ସଂଯୋଜନାରେ ସମସ୍ତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଅଧାପିକା ଶୁଭଶ୍ରୀ ପୋଥାଳ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପକ ପ୍ରଦ୍ୟୁମ୍ନ ପ୍ରଧାନ ଓ ଅଧାପିକା ସୀମାଙ୍ଗିନୀ ଦାସ ପରିଚାଳନା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ କଲେଜର ବହୁ ଅଧାପକ ଅଧାପିକା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ୫ ଗୋଶାଳାକୁ ୧୨ଲକ୍ଷ ଆର୍ଥିକ ଅନୁଦାନ



**କେନ୍ଦ୍ରାପଡ଼ା, ୨୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ଗୋଶାଳାକୁ ସରକାର ୧୨ଲକ୍ଷ ୨୦ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । ଏହି ଗୋଶାଳା ଗୁଡ଼ିକ ହେଉଛି ଜିଲ୍ଲାର କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଗଡେଶ୍ୱର ଗୋଶାଳା ଓ ପୋଇପାଟର ଆପୁଆ, ଗରଦପୁର ବ୍ଲକର କୋରୁଆସ୍ଥିତ ଓଁ ଆକୁଳ ପରଂବ୍ରହ୍ମ, ଡେରାବିଶ ବ୍ଲକ ଅନ୍ତର୍ଗତ ନିଳିକଣାର ସିଦ୍ଧ ବଳଦେବଜୀଉ, ରାଜନଗର ଘଡିଆମାଳର କାମଧେନୁ ଗୋଶାଳା ପ୍ରଭୃତି । କେନ୍ଦ୍ରାପଡା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ ଏହି ଗୋଶାଳା ଗୁଡିକୁ୧୨ଲକ୍ଷ ୨୦ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶିର ଚେକ ପ୍ରଦାନ କରିଛନ୍ତି । ଏହି ଗୋଶାଳା ଗୁଡିକରେ ଆଶ୍ରିତ ଗୋରୁଗାଈମାନଙ୍କ ଚିକିତ୍ସା ଓ ଖାଦ୍ୟ ନିମନ୍ତେ ସରକାରଙ୍କ ପକ୍ଷରୁ ଏହି ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି ବୋଲି ପ୍ରାଣୀ କଲ୍ୟାଣ ଅଧିକାରୀ ପ୍ରଭଞ୍ଜନ ରଞ୍ଜନ କବି ସୂଚନା ଦେଇଛନ୍ତି ।

### ଆଠ ମାସ ନ ପୁରୁଣୁ ରାସ୍ତା ଫାଟି ଆଁ କରିଥିଲା

## ମରାମତି ଆରମ୍ଭ କଲା ପୂର୍ତ୍ତ ବିଭାଗ



**ମହାକାଳପଡ଼ା,୨୭।୧୧(ସଂଚାର ବ୍ୟୁରୋ):** ରାସ୍ତା ନିର୍ମାଣ କାର୍ଯ୍ୟକୁ ଆଠ ମାସ ପୁରିନଥିଲା ବେଳେ ରାସ୍ତା ଫାଟି ଆଁ କରିଥିଲା। ଯାହା ଫଳରେ ହଜାର ହଜାର ଲୋକେ ଯାତାୟତ ଜନିତ ସମସ୍ୟାରେ ପଡ଼ିବା ସହିତ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ କରିଥିଲେ। ଏନେଇ ଗୁରୁବାର ଖବର ପ୍ରକାଶ ପରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଫାଟିକି ଆଁ କରିଥିବା ରାସ୍ତାକୁ ତାଡ଼ି ମରାମତି କାର୍ଯ୍ୟ ଆରମ୍ଭ କରିଛି ବିଭାଗ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତ ର ବାଲିକୁଦା ଠାରୁ ଗୋବର୍ଦ୍ଧନପୁର ପର୍ଯ୍ୟନ୍ତ ପାଞ୍ଚ କିଲୋମିଟର ରାସ୍ତା ପାଞ୍ଚ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ତରଫରୁ ନିର୍ମାଣ କରାଯାଇଥିଲା। ହେଲେ ରାସ୍ତା ନିର୍ମାଣକୁ ଆଠ ମାସ ପୁରିନଥିବା ବେଳେ ଦହିମାଛ ଗ୍ରାମ ନିକଟ ଚତରା ପାଖରେ ୫୦ ମିଟର ଭଳି ରାସ୍ତା ମଝିରୁ ଫାଳ ହୋଇ ଆଁ କରିଥିଲା। ଯାହା ଫଳରେ ହଜାର ହଜାର ଯାତ୍ରୀ ଯାତାୟତ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏନେଇ ଗୁରୁବାର ଦିନ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଆଜି ବିଭାଗ ତରଫରୁ ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିବା ପରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ରାସ୍ତାକୁ ତାଡ଼ି ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି।

## ରାଜକନିକା ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ



**ରାଜକନିକା, ୨୭।୧୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଯୁବ ବିଜେଡି ସଂଗଠକଙ୍କ ପବିତ୍ର ରାଉତଙ୍କ ୫୦ତମ ଜନ୍ମଦିନ ଉପଲକ୍ଷେ ଗୁରୁବାର ଦିନ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ତାଙ୍କ ଶୁଭେଚ୍ଛୁକ ମାନେ ଫଳ ବଣ୍ଟନ କାର୍ଯ୍ୟକ୍ରମ କରିଥିଲେ। ଏହି ପରିପେକ୍ଷୀରେ ଗଞ୍ଜା ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ମିଠା ଓ କଣ୍ଟପଡା ବଜାର ସ୍ଥିତ ଏମ ବି ନର୍ସିଂହୋମର ରୋଗୀମାନଙ୍କୁ ମଧ୍ୟ ଫଳ ବଣ୍ଟନ କରିଥିଲେ। ଆଜିର ଯୁବ ବର୍ଗମାନେ କେକ କାଟି ଜନ୍ମଦିନ ପାଳୁଥିବା ବେଳେ କିନ୍ତୁ ଶ୍ରୀଯୁକ୍ତ ରାଉତଙ୍କ ଜନ୍ମଦିନ ରେ ତାଙ୍କ ସୁବେଚ୍ଛୁ ମାନେ ରୋଗୀମାନଙ୍କୁ ଫଳ ବଣ୍ଟନ କାରୀ ଜନ୍ମଦିନ ପଳିଥିବାରୁ ବୁଦ୍ଧିଜୀବୀ ମହଲରେ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିବା ସୂଚନା ମିଳିଛି। ତେବେ ଶ୍ରୀଯୁକ୍ତ ରାଉତଙ୍କ ୫୦ତମ ଜନ୍ମଦିନରେ ତାଙ୍କ ପ୍ରଶଂସଙ୍କ ମାନେ ଦୀର୍ଘାୟୁ କାମନା କରିବା ସହିତ ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଛି।

## ଜିଲ୍ଲା କୁମ୍ଭକାର ସଙ୍ଘର ବାର୍ଷିକ ସମ୍ମିଳନୀ

**କେନ୍ଦ୍ରାପଡ଼ା,୨୭।୧୧(ସଂଚାର ବ୍ୟୁରୋ)** କେନ୍ଦ୍ରାପଡ଼ା ଇଛାପୁରସ୍ଥ ବଳଦେବଜୀଉଙ୍କ ରଥଦାଣ୍ଡରେ କେନ୍ଦ୍ରାପଡ଼ା ଜିଲ୍ଲା କୁମ୍ଭକାର ସଙ୍ଘର ୧୨୪ ତମ ଖଟଣି ଉତ୍ସବ ଏବଂ ବାର୍ଷିକ କୁମ୍ଭକାର ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବଳଦେବଜୀଉ ଙ୍କ ନିକଟରେ ଖଟଣି ଭୋଗ ଲାଗି କରିବା ସହିତ ବୃତ୍ତିଗତ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ରତ୍ନାକର ବେହେରା ସଭାପତିତ୍ୱରେ କରିଥିଲେ । ରାଜ୍ୟସଂଗଠନ ଓଡିଶା କୁରାଳ ମହାସଂଘର ସମ୍ପାଦକ ଜୟରାମ ସାହୁ, ରାଜ୍ୟ ସଙ୍ଘ ଉପସଭାପତି ରାମଚନ୍ଦ୍ର ମୁଦୁଲି, କଟକ ଜିଲ୍ଲା ସଙ୍ଘ ସମ୍ପାଦକ ରବିନ୍ଦ୍ର କୁମାର ବେହେରା, ଜଗତସିଂହପୁର ଜିଲ୍ଲା ପୂର୍ବତନ ସଭାପତି ବ୍ରହ୍ମାନନ୍ଦ ରଣା, କୁଜଙ୍ଗ ବ୍ଲକ ସଙ୍ଘର ନିରଞ୍ଜନ ବେହେରା, ଶିଳ୍ପୀ ସୁରେନ୍ଦ୍ରନାଥ ରଣା, ରାଜନଗର ବ୍ଲକର ବିଷ୍ଣୁଚରଣ ବେହେରା, ଟହଲି ପ୍ରସାଦ ବେହେରା, ସରୋଜ କୁମାର ବେହେରା, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ବିଚିତ୍ରାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ଶ୍ୟାମସୁନ୍ଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ମହାକାଳପଡ଼ା ବ୍ଲକର ରବିନ୍ଦ୍ର କୁମାର ବେହେରା, ତଥାଗତ ବେହେରା,ରଞ୍ଜନ ବେହେରା, ମାର୍ଶାଘାଇ ବ୍ଲକର ଦିବାକର ବେହେରା, ସଞ୍ଜୟ ସାହୁ,ମନୋରଞ୍ଜନ ବେହେରା, ଡେରାବିଶବ୍ଲକର ସରୋଜ ବେହେରା, ଆଳିର ସୁଶାନ୍ତ ବେହେରା,ପଟ୍ଟାମୁଣ୍ଡାଇ ବ୍ଲକର ବିଜୟ ବେହେରା, କେନ୍ଦ୍ରାପଡ଼ା ବ୍ଲକର ନିରଞ୍ଜନ ରଣା, ପଦନ ବେହେରା, ରାଜକନିକା ବ୍ଲକର ଦାମୋଦର ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରାଜନଗର,୨୭।୧୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଅନ୍ତର୍ଗତ ବନ୍ଧପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ସ୍ୱାଇଁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ତାଙ୍କର ଦୀର୍ଘ ୩୫ ବର୍ଷର ଶିକ୍ଷକତା ଜୀବନ, ଆଦର୍ଶ କାର୍ଯ୍ୟବଳୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଶିକ୍ଷକ ନେତା ଦୟାନିଧି ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ଶିକ୍ଷକ ଅଲେଖ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୌରାଙ୍ଗ ଚରଣ ନାୟକ, ବିଜୟ କୁମାର ପରିଡା, ବୀର କିଶୋର ଜେନା, ସାମ୍ବାଦିକ ଭାସ୍କର ରାଉତରାୟ, ମଧପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ନାୟକ, ପ୍ରତିଷ୍ଠାତା ପୂର୍ଣ୍ଣ ଚନ୍ଦ୍ର ବଳ, ସରୋଜ ନାଥ, ବଟକୃଷ୍ଣ ସେଠୀ, ଘନଶ୍ୟାମ ରାଉତ, ସଚିନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କ କର୍ମମୟ ଜୀବନଧାରା ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଅଜସ୍ର ସୁନାମ ପାଇଥିବାରୁ ପ୍ରସଂସା କରିଥିଲେ।

## ସାଂସଦ ଖେଳ ମହୋତ୍ସବ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୨୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ସାଂସଦ ଖେଳ ମହୋତ୍ସବ ୨୦୨୫ ପାଇଁ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସଭା ଅଧିନରେ ଥିବା ୪୯ଟି ଜୋନ ସ୍ତରରେ ପ୍ରଥମ ପର୍ଯ୍ୟାୟରେ ୧୮ ତାରିଖ ସୁଦ୍ଧା କ୍ରୀଡା ସରିଯାଇଛି । ଆସନ୍ତା ଡିସେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ସୁଦ୍ଧା ଲୋକସଭାର ୧୩ଟି ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ଖେଳ ସରିବାର କାର୍ଯ୍ୟକ୍ରମ ରହିଛି। ସାଂସଦ କ୍ରୀଡାରେ ଜୋନ ସ୍ତରରେ ଭାଗ ନେଇ ଉତୀର୍ଣ୍ଣ ହୋଇଥିବା କ୍ରୀଡାବିତ୍ ମାନେ ଆସନ୍ତା ୧ ତାରିଖରୁ ଆରମ୍ଭ ହେଉଥିବା ବ୍ଲକ ସ୍ତରୀୟ କ୍ରୀଡାରେ ଭାଗ ନେବେ। ବ୍ଲକ ସ୍ତରରେ ଭାଗ ନେଇ ଉତୀର୍ଣ୍ଣ ହୋଇଥିବା କ୍ରୀଡାବିତ୍ ମାନେ ଡିସେମ୍ବର ୨୫ ତାରିଖ ଜିଲ୍ଲା ସ୍ତରରେ ଫାଇନାଲ ଖେଳରେ ଅଂଶ ଗ୍ରହଣ କରିବେ ବୋଲି ଜଣାପଡିଛି।

# ଶିକ୍ଷକଙ୍କ ବଦଳି ବାତିଲ୍ ଦାବିରେ ଛାତ୍ରଛାତ୍ରୀଙ୍କ ବିକ୍ଷୋଭ



**ରାଜନଗର,୨୭।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏଁ ରହିଛି। ୮ଟି ଶ୍ରେଣୀରେ ୧୧୧ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟରେ ଦୁଇଜଣ ଶିକ୍ଷକରେ ପାଠପଢ଼ା ହେଉଛି। ଶିକ୍ଷକ ଅଭାବ ନେଇ ଗ୍ରାମବାସୀ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ଶିକ୍ଷକ ନିଯୁକ୍ତି ନହେବାରୁ ଗତକାଲି ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ଫାଟକରେ ଅଭିଭାବକମାନେ ତାଲା ପକାଇବା ସହିତ ପିଲାଙ୍କୁ ବିଦ୍ୟାଳୟ ଛାଡିନଥିଲେ।

ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବାରୁ ବ୍ଲକ ଶିକ୍ଷାଧିକାରୀ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ନିରଞ୍ଜନ ପଲ୍ଲେଇଙ୍କୁ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଟେକ କ୍ଲାସରେ ଯୋଗଦେବା ପାଇଁ ଅର୍ଡର କରିଥିଲେ। ଆଜି ସକାଳ ୯ଟା ବେଳେ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଶତାଧିକ ଛାତ୍ରଛାତ୍ରୀ ସ୍କୁଲ ସମ୍ମୁଖରେ ବସି ରହିଥିଲେ। ଶିକ୍ଷକମାନେ ଗୋଟେ ପଟେ ଛିଡା ହୋଇ ଛାତ୍ରଛାତ୍ରୀଙ୍କୁ ସ୍ଲୋଗାନ ଦେବାକୁ ପ୍ରମଟିଙ୍ଗ କରୁଥିଲେ। ଆମର ଦାବି ପୂରଣ ହେଉ, ସାରଙ୍କ ବଦଳି ବାତିଲ କର ଆଦି ସ୍ଲୋଗାନ କୋମଳମତି ଛାତ୍ରଛାତ୍ରୀମାନେ ଦେଉଥିଲେ। ଏହି ବିଦ୍ୟାଳୟରେ ମୋଟ ୭୧୫ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ୧୦ଟି ଶ୍ରେଣୀ ପାଇଁ ୧୯ ଜଣ ଶିକ୍ଷକ ଥିଲେ। ଗତକାଲି ହାଇସୁଲ ପାଇଁ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ବିଦ୍ୟାଳୟରେ ଶିକ୍ଷକଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି।

ଅନ୍ୟପକ୍ଷରେ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏଁ ୮ଟି ଶ୍ରେଣୀ ପାଇଁ ମାତ୍ର ୨ ଜଣ ଶିକ୍ଷକ ଥିବାରୁ ଓ ବିଦ୍ୟାଳୟରେ ଅଭିଭାବକମାନେ ତାଲା ପକାଇଥିଲେ। ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ପଲ୍ଲେଇଙ୍କୁ ନୂଆଗାଁ ବିଦ୍ୟାଳୟକୁ ଡେପୁଟେସନରେ ଯିବା ପାଇଁ ଅର୍ଡର ବାହାର କରିଥିଲେ। ଆଜି ଶିକ୍ଷକ ଜଣଙ୍କ ନୂତନ ବିଦ୍ୟାଳୟକୁ ଯାଇନଥିବା ବେଳେ ଛାତ୍ରଛାତ୍ରୀ ରାସ୍ତାରେ ବସିବା ଘଟଣା ଆଲୋଡନ ସୃଷ୍ଟି କରିଛି।

## ଡେରାବିଶ ତହସିଲରେ ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣି ଶିବିର

### ନ୍ୟାୟ ପାଇଁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ ଅଭିଯୋଗକାରୀ




**ଡେରାବିଶ,୨୭।୧୧(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳଙ୍କ ରାଜସ୍ୱ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୩ ଜଣ ବ୍ୟକ୍ତି ଉପସ୍ଥିତ ରହି ସେମାନଙ୍କର ଜମିଜମା ସମସ୍ୟାର ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଡେପୁଟି କଲେକ୍ଟର ରମେଶ ପଣ୍ଡା, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଗ୍ରହଣ କରିଥିଲେ। ଏଥିସହିତ କିଛି ବ୍ୟକ୍ତିଙ୍କ ଅଭିଯୋଗକୁ ତ୍ୱରିତ ସମାଧାନ କରାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମ ପ୍ରହସନ ବୋଲି ବହୁ ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ତେବେ ଆଜି ତହସିଲ ଅଧୀନ ପଲ୍ଲୀରଘୁନାଥପୁର ଗ୍ରାମର ଜଣେ ଅଭିଯୋଗକାରୀ ରାମଚନ୍ଦ୍ର ଜେନା ତାଙ୍କ ତାଙ୍କ ଜମିକୁ ଚଞ୍ଚକତା କରି ଅନ୍ୟଜଣେ ବ୍ୟକ୍ତି କିଣିଥିବା ଅଭିଯୋଗ କରିବା ସହ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ ତାଙ୍କୁ ନ୍ୟାୟ ମିଳୁନଥିବାରୁ ସେ ଆଜି ତାଙ୍କ ଅଭିଯୋଗକୁ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହ ନ୍ୟାୟ ପାଇବା ପାଇଁ ତହସିଲ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣରେ ବସିରହିଥିଲେ। ଅଭିଯୋଗକାରୀ ଶ୍ରୀ ଜେନା ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ଓ ଛୋଟି ରାଜସବ ନିରୀକ୍ଷକ ବିଶ୍ୱବିଜୟୀ ପରିଡ଼ାଙ୍କ ଅନ୍ୟାୟ କାର୍ଯ୍ୟ ନିମନ୍ତେ ତାଙ୍କୁ ତତ୍କାଳ ନିଲମ୍ବନ ଓ ଗିରଫ ଦାବିରେ ଧାରଣାରେ ବସିରହିଥିଲେ।

# ବିଧାନସଭାରେ ରାଷ୍ଟ୍ରପତି: ଏକ ଅଭୁଲା ମୁହୂର୍ତ୍ତ


ରାଷ୍ଟ୍ରପତିଙ୍କୁ ଉପଢ଼ୌକନ ଦେଇ ମେମେଣ୍ଟୋ ଦେଉଛନ୍ତି ବାଚସ୍ପତି ସୁରମା ପାଢ଼ି।


ବିମାନ ବନ୍ଦରରେ ସ୍ୱାଗତକଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।


ବିଧାନସଭାରେ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି।


ଭାଇଙ୍କୁ ସମ୍ମାନ ଜଣାଇଲେ ଭଉଣୀ ।


ରାଷ୍ଟ୍ରପତିଙ୍କୁ ସ୍ୱାଗତ କରୁଛି ପୂରା ବିଧାନସଭା।


ବିଧାୟକ ଓ ପୂର୍ବତନ ବିଧାୟକଙ୍କ ସହ ରାଷ୍ଟ୍ରପତିଙ୍କ ଫଟୋ ସେସନ।


ଫଟୋ ସେସନରେ ସହର୍ଷ ମୁଦ୍ରାରେ ନବୀନ ଓ ଧର୍ମେନ୍ଦ୍ର ।


ରାଜଭବନରେ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ନୈଶ୍ୟଭୋଜି।

## ବିଭାଗ କଠୋର, ସାବାଡ଼ ହେବେ ଅମାନିଆ

- ୨୪୧ ଯାନର ପଞ୍ଜିକରଣ ପ୍ରମାଣପତ୍ର ରଦ୍ଦ
- ପ୍ରସ୍ତୁତ ହେଉଛି ନିୟମିତ ବିପଦ ସୃଷ୍ଟିକାରୀ ଗାଡ଼ି ତାଲିକା
- ଆଗାମୀ ଦିନରେ ବ୍ୟାପକ ହେବ କାର୍ଯ୍ୟାନୁଷ୍ଠାନ

**କଟକ/ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ପରିବହନ ବିଭାଗ ପକ୍ଷରୁ 'ଶୂନ ମୃତାହତ ପକ୍ଷ' ପାଳିତ ହେଉଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସଚେତନତା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଏନଫୋର୍ସମେଣ୍ଟକୁ ବ୍ୟାପକ କରାଯାଇଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟବ୍ୟାପୀ ପରିବହନ ବିଭାଗ ଓ ପୁଲିସ ପ୍ରଶାସନର ସହଭାଗିତାରେ ମୋଟର ଯାନର ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯାଉଛି। ଏହାଛଡ଼ା ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯାଉଛି। ବାରମ୍ବାର ନିୟମ ଉଲ୍ଲଙ୍ଘନ କରି ସଡ଼କରେ ବିପଦ ସୃଷ୍ଟି କରୁଥିବା ଯାନର ତାଲିକା ବି ପ୍ରସ୍ତୁତ ହେଉଛି। ପ୍ରଥମ ପର୍ଯ୍ୟାୟରେ ୨୪୧ ଯାନର ପଞ୍ଜିକରଣ ପ୍ରମାଣପତ୍ର ରଦ୍ଦ କରାଯାଇଥିବା ବେଳେ ଆଗାମୀ ଦିନରେ ଏହି ଧାରା ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ସମ୍ବଲପୁର ଆରଟିଓର ୫୭, ସୁନ୍ଦରଗଡ଼ ଆରଟିଓର ୫୨, ଭୁବନେଶ୍ୱର ଆରଟିଓ-୧ର ୨୭, ଜଗତସିଂହପୁର ଆରଟିଓର ୨୨, କଟକ ଆର୍‌ଟିଓର ୨୨, ବରଗଡ଼ ଓ ବାଲେଶ୍ୱର ଆର୍‌ଟିଓର ୯ଟି ଲେଖାଏଁ, ଭୁବନେଶ୍ୱର-୨ ଓ ଝାରସୁଗଡ଼ା ଆର୍‌ଟିଓର ୬ଟି ଲେଖାଏଁ, ଚଣ୍ଡିଖୋଲ ଓ କେନ୍ଦ୍ରାପଡ଼ା ଆର୍‌ଟିଓର ୫ଟି ଲେଖାଏଁ, ଭଦ୍ରକ ଓ ରାଉରକେଲା ଆର୍‌ଟିଓର ୪ଟି ଲେଖାଏଁ, ଯାଜପୁର, କେନ୍ଦୁଝର, ରାଇରଙ୍ଗପୁର, ବଡ଼ବିଲର ୨ଟି ଲେଖାଏଁ ଏବଂ ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଳଚେର ଆରଟିଓର ଗୋଟିଏ ଲେଖାଏଁ ଗାଡ଼ି ରହିଛି। ଏହି ଗାଡ଼ିଗୁଡ଼ିକ ମଧ୍ୟରୁ ଅନେକ ଗାଡ଼ି ୫୦ରୁ ଅଧିକ ଥର ଆଇନ ଉଲ୍ଲଙ୍ଘନ କରିଛନ୍ତି। ଏପରିକି କେତେକ ଗାଡ଼ି ୧୦୦ରୁ ଅଧିକ ଥର ନିୟମ ଭାଙ୍ଗି ପଞ୍ଜିକରଣ ହରାଇଛନ୍ତି। ଆଗାମୀ ଦିନରେ ଏପରି ଅଭ୍ୟାସଗତମାନଙ୍କୁ ସାବାଡ଼ କରିବା ସକାଶେ ମୋଟର ଯାନ ଆଇନ୍‌କୁ ଆହୁରି କଡ଼ାକଡ଼ି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ 'ଶୂନ ମୃତାହତ ପକ୍ଷ' ପାଳନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ୧ରୁ ରୋଷେୟା ସେବାୟତ ମହାସଂଘର ବିଧାନସଭା ଘେରାଉ

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ଆସନ୍ତା ୧ରୁ ରୋଷେୟା ସେବାୟତ ମହାସଂଘ ପକ୍ଷରୁ ବିଧାନସଭା ଘେରାଉ ପାଇଁ ନିଷ୍ପତ୍ତି ହୋଇଛି। ଆଜି ଏନେଇ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଆସନ୍ତା ୧ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ୮ ଦଫା ଦାବି ପୂରଣ ପାଇଁ ବିଧାନସଭା ସମ୍ମୁଖରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ରାଜ୍ୟର ୩୦ଟି ଜିଲ୍ଲାରୁ ରୋଷେୟାମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବେ। ରାଜ୍ୟ ଆବାହକ ଦିଗମ୍ବର ଜେନା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ରୋଷେୟାମାନେ ଦୀର୍ଘ ୨୦ ରୁ ୨୫ ବର୍ଷ ଧରି ନିଷ୍ଠାପର



ଭାବେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ପରିଶ୍ରମ ଅନୁସାରେ ସୁବିଧାସୁଯୋଗ ମିଳୁନାହିଁ। ସରକାରଙ୍କ ନିୟମ ଅନୁସାରେ ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ କରାଯିବାର ବ୍ୟବସ୍ଥା ରହିଛି। ଏନେଇ ଗତ ଜୁଲାଇ ୨୪ ତାରିଖରେ ସ୍ଥାୟୀ ନିଯୁକ୍ତି ନିମନ୍ତେ ନିର୍ଦ୍ଦେଶନାମା ବି ଜାରି କରାଯାଇଛି। କିନ୍ତୁ ଏହାକୁ ଲାଗୁ କରାଯିବା ନେଇ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ତେଣୁ ଏ ଦିଗରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଶ୍ରୀ ଜେନା ଦାବି କରିଛନ୍ତି। ଏହାଛଡ଼ା ମହାସଂଘର ସାଧାରଣ ସମ୍ପାଦିକା ରୀନା ମୁର୍ମୁ ରାଜ୍ୟରେ କାର୍ଯ୍ୟରତ ୧୪ ହଜାର ରୋଷେୟାଙ୍କୁ ମାସିକ ୧୮ ହଜାର ଟଙ୍କା ଦରମା ପ୍ରଦାନ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ସଂଘର ପ୍ରମୁଖ ଦାବି ମଧ୍ୟରେ ବେତନ ବୃଦ୍ଧି, ପ୍ରତ୍ୟେକ ରୋଷେୟାଙ୍କୁ ଇପିଏଫ୍ ସୁବିଧା, ଯୁକ୍ତ ଦୁଇ ପାସ୍ କରିଥିବା ରୋଷେୟାଙ୍କୁ ସିଟି ତାଲିମ୍ ପ୍ରଦାନ, ଆଇନ୍ ଅନୁସାରେ ୬ ବର୍ଷ କାର୍ଯ୍ୟ କରିଥିବା ରୋଷେୟା ତଥା ସେବାୟତଙ୍କ ଚାକିରିକୁ ନିୟମିତ, ଠିକା କର୍ମଚାରୀ ବ୍ୟବସ୍ଥାକୁ ବାଦ୍ ଦେବା ଆଦି ପ୍ରମୁଖ ରହିଛି। ଏଥିସହ ଆସନ୍ତା ୧ ତାରିଖରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭରେ ଅଧିକରୁ ଅଧିକ ସଂଖ୍ୟାରେ ରୋଷେୟା ସେବାୟତ ଯୋଗଦେବା ସକାଶେ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି।

## ହ୍ୟୁମାନଙ୍କ ମୃତ୍ୟୁର ତଦନ୍ତ ହେଉ: ଶ୍ରୀତମ

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ଆରୋପ ପ୍ରତିଆରୋପ ପର୍ବ ଜାରି ରହିଥିବା ବେଳେ ଓଡ଼ିଶା ସିନେମା କଳାକାର ସଙ୍ଘ ସାଧାରଣ ସମ୍ପାଦକ ଶ୍ରୀତମ ଦାସ ଆଜି ଏହି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି। ଶ୍ରୀତମ କହିଛନ୍ତି ଯେ ହ୍ୟୁମାନ୍‌ଙ୍କ ମୃତ୍ୟୁ ସମ୍ପର୍କରେ ବିଭିନ୍ନ ସମୟରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ଏନେଇ ଏକାଧିକ ଏତଲା ମଧ୍ୟ ଦାୟର୍ ହୋଇଛି ଓ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି ହୋଇଛି। ଏପରି ସ୍ଥିତିରେ ଓଡ଼ିଶାବାସୀ ହ୍ୟୁମାନଙ୍କ ମୃତ୍ୟୁର ସତ୍ୟାସତ୍ୟ ଜାଣିବାର ଆବଶ୍ୟକତା ରହିଛି। ତେଣୁ ହ୍ୟୁମାନଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ବୋଲି ଅଭିଯୋଗ ହେଉଛି, ତା'ର ବିଧିବଦ୍ଧ ତଦନ୍ତ ହେବା ଜରୁରୀ। ତଦନ୍ତ ପାଇଁ



ଏକ କମିଟି ଗଠନ କରାଯାଇ ଏହି କମିଟିରେ ପୂର୍ବତନ ବିଚାରପତି, ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ରଖାଗଲେ, ଘଟଣାର ନିରପେକ୍ଷ ତଦନ୍ତ ହୋଇପାରିବ। ହ୍ୟୁମାନ ଜଣେ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଅକାଳ ବିୟୋଗକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ସଠିକ୍ ତଦନ୍ତ ହେଲେ ଓଡ଼ିଶାବାସୀଙ୍କ ମନରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ନେଇ ଯେଉଁ ସନ୍ଦେହ ରହିଛି, ତା' ଦୂର ହୋଇପାରିବ ବୋଲି ଶ୍ରୀତମ କହିଛନ୍ତି।

### ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

## ଝାରପଡ଼ା ଜେଲ୍‌ରେ ସିବିଆଇର ତନାଘନା

**କଟକ,୨୭।୧୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ତଦନ୍ତ ସିବିଆଇ କରୁଥିବା ବେଳେ ଏହି ମାମଲାରେ ଅଧିକ ତଥ୍ୟ ହାସଲ ପାଇଁ ଆଜି ଏକ ଟିମ୍ ସ୍ଥାନୀୟ ଝାରପଡ଼ା ଜେଲ୍‌ରେ ପହଞ୍ଚି ତନାଘନା କରିଥିବା ଜଣାପଡ଼ିଛି। ୪ ଅଭିଯୁକ୍ତ ଲୋକନାଥ ସାହୁ, ତାରିଫ ଅହମ୍ମଦ ଖାନ, ବିଶ୍ୱରଞ୍ଜନ ବେହେରା ଓ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ୩ଦିନିଆ ରିମାଣ୍ଡରେ ନେବାକୁ ଝାରପଡା ଜେଲ୍‌ରେ ଏହି ଟିମ୍ ଡେରା ପକାଇଛି। ୪ ଅଭିଯୁକ୍ତଙ୍କୁ ତିନିଦିନିଆ ରିମାଣ୍ଡରେ ନେବା ସକାଶେ ଗତକାଲି ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ ଅନୁମତି ଦେଇଥିଲେ।

ଏସ୍‌ଆଇ ପରୀକ୍ଷା ଜାଲିଆତିକୁ ନିକଟ ଅତୀତରେ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ବଡ଼ ସ୍କାମ୍ ବୋଲି କୁହାଯାଉଛି। ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର ନିଯୁକ୍ତି



ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ପ୍ରଥମେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଥିଲା। ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ସନ୍ଦେହରେ ଏହି ନିଷ୍ପତ୍ତି ହୋଇଥିଲା। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ଏପରି ବଡ଼ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହ ଅନ୍ୟାନ୍ୟ ରାଜ୍ୟକୁ ବି ବ୍ୟାପିଛି। ଏହା ସହିତ ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ସନ୍ଦେହ ହୋଇଥିଲା। ସବୁକୁ ଦୃଷ୍ଟିରେ ରଖି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାସ କରିବାକୁ ମୁଖ୍ୟମନ୍ତ୍ରୀ ସିବିଆଇକୁ ତଦନ୍ତ ଭାର ହସ୍ତାନ୍ତର କରିଥିଲେ। ଏବେ ସୁଦ୍ଧା ଜାଲିଆତି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଯାଇସାରିଛି। ସେମାନଙ୍କ ମଧ୍ୟରୁ ୧୧୪ ଜଣଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୫୦ ହଜାର ଟଙ୍କା ଓ ୨ ଜାମିନଦାରଙ୍କ ମୁଚାଲିକାରେ ଜାମିନ ପ୍ରଦାନ କରାଯାଇସାରିଛି।



## ବିଧାନସଭା ଖବର

### 'ମନ୍ଥା' ପ୍ରଭାବିତଙ୍କୁ ୩.୨୩ କୋଟିର କ୍ଷତିପୂରଣ

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ଗତ ମାସରେ ଅନୁଭୂତ ବାତ୍ୟା 'ମନ୍ଥା' ପ୍ରଭାବରେ ରାଜ୍ୟର ୧୧ଟି ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ପ୍ରଭାବରେ ୨୫୨୮ ହେକ୍ଟର ଚାଷଜମି ନଷ୍ଟ ହୋଇଛି ଓ ଚାଷୀଙ୍କୁ କ୍ଷତିପୂରଣ ବାବଦରେ ୩ କୋଟି ୨୩ ଲକ୍ଷ ଟଙ୍କା ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ପ୍ରଦାନ କରାଯାଇଛି। ଆଜି ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବାତ୍ୟା ମନ୍ଥା ପ୍ରଭାବରେ ବାଲେଶ୍ୱର, ଗଜପତି, ଗଞ୍ଜାମ, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ପୁରୀ, ରାୟଗଡା ଓ ସମ୍ବଲପୁର ଜିଲ୍ଲା ପ୍ରଭାବିତ ହୋଇଥିଲା। ୭ଟି ଜିଲ୍ଲା ଯଥା ଗଜପତି, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ପୁରୀ, ରାୟଗଡା ଓ ସମ୍ବଲପୁରରେ ଚାଷ ନଷ୍ଟ ହୋଇଥିଲା। 'ମନ୍ଥା' ପ୍ରଭାବରେ ୯୨୬୩ ହେକ୍ଟର ଚାଷଜମି ନଷ୍ଟ ହୋଇଥିବା ବେଳେ ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଥିବା ଜମିର ପରିମାଣ ୨୫୨୮ ହେକ୍ଟର। ଏହା ପ୍ରଭାବରେ ସର୍ବାଧିକ ୧୨୬୨ ହେକ୍ଟର ଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିବା ମନ୍ତ୍ରୀ ଶ୍ରୀ ପୂଜାରୀ ଦର୍ଶାଇଛନ୍ତି।

#### ୫ ବର୍ଷରେ ୫୬ ହଜାରରୁ ଉର୍ଦ୍ଧ୍ୱ ଦୁର୍ଘଟଣା

### ୨୭୧୬୭ ଯାତ୍ରୀଙ୍କ ଜୀବନ ଯାଇଛି

ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୫୬ ହଜାରରୁ ଅଧିକ ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୨୭ ହଜାରରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ସଡକ ଦୁର୍ଘଟଣାରେ ମୃତ ଓ ଆହତମାନଙ୍କୁ ସରକାର କ୍ଷତିପୂରଣ ବାବଦରେ ୨୩ କୋଟି ଟଙ୍କାରୁ ଅଧିକ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। ଆଜି ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୦ରୁ ୨୦୨୪ ବର୍ଷ ମଧ୍ୟରେ ରାଜ୍ୟରେ ମୋଟ୍ ୫୬,୮୮୪ଟି ସଡକ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ମୋଟ୍ ୨୭,୧୬୭ ଜଣ ମୃତ୍ୟୁବରଣ କରିଛନ୍ତି। କ୍ଷତିପୂରଣ ବାବଦରେ ଆହତ ବ୍ୟକ୍ତି ଓ ମୃତକଙ୍କ ସମ୍ପର୍କୀୟଙ୍କୁ ୨୩ କୋଟି ୧୭ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିଭଳି ଏହି ୫ବର୍ଷ ମଧ୍ୟରେ ସଡକ ସୁରକ୍ଷା ବାବଦରେ ସରକାର ୮୯ କୋଟି ୭୩ଲକ୍ଷ ଟଙ୍କା ବ୍ୟୟ କରିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ଦର୍ଶାଇଛନ୍ତି ଯେ ସଡକ ଦୁର୍ଘଟଣା ରୋକିବାପାଇଁ ଲୋକଙ୍କମାନଙ୍କୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ବ୍ୟାପକ ଭାବେ ସଚେତନ କରାଯାଉଛି। ଭାରୀଯାନ ଚାଳକମାନଙ୍କୁ ସୁବାହକ ଯୋଜନାରେ ତାଲିମ ଦିଆଯିବା ସହିତ ପିକ୍‌ନିକ୍ ଋତୁରେ ସଡକ ସୁରକ୍ଷାକୁ ଦୃଷ୍ଟିରେଖି ଏସଓପି ପ୍ରଣୟନ କରାଯାଇଛି। ସଡକ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୩୭ଟି ଇଣ୍ଟରସେପ୍ଟର ଓ ୩୮ଟି ହାଇୱେ ପେଟ୍ରୋଲିଂ ଯାନ ମୁତୟନ କରାଯାଇଛି।

### ସାମ୍ବାଦିକଙ୍କୁ ପେନ୍‌ସନ ପ୍ରସ୍ତାବ ବିଚାରାଧୀନ ରହିଛି

ସାମ୍ବାଦିକମାନଙ୍କୁ ପେନ୍‌ସନ ପ୍ରଦାନ ପାଇଁ ଆସିଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କର ବିଚାରାଧୀନ ରହିଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ପେନ୍‌ସନ ପ୍ରଦାନ ନେଇ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ସାମ୍ବାଦିକମାନଙ୍କୁ ପେନ୍‌ସନ ପ୍ରଦାନ ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ଦିଆଯାଇଥିବା ଅନୁରୋଧ ପତ୍ର ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସରକାର ଏହା ଉପରେ ବିଚାର କରୁଛନ୍ତି। ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ।

### ଝାରସୁଗୁଡ଼ାରେ ଚାଲୁଛି ୧୪ ହଜାରରୁ ଅଧିକ ଟ୍ରକ୍

ଝାରସୁଗୁଡା ଜିଲ୍ଲାରେ ୧୪ ହଜାରରୁ ଅଧିକ ଟ୍ରକ ଚଳାଚଳ କରୁଥିବା ବେଳେ ଏଗୁଡ଼ିକର ପାର୍କିଂ ପାଇଁ ଗୋଟିଏ ମାତ୍ର ଟ୍ରକ ଟର୍ମିନାଲ ରହିଛି। ସେହିପରି ପାର୍କିଂକୁ ଅଧିକ ସୁବିଧାଜନକ କରିବା ସକାଶେ ଆଉ ଏକ ଟ୍ରକ ଟର୍ମିନାଲ ନିର୍ମାଣାଧୀନ ଥିବା କହିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଝାରସୁଗୁଡାରେ ବିଭିନ୍ନ କିସମର ଯାନ ଚଳାଚଳ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଯେ ଜିଲ୍ଲାରେ ୧୫,୦୬୩ଟି ଭାରିଯାନ ଚଳାଚଳ କରୁଥିବା ବେଳେ ଏଥିରେ ୧୪,୧୬୭ଟି ଟ୍ରକ, ୭୯ଟି ଟ୍ୟାଙ୍କର, ୨୪୦ଟି କ୍ରେନ୍, ୫୭୭ଟି ନିର୍ମାଣ ଉପକରଣ ଯାନ ରହିଛି। ସେହିଭଳି ୪୩୭ଟି ଯାତ୍ରୀବାହୀ ଯାନ, ୩୩,୧୯୪ଟି ଚାରିଚକିଆ ଯାନ, ୧ ଲକ୍ଷ ୯୨ ହଜାର ୮୭୫ଟି ଦୁଇଚକିଆ ଓ ୨୨୨୭ଟି ଅନ୍ୟାନ୍ୟ ଯାନ ଚଳାଚଳ କରୁଛି। ଜିଲ୍ଲାରେ ଚଳାଚଳ କରୁଥିବା ଟ୍ରକଗୁଡିକର ପାର୍କିଂ ପାଇଁ ୪୯ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ୯ ନମ୍ବର ଢାବା ନିକଟସ୍ଥ ଗାନ୍ଧୀଛକ ଠାରେ ଗୋଟିଏ ଟର୍ମିନାଲ ରହିଛି ଏବଂ ଆଉ ଗୋଟିଏ ଟର୍ମିନାଲ ପଣ୍ଡୁରୀପଥରଠାରେ ନିର୍ମାଣାଧୀନ ଅବସ୍ଥାରେ ଅଛି। ଆଗାମୀ ଦିନରେ ୧୦ ନମ୍ବର ରାଜ୍ୟ ରାଜପଥ ନିକଟସ୍ଥ ଝରିଆନଏର ଗ୍ରାମ, ବାଗମୁର୍ଣ୍ଡା ଓ ୪୯ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ବୁଡୋଲୋଇ ଗ୍ରାମରେ ୩ଟି ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

## ରୋଷେଇ ବେଳେ ଅଘଟଣ, ପୋଡ଼ିଗଲେ ପାଚିକା



**ବେଲବାହାଲୀ,୨୭।୧୧(ସଂଚାର ବ୍ୟୁରୋ):** ରୋଷେଇ କରିବା ସମୟରେ ଶାଢ଼ିରେ ନିଆଁ ଲାଗିଯିବା ଫଳରେ ପାଚିକା ଜଣଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ହାତିବନ୍ଧା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ଗୁରୁତର ଭାବେ ଆହତ ପାଚିକାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଆନନ୍ଦପୁର ବ୍ଲକ ହାତିବନ୍ଧା ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ତଅପୋଇ ପ୍ରଧାନ ରୋଷେଇ କରୁଥିବା ସମୟରେ ଅସାବଧାନତାବଶତଃ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ଅନ୍ୟ ୩ ଜଣ ସହାୟିକା ଓ ପାଚିକା ସଉଦା ଆଣିବାକୁ ଗାଁ ଦୋକାନକୁ ଯାଇଥିବା ବେଳେ ଏହି ଘଟଣା ଘଟିଥିଲା। ପାଚିକାଙ୍କ ଲୁଗାରେ ନିଆଁ ଲାଗିଯାଇଥିବା ଦେଖି ଛାତ୍ରଛାତ୍ରୀମାନେ ତାଙ୍କ ଉପରେ ପାଣି ଢାଳିଥିଲେ। ସ୍ଥାନୀୟ ଲୋକେ ତଅପୋଇଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ମାଧ୍ୟମରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ତଅପୋଇ ଅସହାୟ ମହିଳା ହୋଇଥିବା ବେଳେ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ୧୦୮ତମ ଜୟନ୍ତୀ ପାଳିତ

## ବିରେନ୍ ମିତ୍ରଙ୍କ ପରି ରାଜନେତାଙ୍କ ଆବଶ୍ୟକତା ରହିଛି

**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ) :** ଓଡ଼ିଶା ରାଜନୀତି ଇତିହାସରେ ବିଜୁ ପଟ୍ଟନାୟକ ଓ ଡ. ହରେକୃଷ୍ଣ ମହତାବଙ୍କ ପରି ବିରେନ୍ ମିତ୍ର ମଧ୍ୟ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ଓଡ଼ିଶା ରାଜନୀତିରେ ଯେତେବେଳେ ସଙ୍କଟ ଦେଖାଯାଇଛି, ସେତେବେଳେ ଏହି ବିଶିଷ୍ଟ ରାଜନେତାମାନେ ସମାଧାନର ବାଟ ବାହାର କରିଛନ୍ତି। ଭୁବନେଶ୍ୱର ପ୍ରତିଷ୍ଠାରେ ବିରେନ ମିତ୍ରଙ୍କ ପ୍ରମୁଖ ଭୂମିକା ଥିଲା। ସେତେବେଳେ ୪୦ ହଜାର ଲୋକଙ୍କ ପାଇଁ ଭୁବନେଶ୍ୱର ରାଜଧାନୀ



ପ୍ରତିଷ୍ଠା କରଯାଇଥିଲା। ଏବେ ଭୁବନେଶ୍ୱରର ଜନସଂଖ୍ୟା ୪୦ ଲକ୍ଷକୁ ବୃଦ୍ଧି ପାଇଛି। ୧୯୬୦ ଦଶକରେ ଓଡ଼ିଶା ରାଜନୀତିରେ ସଙ୍କଟଜନକ ସ୍ଥିତିରେ କାମରାଜ ନାଦରଙ୍କର ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପରେ ଶ୍ରୀ ମିତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ମିତ୍ର ମୁଖ୍ୟମନ୍ତ୍ରୀ ଭାବେ ଅବସ୍ଥାପିତ ହେବା ପରେ ଓଡ଼ିଶାର ବିକାଶ ପାଇଁ ସେ ଉଦ୍ୟମ କରିଥିଲେ। ପରବର୍ତ୍ତୀ କାଳରେ ଶ୍ରୀ ମିତ୍ର ଜଣେ ଜନପ୍ରିୟ ନେତା ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଥିଲେ। ଏବେ ସେଭଳି ଜନପ୍ରତିନିଧିଙ୍କର ଅଭାବ ପରିଲକ୍ଷିତ ହେଉଛି ବୋଲି ଗତକାଲି ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ଶ୍ରୀ ମିତ୍ରଙ୍କ ୧୦୮ତମ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି।

### ଟ୍ରେନ୍ ଉପରକୁ ପଥରଫିଙ୍ଗା ଘଟଣା

## ୮୧ ଘଟଣାରେ ଗିରଫ ହୋଇଛନ୍ତି ୬୭

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ଜନସାଧାରଣଙ୍କୁ ଟ୍ରେନ୍ ଉପରେ ପଥର ଫିଙ୍ଗିବାର ବିପଜ୍ଜନକ ଓ ବେଆଇନ ଅଭ୍ୟାସକୁ ରୋକିବା ସକାଶେ ନିବେଦନ କରାଯାଇଛି। ଏହା ଯାତ୍ରୀ ସୁରକ୍ଷା ଓ ରେଳ ସମ୍ପତ୍ତି ପାଇଁ ଏହା ଏକ ନିରନ୍ତର ବିପଦ। ଏପରି କାର୍ଯ୍ୟ ଯାତ୍ରୀ ଓ କର୍ମଚାରୀଙ୍କୁ ଗୁରୁତର ବିପଦରେ ପକାଇବା ସହ ଟ୍ରେନ୍ କୋଚ କ୍ଷତିଗ୍ରସ୍ତ ହେଉଛି। ତା'ଛଡ଼ା ଏହା ଯାତ୍ରୀଙ୍କ ମଧ୍ୟରେ ଅହେତୁକ ଭୟ ମଧ୍ୟ ସୃଷ୍ଟି କରୁଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଏପରି ମାମଲା ପଞ୍ଜୀକରଣ ଓ ଚିହ୍ନଟ ଦିଗରେ ବହୁତ ସକ୍ରିୟ ଅଛନ୍ତି। ବନ୍ଦେ ଭାରତ ରେକଗୁଡ଼ିକରେ ପଥର ଫିଙ୍ଗିବାର ମୋଟ ୨୨ଟି ଘଟଣା ରିପୋର୍ଟ ହୋଇଥିବା ବେଳେ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଟ୍ରେନ୍‌ଗୁଡ଼ିକରେ ୫୯ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୪୫ ଜଣଙ୍କୁ ଗିରଫ କରାଯାଇଛି। ଅର୍ଥାତ୍ ଟ୍ରେନ୍ ଉପରକୁ ପଥରଫିଙ୍ଗା ନେଇ ୮୧ଟି ମାମଲାରେ ଅଦ୍ୟାବଧି ୬୭ ଜଣଙ୍କୁ ଗିରଫ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ତେଣୁ ଏପରି ବିପଦର ମୁକାବିଲା ପାଇଁ ଆର୍‌ପିଏଫ୍ ଦୁର୍ବଳ ସ୍ଥାନଗୁଡ଼ିକରେ ବିଶେଷକରି ଘନ ଜନବସତି ବିଶିଷ୍ଟ ଟ୍ରାକସାଇଡ୍ ଅଞ୍ଚଳରେ ପାଟ୍ରୋଲିଂକୁ ତୀବ୍ର କରିଛି। ଅପରାଧୀମାନଙ୍କୁ ନିବୃତ୍ତ କରିବା ଓ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ବର୍ଦ୍ଧିତ ସିସିଟିଭି ନିରୀକ୍ଷଣ, ଡ୍ରୋନ୍ ନିରୀକ୍ଷଣ ଓ ଜିଆରପି, ଜିଲ୍ଲା ପୁଲିସ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ପଥର ଫିଙ୍ଗିବା କାର୍ଯ୍ୟର ମାରାତ୍ମକ ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆରପିଏଫ୍ ଦଳଗୁଡ଼ିକ ସ୍ଥାନୀୟ ସମ୍ପ୍ରଦାୟ ବିଶେଷକରି ଯୁବପିଢ଼ି ଓ ସ୍କୁଲ ପିଲାଙ୍କ ସହ ମଧ୍ୟ ଯୋଗାଯୋଗ କରୁଛନ୍ତି। ରେଳବାଇ ଆଇନର ଧାରା ୧୫୨ ଅନୁଯାୟୀ ପଥର ଫିଙ୍ଗିବା କାର୍ଯ୍ୟ ଏକ ଗମ୍ଭୀର ଅପରାଧ, ଯାହା ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହେବାର ବ୍ୟବସ୍ଥା ରହିଛି। ସମସ୍ତ ଚିହ୍ନଟ ମାମଲାଗୁଡ଼ିକ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଓ ଅଭିଯୁକ୍ତମାନଙ୍କୁ ରେଳ ସମ୍ପତ୍ତିର କ୍ଷତି ପାଇଁ ଦାୟୀ ମଧ୍ୟ କରାଯିବ। ରେଳ ପରିସରରେ ଥିବା ପିତାମାତା ଓ ଅଭିଭାବକଙ୍କୁ ମଧ୍ୟ ଏପରି ବିପଜ୍ଜନକ ଆଚରଣରେ ଲିପ୍ତ ନ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେବା ସକାଶେ ନିବେଦନ କରାଯାଇଛି।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଆତ୍ମବିଶ୍ୱାସର ଅର୍ଥନୀତି

ସ୍ୱାଧୀନତାର ସେହି ଦିନଠାରୁ ଭାରତ ଅର୍ଥନୀତି ଏକ ଦୀର୍ଘ ଯାତ୍ରା କରିଛି। ୧୯୯୧ର ଉଦାରୀକରଣ, ବେସରକାରୀକରଣ ଓ ବିଶ୍ୱାୟନ ନୀତି ପରେ ଭାରତର ଅର୍ଥନୀତି ନୂଆ ଗତି ପାଇଥିଲା। ଆଜି ବିଶ୍ୱର ସବୁଠାରୁ ଦ୍ରୁତ ବର୍ଦ୍ଧିତ ଅର୍ଥନୀତି ଭାବେ ଭାରତ ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇସାରିଛି ଏବଂ ୨୦୨୭ ସୁଦ୍ଧା ତୃତୀୟ ସ୍ଥାନରେ ପହଞ୍ଚିବାର ସମ୍ଭାବନା ରହିଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ଜିଡିପି ବୃଦ୍ଧି ହାର ୬.୮% ରହିବ ବୋଲି ଅନୁମାନ କରାଯାଉଛି, ଯାହା ଚୀନଠାରୁ ବେଶି। ଏହି ଉନ୍ନତିର ମୂଳ କାରଣ ହେଲା ଡିଜିଟାଲ ଇଣ୍ଡିଆ। ଆଧାର, ୟୁପିଆଇ ଓ ଜିଏସଟି ଭଳି ଯୋଜନା ଅର୍ଥନୀତିକୁ ସ୍ୱଚ୍ଛ, ସୁଗମ ଓ ସମାନ କରିଛି। ବିଶ୍ୱର ସବୁଠାରୁ ବଡ଼ ଡିଜିଟାଲ ପେମେଣ୍ଟ ସିଷ୍ଟମ ମାଧ୍ୟମରେ ୨୦୨୪ରେ ମାସିକ ୧୪ ବିଲିୟନରୁ ଅଧିକ ଟ୍ରାଞ୍ଜାକ୍ସନ ହେଉଛି। ଏହା କଳାଧନ ଓ ଦୁର୍ନୀତିକୁ ନିୟନ୍ତ୍ରଣ କରିଛି। ଜନ୍‌ଧନ ଯୋଜନା ଦ୍ୱାରା ୫୩ କୋଟିରୁ ଅଧିକ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି ଏବଂ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ମାଧ୍ୟମରେ ଲକ୍ଷ ଲକ୍ଷ କୋଟି ଟଙ୍କା ସିଧା ହିତାଧିକାରୀଙ୍କ ପାଖରେ ପହଞ୍ଚୁଛି।




ଉତ୍ପାଦନ କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ' ଅଭିଯାନ ବିପ୍ଳବ ଆଣିଛି। ପ୍ରୋଡକ୍ସନ ଲିଙ୍କଡ୍ ଇନସେଣ୍ଟିଭ (ପିଏଲଆଇ) ଯୋଜନା ଯୋଗୁଁ ମୋବାଇଲ ଫୋନ, ଇଲେକ୍ଟ୍ରୋନିକ୍ସ ଓ ଫାର୍ମା କ୍ଷେତ୍ରରେ ଭାରତ ବିଶ୍ୱର ଏକ ବଡ଼ ଉତ୍ପାଦନ କେନ୍ଦ୍ର ହେଉଛି। ୨୦୧୪ରେ ଯେତେବେଳେ ଭାରତ ମୋବାଇଲ ଆମଦାନୀ କରୁଥିଲା, ଆଜି ସେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ ଉତ୍ପାଦକ ଦେଶ। ଏହା ସହିତ ଅବକାଠାମୋ ବିକାଶରେ ବିପ୍ଳବ ଘଟିଛି। ଭାରତମାଲା, ସାଗରମାଲା, ଗତିଶକ୍ତି ଯୋଜନା ଯୋଗୁଁ ହାଇୱେ, ରେଳ ଓ ବନ୍ଦର ନିର୍ମାଣ ଦ୍ରୁତ ଗତିରେ ଚାଲିଛି।

ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫଡିଆଇ) ୨୦୧୪ ପରଠାରୁ ଦୁଇ ଗୁଣରୁ ଅଧିକ ବଢ଼ିଛି। ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଗୁଁ ଭାରତରେ ୧ ଲକ୍ଷରୁ ଅଧିକ ଷ୍ଟାର୍ଟଅପ ରହିଛି ଏବଂ ୧୧୦ରୁ ଅଧିକ ୟୁନିକର୍ଣ୍ଣ କମ୍ପାନୀ ସୃଷ୍ଟି ହୋଇଛି। ଏହା ଯୁବଶକ୍ତିକୁ ନିଯୁକ୍ତି ଦେଉଛି ଏବଂ ନୂଆ ଉଦ୍ଭାବନ ଆଣୁଛି। ଅବଶ୍ୟ କିଛି ଚ୍ୟାଲେଞ୍ଜ ରହିଛି। ବେକାରୀ, ମୁଦ୍ରାସ୍ଫୀତି ଓ ଗ୍ରାମାଞ୍ଚଳ-ସହର ବିଭେଦ ଏବେ ବି ରହିଛି। କିନ୍ତୁ ସରକାରଙ୍କ ନୀତି ଓ ଯୁବ ପିଢ଼ିର ଉଦ୍ୟମ ଯୋଗୁଁ ଏହା ଦୂର ହେବାର ସମ୍ଭାବନା ଅଧିକ। ଆମେ ଯଦି ଏହି ଗତି ବଜାୟ ରଖିବା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ କରିବା ତେବେ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଆଜିର ଭାରତ କେବଳ ଅର୍ଥନୀତିରେ ନୁହେଁ, ଆତ୍ମବିଶ୍ୱାସରେ ମଧ୍ୟ ବଢ଼ୁଛି। ଏହା ଆମ ସମସ୍ତଙ୍କର ଗର୍ବ ଏବଂ ଏହି ଗତିକୁ ଆଗେଇ ନେବା ଆମର ଦାୟିତ୍ୱ।

# ସର୍ବଜ୍ଞ ମହା ବିଭୂତି


ଉତ୍କଳାନନ୍ଦ ଅଜୟ କୁମାର ବେହେରା




ସେ ଅନେକ ଦିନ ତଳର ଘଟଣା ହେଲେ ବି, ଏହା ମନରୁ କେବେ ବି ଲିଭି ଯାଇନାହିଁ। ମୋର ଐଶ୍ୱରୀୟ ଶକ୍ତି ନାହିଁ, କୌଣସି ସିଦ୍ଧି ବି ନାହିଁ, କେବଳ କାଳଜ୍ଞାନର ଜଣେ ଶିକ୍ଷାରେ ନଗଣ୍ୟ ଛାତ୍ରଟିଏ। ଗ୍ରହ ନକ୍ଷତ୍ର ସମ୍ବନ୍ଧ, ତିଥି, କରଣ, ଯୋଗ, ଲଗ୍ନ, ସ୍ୱର ଆଦି ମିଶ୍ରଣର ପ୍ରଭାବ ସମ୍ବନ୍ଧ 'ଦୈବ'। ଏହା ବିଶ୍ଲେଷଣରୁ ଯେ ଅନେକ ସୂଚନା ଦେଇ ପାରନ୍ତି ସେ 'ଦୈବଜ୍ଞ'। ମାତ୍ର 'ସର୍ବଜ୍ଞ' ସର୍ବଜାଣ, ସେ ସୃଷ୍ଟି ବିଶ୍ୱରେ ଆଦ୍ୟ ଅନ୍ତର ସର୍ବ ଜାଣ ହେଲେ ଏ ଶକ୍ତିର ଅଧିକାରୀ ହେବାକୁ ସେ କାହାକୁ ପୂର୍ଣ୍ଣ ରୂପେ ବାଛି ନାହାନ୍ତି। କେବଳ ଯୋଗୀମାନେ ସେହି ଅଂଶିକ ଜ୍ଞାନ ଅତି କଠୋର ତପରେ ହାସଲ ହୋଇଥାଏ। ଅବତାରମାନେ ଦେବ ଅଂଶୀ ଏମାନେ ଅବତୀର୍ଣ୍ଣ ହେଲେ ବି, ମର୍ତ୍ତ୍ୟର ନିୟମ ମାନି ନେଇଥାନ୍ତି। କିନ୍ତୁ ସେମାନେ ସର୍ବଜାଣ, ସର୍ବସିଦ୍ଧି, ସର୍ବନିଧିର ଅଧିକାରୀ। ନିହାତି ଅତି ଆବଶ୍ୟକ ଅଭାବଗ୍ରସ୍ତ ଆତୁର ହୋଇ ଅପାରଗତାରେ ପ୍ରାର୍ଥନାରତ ହେଲା ତାର ଇପ୍ସିତ ପୂର୍ଣ୍ଣ ଅବତାରମାନେ ପୂରଣ କରନ୍ତି। ମାତ୍ର କାହାକୁ କେମିତି ପ୍ରକାରରେ ଇପ୍ସିତ ଦିଆଯିବ ତାହା ସମୟ କ୍ଷେତ୍ର ଅନୁସାରେ ପ୍ରଦାନ କରନ୍ତି।

ସାଇବାବା କହିଲେ, ସତ୍ୟସାଇବାବା ଓ ଶିରିଡ଼ି ସାଇବାବାଙ୍କୁ ବୁଝାଯାଏ। ଆପାତତଃ, ଅନେକ ଶିରିଡ଼ିସାଇଙ୍କୁ ସତ୍ୟସାଇ ବାବାଙ୍କ ପୂଜା ଗୃହରେ ଆସୀନ ପ୍ରତିକୃତି, ବାବାଙ୍କ ଭକ୍ତ ଗହଣରେ ଅସରନ୍ତି କଳସୀରୁ ବିଭୁତିରେ ଶିରିଡ଼ି ସାଇବାବାଙ୍କ ଧାତୁ ପ୍ରତିମାରଦିବ୍ୟ ଅଭିଷେକ, ସେ ପ୍ରତିମୂର୍ତ୍ତି ଏବେ ବି ତାଙ୍କ ଉପାସନା ପୂଜା ଗୃହରେ ଅଛି। ଯାହା ପ୍ରାତଃ ଓଁକାରମ୍, ବେଳେ ଲାଇନରେ ସେ ଗୃହକୁ ଯିବା ଲୋକଙ୍କୁ ଦର୍ଶନ ମିଳେ। ବାବା ତାଙ୍କ ଭକ୍ତଙ୍କୁ ପରିଚୟ ଦେବାକୁ ଯାଇ କେତେ ପୁଷ୍ପ ହାତରୁ ଚଟାଣରେ ଫିଙ୍ଗି ତେଲେଗୁ ଲିପିରେ 'ଶିରିଡ଼ି ସାଇବାବା'ର ଲେଖି ଦର୍ଶାଇ ସେ ହିଁ ତାଙ୍କର ଅବତାର ଜଣାଇଥିଲେ। ଏହାର ପର ଅବତାରରେ ପ୍ରେମ ସାଇ ହେବେ ଏହା ବି ସେ ଭକ୍ତଙ୍କୁ ଆଶ୍ୱାସନା ଦେଇଛନ୍ତି। ଏ ଯୁଗରେ ଭରସା ଯେ ବିନା ଦେୟରେ ସାଇବାବା ଏକଥା ପ୍ରଶାନ୍ତି ନିଳୟକୁ ଯେ ଯାଇଛନ୍ତି ସେ ନିଶ୍ଚୟ ଅନୁଭବ କରିଥିବେ। ବିଶ୍ୱାସେ ମିଳଇ ହରି ବୈଦ୍ୟମାନେ ରୋଗୀ ଦେଖି ବ୍ୟବସ୍ଥା କରନ୍ତି। ବୈଦ୍ୟମାନେ ରୋଗହରଣ କରନ୍ତି ବୋଲି ତାଙ୍କୁ ହରି କୁହାଯାଏ। ବୈଦ୍ୟୋ ନାରାୟଣ ହରିଃ ସାଇବାବା ଏମିତି ସେମିତି ବୈଦ୍ୟ ନଥିଲେ ସେ ଭକ୍ତ ମାନଙ୍କ ପାଇଁ ବୈଦ୍ୟନାଥ, ରୋଗ ତ୍ରିବିଧ, ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ, ବାବା ଏ ସବୁର ବୈଦ୍ୟ, ବୈଦ୍ୟନାଥ। ଥରେ ସେ ସମ୍ଭାଷଣରେ ଭକ୍ତ ଶ୍ରୋତା ମାନଙ୍କୁ କହୁଥିଲେ ତୁମେମାନେ ଏକ ଏକ ବ୍ୟାଟାରୀ, ବ୍ୟାଟାରୀରୁ ଶକ୍ତି ପ୍ରଦାନ କ୍ଷମତା କମିଗଲେ ଯେପରି ସେ ରିଚାର୍ଜିଙ୍ଗ ପାଇଁ ଯାଏ, ସେହିପରି ଏ ପ୍ରଶାନ୍ତି କ୍ଷେତ୍ର ତୁମ ମାନଙ୍କ ଏକ ଶକ୍ତି ଭରିବା ରିଚାର୍ଜିଙ୍ଗ କେନ୍ଦ୍ର। ଯେଉଁମାନେ ପ୍ରଶାନ୍ତି ନିଳୟ ଆସିଛନ୍ତି, ତାଙ୍କର ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ସାଥିବନ୍ଧୁଙ୍କୁ ତାଙ୍କ ପ୍ରଶାନ୍ତି ବାବାଙ୍କ ସହଚର୍ଯ୍ୟ ଖବର କହିଲା ବେଳେ ନିଶ୍ଚୟ ସେମାନଙ୍କର ଉତ୍ସୁକତା ବଢ଼େ, ବଢ଼ୁଥିଲା, ଏବେ ବି କମିନାହିଁ। ଅନେକ ଭ୍ରଷ୍ଟ, ଦିଶାହରାଙ୍କୁ ସେ ଉପଯୁକ୍ତ ଦିଗଦର୍ଶନ ଦେଇ ସଂସାରରେ ପୁନଃ ଥଇଥାନ ଶୁଦ୍ଧ ଜୀବନ ଯାପନ ପଥରେ ସ୍ଥାୟୀ କରାଇଛନ୍ତି। ଚାକିରୀ ଚୋରୀ, ବାଣିଜ୍ୟ ମିଛ ଏବେ ଏବେ ନେତାଙ୍କ ବାଣୀରେ କିଛି ଅଦେୟ ନାହିଁ। ବଚନେ ସର୍ବସ୍ୱ ଦାତା, କାର୍ଯ୍ୟ କାଳେ କଠୋରତା। ଯଦି ସେହି ପ୍ରଶାନ୍ତି କ୍ଷେତ୍ର, ସତ୍ୟ ସାଇବାବାଙ୍କ ସାନ୍ନିଧ୍ୟ ପାଇଥିବେ ତେବେ, ସେ ସର୍ବତ୍ର ସବୁକ୍ଷେତ୍ରେ ତାଙ୍କର ମନନ ହେବା ହେଲ୍ପ ଏଭର, ହର୍ଟ ନେଭର। ପ୍ରକୃତରେ ଏଇଟା ସାଇମନ୍ତ୍ର ଏହା ସଂସାର ନରକର ଦିବ୍ୟ ତାରଣ ମନ୍ତ୍ର। ଯେଉଁମାନେ କିଛି ହୃଦୟର ଦୁଃଖ ଚିଠି ମାଧ୍ୟମରେ ଜଣାଇବା ଚାହୁଁ ଥିଲେ ଯାହା ତାଙ୍କ ସଂସାର ରକ୍ଷା ପାଇଁ ଉଦ୍ଦିଷ୍ଟ, ତାକୁ ଅଡିଟରୀୟମ ଧାଡ଼ିରେ ବସିଥିବାବେଳେ ପାଖକୁ ଆସି ବାବା ନିଜେ ନେଇଯାଉଥିଲେ। ଯଦିବା ସେ ଅନ୍ତର୍ଯ୍ୟାମୀ, ତଥାପି ଶ୍ରଦ୍ଧା ଥିଲା ଲୋକଙ୍କୁ ବିଶ୍ୱାସ ଦେଉଥିଲେ। ସେ କେବେ ବି ପାରମ୍ପାରିକ ବିଶ୍ୱବିଦ୍ୟାଳୟର ମାଟି ମାଡ଼ି ନାହାନ୍ତି, ଦିନରାତ୍ରି ଭକ୍ତଙ୍କୁ ଦର୍ଶନ କାର୍ଯ୍ୟକ୍ରମକରେ ସଦା ବ୍ୟସ୍ତ ରହିବା ଦେଖାଯାଏ। ତେବେ ସେ ବେଦ, ଯୋଗ, ପୁରାଣ, ଉପନିଷଦ ରାଗିଣୀ ରାଗ ସଙ୍ଗୀତ ସ୍ୱର ଧରି ଭଜନ ଗାୟନ କରିବା ବହୁ ପ୍ରକାର ଭାଷା ଜାଣିବା କହିବା ଏସବୁ ମହା ଆଶ୍ଚର୍ଯ୍ୟ। କି ବିଭୁତି, ଜନ୍ମଭୂମି ଥିଲା ଉଇହୁଙ୍କାରେ ପରିପୂର୍ଣ୍ଣ ଭୂମି। ଯାହାର ନାମ ଅଜ୍ଞାତ ଥିଲା ସେ ଭୂମି ତାଙ୍କ ଯୋଗେ ହେଲା ବିରାଟ ନଗର ମେଳାମେଳା ଯାନ ରେଳ ଷ୍ଟେସନ, ଏରୋଡ୍ରମ ଦୂରାନ୍ତ ଗାମୀ ମୋଟର ଯାନ ରହଣି ସ୍ଥାନ। ସାରା ପୃଥିବୀର ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଏଠାରେ ବର୍ଷ ତମାମ ଏକତ୍ରିତ ହେବା ଏକ ଆଶ୍ଚର୍ଯ୍ୟ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟର ଚିକିତ୍ସା ମାଗଣା କିଏ ସର୍ବଦା ଯୋଗାଇ ପାରିବ, ନାମକୁ ମାତ୍ର ମୂଲ୍ୟରେ ବର୍ଷକୁ କୋଟି ଜନଙ୍କୁ କିଏ ଖାଇବାକୁ ଦେଇପାରିବ? ଏପରିକି ଅନେକ ପର୍ବରେ ଖାଦ୍ୟ ଦାତବ୍ୟ ବ୍ୟବସ୍ଥା କରାଯାଏ। ଯାହା ଲକ୍ଷ ଲକ୍ଷ ଭକ୍ତ ଜନତା ପର୍ବ ସମାପନ ପର୍ଯ୍ୟନ୍ତ ଭୋଜନ କରିଥାନ୍ତି। ଏ ସବୁ ନିଶ୍ଚୟ ଆଶ୍ଚର୍ଯ୍ୟ। ସାଇବାବା ସାଗର ତାଙ୍କ ବିଷୟରେ ଲେଖି ଲେଖା ସମାପ୍ତ କରିବା କାହାପକ୍ଷରେ ସମ୍ଭବ ନୁହେଁ, ସେ ସର୍ବଜ୍ଞ, ବାସ ଏତିକି।


**'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍:୯୪୩୭୦୩୧୨୫୩**


# ଅହିଂସାର ରାସ୍ତାରେ ଆମେ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ଆଜି ଅନ୍ତର୍ଜାତୀୟ ହିଂସାବିରୋଧୀ ଦିବସ। ଆଜିପରି ସ୍ମରଣୀୟ ଦିବସରେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ହିଂସା ବିରୁଦ୍ଧରେ ସମର୍ପିତ ଚିନ୍ତନର ଦିବସ। ଆଜି ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଉଦ୍‌ବେଗଜନକ ଭାବେ ହିଂସାତ୍ମକ ଘଟଣା ଛାତି ଥରାଇ ଦେଉଥିବାବେଳେ ଏହା ବିରୁଦ୍ଧରେ ସଚେତନତାତ୍ମକ ଭାବରେ ବିଭିନ୍ନ ଅନୁଷ୍ଠିତ କାର୍ଯ୍ୟକ୍ରମ କିଛିକାଂଶରେ ହିଂସାର ଦାବାନାଳକୁ ପ୍ରଶମିତ କରୁଥିଲେ ବି ବାସ୍ତବରେ ସବୁଠି ଆଜି ଅହିଂସାର ଚିନ୍ତା ଚେତନାର ମୂଲ୍ୟବୋଧ ସତେଯେପରି ବିରାଟ ପ୍ରଶ୍ନବାଚୀ ? ଆମ ଭାରତ ମାଟିରେ ପଡ଼ୋଶୀ ରାଷ୍ଟ୍ରର କିଛି ଅସାମାଜିକ ତତ୍ତ୍ୱଙ୍କ ପ୍ରୋତ୍ସାହନରେ ବିଭିନ୍ନ ସ୍ଥାନରେ ହିଂସାତ୍ମକ ଘଟଣା ବ୍ୟଥିତ କରୁଛି। ଦିନକୁ ଦିନ ଯୁବପିଢ଼ୀ ଏହାର ଶିକାର ହୋଇଯାଉଛନ୍ତି। ବିଭିନ୍ନ ଫୋରମ୍‌ରେ ହିଂସା ବିରୋଧୀ ସଚେତନଧର୍ମୀ କାର୍ଯ୍ୟକ୍ରମ ସମାଜରେ ଶାନ୍ତିର ସହାବସ୍ଥାନ ପରିବେଶ ବି ସୃଷ୍ଟି କରୁଛି। ଉଦାହରଣ ଭାବରେ ପଞ୍ଜାବକୁ ନିଆଯାଇପାରେ। ଦିନ ଥିଲା ପ୍ରତିଦିନ ଏହି ରାଜ୍ୟରେ ହିଂସାତ୍ମକ ଘଟଣା ଘଟିଚାଲିଥିଲା, କିନ୍ତୁ ଆଜି ସେଠି ବେଶ୍ ଶାନ୍ତିପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇପାରିଛି। ସେ ରାଜ୍ୟର ପ୍ରତିଟି ଅଧିବାସୀ ଅହିଂସାର ଅସ୍ତ୍ର ଧରି ନିଜ ରାଜ୍ୟରୁ ହିଂସାର ବାତାବରଣକୁ ହଟାଇଦେବାକୁ ସକ୍ଷମ ହୋଇଥିଲେ। ସରକାର ଓ ପ୍ରଶାସନ ଏହାପାଇଁ ଆନ୍ତରିକ ସ୍ତରରେ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତାହାର ସୁଫଳ ଆଜି ଶାନ୍ତିର ପଞ୍ଜାବ। ଭାରତରେ ଉଦ୍‌ବେଗଜନକ ଭାବରେ ହିଂସାତ୍ମକ ଘଟଣା ଘଟୁଛି। ଯୁବପିଢ଼ୀ ମିଛ ପ୍ରହେଳିକାର ଶିକାର ହୋଇ ହିଂସାତ୍ମକ ମୁଖିଆଙ୍କ ଚକ୍ରବ୍ୟୁହରେ ଫସି ଯାଉଛନ୍ତି। ବେକାରୀ ସମସ୍ୟା କେତେକ କ୍ଷେତ୍ରରେ ଏହାର କାରଣ ଭାବରେ ଗଣାଯାଏ। ତଥାପି ଖୁସିର କଥା ଆଜିକାଲି ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟରେ ପିଲାମାନଙ୍କ ଭିତରେ ହିଂସାବିରୋଧୀ ଦିବସ କେତେକ ସ୍ଥାନରେ ପାଳିତ ହେଉଛି। ସମାଜରୁ ହିଂସାର ଚେରକୁ ମୂଳୋତ୍ପାଟନ କରି ଅହିଂସାର ପରିବେଶ ଓ ଅହିଂସାର କ୍ଷେତ୍ର ପ୍ରତିଷ୍ଠା ପାଇଁ ଯୁବପିଢ଼ୀ ଶପଥ ନେଇଥାନ୍ତି।

ଗୋଟିଏ ବିକଶିତ ଦେଶର ପ୍ରଗତିରେ ଅର୍ଥନୀତିର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶରେ ହିଂସାର ବାତାବରଣ ସୃଷ୍ଟି ହେଲେ ଶିଳ୍ପ ସଂସ୍ଥା ସମ୍ଭବ ହୋଇନଥାଏ। ବେରୋଜକାରୀ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ଶିକ୍ଷିତ ବେକାରୀମାନେ ଜୀବନ ହାରି ଦେଉଥିବା ପରି ହୃଦୟ ବିଦାରକ ଘଟଣା ସମାଜର ସବୁ ସ୍ତରର ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରିଥାଏ। ଦେଶର ପ୍ରଗତିରେ ଅର୍ଥନୀତି ସହିତ ଆଗାମୀ ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ୀଙ୍କ ସମ୍ପର୍କ ବି ରହିଛି। ବର୍ତ୍ତମାନ ସୂଚନା ପ୍ରଯୁକ୍ତିର କ୍ଷେତ୍ର ପ୍ରାୟତଃ ଯୁବବର୍ଗଙ୍କ ଭିତରେ ନୂଆ ନୂଆ ଚ୍ୟାଲେଞ୍ଜ ଭିତ୍ତିକ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି। ଯେଉଁଥିରେ ଯୁବପିଢ଼ୀ ହିଁ ସଂସ୍ଥାନର ପ୍ରଗତିକୁ ତ୍ୱରାନ୍ୱିତ କରିଥାନ୍ତି। ଗୋଟିଏ ଅଶାନ୍ତ ରାଷ୍ଟ୍ରରେ ପୋଲିସ ପ୍ରଶାସନ ଠାରୁ ସେନାବାହିନୀ ପରି ସଶସ୍ତ୍ର ବାହିନୀ ଅଧିକ ଦିନ କର୍ମବ୍ୟସ୍ତ ରହିଲେ ସରକାରଙ୍କ ରାଜକୋଷରୁ ହିଁ ଖର୍ଚ୍ଚ ହୋଇଥାଏ ଯାହାକି ଆମ ସମସ୍ତଙ୍କ ବିଭିନ୍ନ ଟିକସ୍‌ରୁ ହିଁ ପୈଠ ହୋଇଥାଏ। ବୌଦ୍ଧ ବିମଣ୍ଡିତ ଉଦୟଗିରି କ୍ଷେତ୍ର ପୁଣ୍ୟପାବନ ଧାମରେ ଅହିଂସାର ମୂର୍ତ୍ତିମନ୍ତ ସ୍ୱରୂପ ଭଗବାନ ବୁଦ୍ଧଙ୍କ ଆତ୍ମିକ ଭାବନାର ପବିତ୍ର ସ୍ମୃତି ଜଡ଼ିତ। ସମାଜର ବିଭିନ୍ନ ସ୍ତରରୁ ଆଜି ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଛି ଆଉ ନିଶ୍ଚିତ ଭାବରେ ପ୍ରେରଣା ଓ ଜାଗରଣ ସୃଷ୍ଟି କରିବ ହିଂସା ରାକ୍ଷସ ବିରୁଦ୍ଧରେ ଲଢ଼ିବାକୁ। ନିକଟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁପରି ଭୟାନକ ନିର୍ଯ୍ୟାତନା ମାମଲାର ପ୍ରସଙ୍ଗ ଉଠିଛି ସେଠି ନିର୍ଯ୍ୟାତିତାଙ୍କ କରୁଣ କାହାଣୀ ଅତ୍ୟନ୍ତ ଛାତିଥରା। ଆଜି ସବୁଠି ସବୁକ୍ଷେତ୍ରରେ ଆଉ ସମସ୍ତଙ୍କ ଭିତରେ ହିଂସା ବିରୁଦ୍ଧରେ ସଂଗ୍ରାମ ପାଇଁ ପ୍ରତିଟି ମୁହୂର୍ତ୍ତକୁ ସମର୍ପିତ କରିବାର ଶପଥର ଦିବସ ଭାବେ ପାଳନ ହେଉ। ହିଂସା ବିରୁଦ୍ଧରେ ଜାଗରଣ ନିଶ୍ଚିନ୍ତ ଭାବରେ ଦିନେ ନା ଦିନେ ହିଂସାକୁ ଦୂରେଇବା ପାଇଁ ସମର୍ଥ ହେବ। ଅହିଂସାର ପୂଜାରୀ ଭଗବାନ ବୁଦ୍ଧଙ୍କ ଠାରୁ ଜାତିର ଜନକ ମହାତ୍ମା ଗାନ୍ଧୀ ଆଉ ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ, ଦର୍ଶନ, ଚିନ୍ତନ ସାର୍ଥକ ହୋଇପାରନ୍ତା ଯଦି ଆଜି ଆମେ ସମସ୍ତେ ଏହା ବିରୁଦ୍ଧରେ ପ୍ରତି ମୁହୂର୍ତ୍ତରେ ଲଢ଼ିବାପାଇଁ ନିଜକୁ ଆତ୍ମସଚେତନ କରିପାରନ୍ତେ।



ଯୁଗାବତାର ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣରେ କହିଲେ - ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର କହିଲେ ହିଂସା ଜୀବନର ସ୍ଥିତି ଓ ପ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରେ। ଏହି ପ୍ରତିବନ୍ଧକ ବିରୁଦ୍ଧରେ ପ୍ରତିବନ୍ଧକ ରଚନା କରିବା ହିଁ ଅହିଂସାର କର୍ମ। ଅଧର୍ମର ପ୍ରତିବିଧାନ ନ କରିଲେ ଧାର୍ମିକ ହୋଇପାରିବ ନାହିଁ। ଅପ୍ରେମକୁ ନିରସ୍ତ ନ କରିଲେ ପ୍ରେମିକ ହୋଇପାରିବ ନାହିଁ। ଯେଉଁମାନେ ସ୍ୱେଚ୍ଛାକୃତ ଭାବରେ କ୍ରମାଗତ ଅନ୍ୟାୟ କରନ୍ତି ସେମାନେ ଶୟତାନ ଦ୍ୱାରା ଅଭିଭୂତ, ଯେଉଁମାନେ ତାଙ୍କୁ ସମର୍ଥନ କରନ୍ତି ସେମାନେ ହେଲେ ଅନ୍ୟାୟ ପୋଷଣଦାତା ଓ ଶୟତାନର ପାଳକ ପିତା। ଆଉ ଯେଉଁମାନେ ନିରପେକ୍ଷ ସେମାନେ ଅନ୍ୟାୟର ବୀଜ ବା ଉଦ୍‌ଭିନ୍ନକାରୀ ମାଧ୍ୟମ ବିଶେଷ। ସକ୍ରିୟ ଭାବରେ ଅସତ୍ ନିରୋଧୀ ନହେଲେ ନିଜର ଅଧୋଗତି ହୁଏ। ଚରିତ୍ରରେ କଳାରଙ୍ଗ ଲାଗେ। ସତ୍ତାପୋଷଣୀ ଚଳନ ଓ ଅସତ୍ ନିରୋଧୀ ପରାକ୍ରମ ଏହି ଦ୍ୱିମୁଖୀ ଅଭିଯାନ ଅବ୍ୟାହତ ରଖିଲେ ହିଁ ନିଜେ ତଥା ସମାଜ ଏବଂ ଦେଶ ଅକ୍ଷତ ରହିପାରେ ଓ ଏହି କଳୁଷିତ ସମାଜର କାଳିମାକୁ ଅପନୋଦନ କରିହୁଏ। ଅହିଂସାର ସଙ୍ଗେ ଜଡ଼ିତ ଅଛି ହିଂସାକୁ ହିଂସା କରିବା। ହିଂସା ଓ ସନ୍ତ୍ରାସବାଦକୁ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖି ଅହିଂସାର ପ୍ରତିଷ୍ଠା ହେବନାହିଁ। ହିଂସା ପ୍ରତି ଅହିଂସା ହେବା ମାନେ ହିଂସାକୁ ପ୍ରଶୟ ଦେଇ ପୁଷ୍ଟକରି ଉଠାଇବା। ଆସନ୍ତୁ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଉ ଓ ତତ୍‌ସହିତ ଏକ ସମ୍ପ୍ରଦାୟ, ନିରପେକ୍ଷ ରାଷ୍ଟ୍ର ହିସାବରେ ଗଢ଼ିତୋଳିବା ନିମିତ୍ତ ଆମେ ସମସ୍ତେ ଅହିଂସାର ପଥରେ ଆଗେଇ ଆସିବା ଉଚିତ ଓ ଜାତିର ପିତା ମହାତ୍ମାଗାନ୍ଧୀ ଓ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ୱପ୍ନକୁ ସାକାର କରିବା।


**ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍:୯୪୩୭୦୫୧୯୫୭**


# ଶ୍ରୀକାଳହସ୍ତୀ




ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ


ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ ବିଦ୍ୟମାନ। ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ। କାରଣ ପବିତ୍ର ସ୍ଥାନ ମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ। ତୀର୍ଥ ଶବ୍ଦର ଅର୍ଥ ହେଉଛି ଯେଉଁ ସ୍ଥାନକୁ ଗଲେ ମଣିଷ ତରିଯାଏ। ଭାରତ ଏକ ତୀର୍ଥ ଭୂମି। କାରଣ ଭାରତରେ ଅନେକ ପବିତ୍ର ଦେବାଦେବୀ ମନ୍ଦିର ଅବସ୍ଥିତ ଯେଉଁଠିକୁ ପ୍ରତ୍ୟହ ହଜାର ହଜାର ଭକ୍ତ ଯାତ୍ରା କରି ମୋକ୍ଷପ୍ରାପ୍ତ ହୁଅନ୍ତି। ଭାରତରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସମେତ ଅନେକ ପ୍ରସିଦ୍ଧ ଶିବ ମନ୍ଦିର ଅବସ୍ଥିତ। ଭଗବାନ ଶିବଶଙ୍କର ନିରାକାର। ସେ ପୁଣି ସାକାର, ଶିବଲିଙ୍ଗଙ୍କୁ ପୂଜା କରିବା ସ୍ୱୟଂ ଶିବ ଶଙ୍କରଙ୍କୁ ପୂଜା କରିବା ସହ ସମାନ। ପବିତ୍ର ଶିବଲିଙ୍ଗଙ୍କର ହସ୍ତ, ପାଦ, ଚକ୍ଷୁ, କର୍ଣ୍ଣ ନ ଥିଲେ ମଧ୍ୟ ସେ ସର୍ବତ୍ର ବିରାଜିତ। ଏହିପରି ଏକ ପ୍ରସିଦ୍ଧ ସ୍ୱୟମ୍ଭୁ ଲିଙ୍ଗ ହେଲେ ଶ୍ରୀକାଳହସ୍ତୀଶ୍ୱର ବା ଶ୍ରୀକାଳେଶ୍ୱର।

ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଅବସ୍ଥିତ ଶ୍ରୀ କାଳହସ୍ତୀ ମନ୍ଦିର ହିନ୍ଦୁ ମାନଙ୍କର ଏକ ବିଶିଷ୍ଟ ପୂଜା ସ୍ଥଳ। ଏହ ମନ୍ଦିର ଦକ୍ଷିଣର କୈଳାସ ନାମରେ ପରିଚିତ। ଏହା ସ୍ୱର୍ଣ୍ଣମୁଖୀ ନଦୀକୂଳରେ ଅବସ୍ଥିତ ଏକ ପ୍ରସିଦ୍ଧ ଶିବ ମନ୍ଦିର। ଏହି ମନ୍ଦିର ରାହୁ ଓ କେତୁ ଗ୍ରହଙ୍କ ପୂଜା ପାଇଁ ପ୍ରସିଦ୍ଧ। ଏଠାରେ ରାହୁ ଓ କେତୁଙ୍କ ପୂଜା ପାଇଁ ଅମାବାସ୍ୟା, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିକୁ ପବିତ୍ର ମନାଯାଏ। ରବିବାର ଦିନକୁ ମଧ୍ୟ ପୂଜା ପାଇଁ ଏଠାରେ ଶୁଭ ମନାଯାଏ। ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଯେତେବେଳେ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହେ କେବଳ ଏହି ମନ୍ଦିର ଖୋଲା ରହେ। ମନ୍ଦିର ପ୍ରତ୍ୟେକ ଦିନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହି ପୂଜା ଅର୍ଚ୍ଚନା କରାଯାଏ ଓ ଭକ୍ତମାନେ ଶୃଙ୍ଖଳିତ ହୋଇ ଧାଡ଼ିରେ ଯାଇ ଦର୍ଶନ କରନ୍ତି। ଏହି ମନ୍ଦିର ଶିବଙ୍କୁ ସମର୍ପିତ ଏବଂ ଏଠାରେ ପୂଜା ପାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପଞ୍ଚତତ୍ତ୍ୱ ମଧ୍ୟରୁ ବାୟୁତତ୍ତ୍ୱ ଅନ୍ୟତମ। ମନ୍ଦିର ଗର୍ଭଗୃହ ମଧ୍ୟରେ ଯଦିଓ କୌଣସି ବାୟୁ ଚଳାଚଳ ହୁଏ ନାହିଁ ଭକ୍ତମାନେ ପବନ ବହିବା ପରି ଅନୁଭବ କରନ୍ତି। ଏପରିକି ଗର୍ଭଗୃହରେ ଏକ ତୈଳ ଦୀପର ଶିଖା ପବନରେ ହଲିଲା ପରି ଦୃଷ୍ଟି ଗୋଚର ହୁଏ।

ଶ୍ରୀକାଳହସ୍ତୀ ଲିଙ୍ଗ ସ୍ୱୟମ୍ଭୁଲିଙ୍ଗ। ଅର୍ଥାତ୍ ନିଜେ ଆବିର୍ଭୁତ। ତାଙ୍କୁ କେହି ସ୍ଥାପନା କରି ନାହାନ୍ତି। ଶ୍ରୀ କାଳହସ୍ତୀ ନାମ ତିନୋଟି ଶବ୍ଦର ସମାହାର। ପ୍ରଥମରେ ଶ୍ରୀ ଅର୍ଥାତ୍ ମକଡ଼ି ବା ବୁଢ଼ୀଆଣୀ, ଦ୍ୱିତୀୟରେ କାଳ ଅର୍ଥ ସର୍ପ ଓ ତୃତୀୟରେ ହସ୍ତୀ ଯେଉଁମାନେ ଏଠାରେ ଶିବଙ୍କୁ ପୂଜା କରି ମୋକ୍ଷପ୍ରାପ୍ତ ହୋଇଥିଲେ। ତେଣୁ ସେମାନଙ୍କ ନାମରେ ଶିବଙ୍କୁ ଏଠାରେ ଶ୍ରୀକାଳହସ୍ତୀଶ୍ୱର ନାମରେ ପୂଜା କରାଯାଏ। ଆଉ ଏକ ତତ୍ତ୍ୱ ଅନୁସାରେ ବାୟୁ ଦେବତା ଓ ଶେଷନାଗ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ପରିଚିତ ହେବାକୁ ଏଠାକୁ ଆସିଥିଲେ ଏବଂ ଭସ୍ମ ଶିବଲିଙ୍ଗ ଭକ୍ତ ହୋଇ ଏଠାରେ ପୂଜା ପାଇଲେ। ଶ୍ରୀକାଳହସ୍ତୀ ମନ୍ଦିରକୁ ଆନ୍ଧ୍ରପ୍ରଦେଶ ଓ ଚେନ୍ନାଇର ବଡ଼ ବଡ଼ ସହର ମାନଙ୍କୁ ସଡ଼କ ଓ ରେଳଯାତ୍ରା ଉପଲବ୍ଧ। ଏଠାରୁ ନିକଟତମ ଏୟାରପୋର୍ଟ ତିରୁପତିରେ ଅବସ୍ଥିତ। ତିରୁପତି ଠାରୁ ଶ୍ରୀ କାଳହସ୍ତୀର ଦୂରତା ୩୭ କିମି ଓ ସଡ଼କ ପଥରେ ଏକ ଘଣ୍ଟା ସମୟ ଲାଗେ। ଶିବ ଶଙ୍କରଙ୍କୁ ସମର୍ପିତ ଶ୍ରୀ କାଳହସ୍ତୀ ମନ୍ଦିର ବିଜୟନଗର ସାମ୍ରାଜ୍ୟର ସମ୍ରାଟ କୃଷ୍ଣଦେବରାୟ ୧୫୧୬ ମସିହାରେ ନିର୍ମାଣ କରିଥିଲେ। ମନ୍ଦିର ପରିସରରେ ପ୍ରବେଶ ମାତ୍ରେ ଦର୍ଶକମାନେ ଅତ୍ୟନ୍ତ ମନମୁଗ୍ଧକର କାରୁକାର୍ଯ୍ୟ ସମ୍ପନ୍ନ ମୂର୍ତ୍ତି, ପୌରାଣିକ ତଥ୍ୟ ସମ୍ବଳିତ ବିଭିନ୍ନ ଆକୃତିର ପଥର ଖୋଦେଇ ବିଗ୍ରହମାନ ମନ୍ଦିରର କାନ୍ଥ, ଛାତ, ପ୍ରାଚୀର ପଥର ମାନଙ୍କରେ ଦେଖିବାକୁ ପାଇବେ। ବିଶେଷତଃ ଏହାର ଗୋପୁରମ୍ର ସ୍ତମ୍ଭମାନଙ୍କରେ ହୋଇଥିବା କାରୁକାର୍ଯ୍ୟ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ପ୍ରଥମେ ତିରୁପତିରେ ଶ୍ରୀ ଭେଙ୍କଟେଶ୍ୱରଙ୍କୁ ଦର୍ଶନ କରି ତାପରେ ଶ୍ରୀକାଳହସ୍ତୀ ଯାତ୍ରା କରନ୍ତି। ଯଦି କାହାକୁ ରାହୁ କେତୁ ପୂଜା କରିବାକୁ ଥାଏ ତେବେ ଆଗ ଶ୍ରୀକାଳହସ୍ତୀରେ ପୂଜା ସାରି ଓ ଦର୍ଶନ କରି ତିରୁପତି ଯାତ୍ରା କରନ୍ତି। ଏଠାରେ ଅନେକ ପର୍ବପର୍ବାଣି ପାଳନ କରାଯାଉଥିଲେ ମଧ୍ୟ ମହାଶିବରାତ୍ରି ଓ କାର୍ତ୍ତିକ ପୂର୍ଣ୍ଣିମା ବିଶେଷ ଭାବରେ ପାଳନ କରାଯାଏ। ସାରା ଭାରତରୁ ଭକ୍ତମାନେ ଏହି ଦିନରେ ଏଠାକୁ ରାହୁ କେତୁ ପୂଜା କରି ଗ୍ରହଶାନ୍ତି କରିବାକୁ ଆସନ୍ତି। ସ୍ୱୟମ୍ଭୁଲିଙ୍ଗ ଶ୍ରୀ କାଳହସ୍ତୀଶ୍ୱର ଲିଙ୍ଗଙ୍କୁ କେହି ସ୍ପର୍ଶ କରନ୍ତି ନାହିଁ। ଏପରିକି ପୂଜକମାନେ ମଧ୍ୟ ସ୍ପର୍ଶ କରନ୍ତି ନାହିଁ। ଏଠାରେ ଭଗବାନ ଶ୍ରୀକାଳହସ୍ତୀଶ୍ୱରଙ୍କ ସହିତ ଦେବୀ ଜ୍ଞାନପ୍ରସୂନ ଅମ୍ବାଙ୍କୁ ମଧ୍ୟ ପୂଜା କରାଯାଏ। ଶ୍ରୀ କାଳହସ୍ତୀ କଲମକରି ଶାଢ଼ୀ ଓ ପୂଜା ସାମଗ୍ରୀ ପାଇଁ ପ୍ରସିଦ୍ଧ। ଏଠାରେ ପ୍ରସ୍ତୁତ ପାଲାକୋଭା ମିଠା, କାଲାକନ୍ଦ, ପେଡ଼ା ଓ କ୍ଷୀରି ରାବିଡ଼ିରେ ପ୍ରସ୍ତୁତ ସୁସ୍ୱାଦୁ ମିଠାମାନ ପ୍ରସାଦ ଭାବରେ ଉପଲବ୍ଧି ହୁଏ। ଦ୍ରାବିଡ଼ ସଂସ୍କୃତି ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀ କାଳହସ୍ତୀ ଏହାର ସାଂସ୍କୃତିକ ସମ୍ପନ୍ନ କଳାକୃତିର ମନ୍ଦିର ଶ୍ରୀକାଳହସ୍ତୀ ଏହାର ସଂସ୍କୃତି ଓ ଧାର୍ମିକ ଭାବର ପବିତ୍ର ସମାରୋହ। ଶ୍ରୀ କାଳହସ୍ତୀଶ୍ୱର ଯାତ୍ରା କେବଳ ତୀର୍ଥାଟନ ନୁହେଁ ଏହା ଭାରତୀୟ ଆଧ୍ୟାତ୍ମିକତା ଓ ସାଂସ୍କୃତିକ ଐତିହ୍ୟର ଏକ ଗଭୀର ଅନୁଭୂତ। ମନ୍ଦିରର ଆକୃତି, ପୁରାତନ ଶିଳ୍ପକଳା, ଗର୍ଭଗୃହରେ ପୂଜିତ ସ୍ୱୟମ୍ଭୁ ବାୟୁଲିଙ୍ଗଙ୍କର ସରଳ କିନ୍ତୁ ପ୍ରଭାବଶାଳୀ ପୂଜା ପଦ୍ଧତି ଭକ୍ତମାନେ ମନକୁ ଶାନ୍ତି, ପବିତ୍ରତା ଓ ଆତ୍ମବଳ ପ୍ରଦାନ କରେ। ଏହିପରି ଶହ ଶହ ବର୍ଷ ହେଲା ଶ୍ରୀ କାଳହସ୍ତୀ ସମସ୍ତଙ୍କର ଭକ୍ତି, ଆଶ୍ରୟ ଓ ପ୍ରେରଣାର କେନ୍ଦ୍ର ଭାବରେ ପ୍ରସିଦ୍ଧି ହୋଇ ରହିଅଛି।




**ଆନ୍ଧ୍ରପ୍ରଦେଶର ତ୍ରିଚୁର ଜିଲ୍ଲାରେ ଅବସ୍ଥିତ ଶ୍ରୀ କାଳହସ୍ତୀ ମନ୍ଦିର ହିନ୍ଦୁ ମାନଙ୍କର ଏକ ବିଶିଷ୍ଟ ପୂଜା ସ୍ଥଳ। ଏହ ମନ୍ଦିର ଦକ୍ଷିଣର କୈଳାସ ନାମରେ ପରିଚିତ। ଏହା ସ୍ୱର୍ଣ୍ଣମୁଖୀ ନଦୀକୂଳରେ ଅବସ୍ଥିତ ଏକ ପ୍ରସିଦ୍ଧ ଶିବ ମନ୍ଦିର। ଏହି ମନ୍ଦିର ରାହୁ ଓ କେତୁ ଗ୍ରହଙ୍କ ପୂଜା ପାଇଁ ପ୍ରସିଦ୍ଧ। ଏଠାରେ ରାହୁ ଓ କେତୁଙ୍କ ପୂଜା ପାଇଁ ଅମାବାସ୍ୟା, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ତିଥିକୁ ପବିତ୍ର ମନାଯାଏ। ରବିବାର ଦିନକୁ ମଧ୍ୟ ପୂଜା ପାଇଁ ଏଠାରେ ଶୁଭ ମନାଯାଏ। ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଯେତେବେଳେ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହେ କେବଳ ଏହି ମନ୍ଦିର ଖୋଲା ରହେ। ମନ୍ଦିର ପ୍ରତ୍ୟେକ ଦିନ ସକାଳ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହି ପୂଜା ଅର୍ଚ୍ଚନା କରାଯାଏ ଓ ଭକ୍ତମାନେ ଶୃଙ୍ଖଳିତ ହୋଇ ଧାଡ଼ିରେ ଯାଇ ଦର୍ଶନ କରନ୍ତି। ଏହି ମନ୍ଦିର ଶିବଙ୍କୁ ସମର୍ପିତ ଏବଂ ଏଠାରେ ପୂଜା ପାଉଥିବା ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ ଏହି ପଞ୍ଚତତ୍ତ୍ୱ ମଧ୍ୟରୁ ବାୟୁତତ୍ତ୍ୱ ଅନ୍ୟତମ। ମନ୍ଦିର ଗର୍ଭଗୃହ ମଧ୍ୟରେ ଯଦିଓ କୌଣସି ବାୟୁ ଚଳାଚଳ ହୁଏ ନାହିଁ ଭକ୍ତମାନେ ପବନ ବହିବା ପରି ଅନୁଭବ କରନ୍ତି। ଏପରିକି ଗର୍ଭଗୃହରେ ଏକ ତୈଳ ଦୀପର ଶିଖା ପବନରେ ହଲିଲା ପରି ଦୃଷ୍ଟି ଗୋଚର ହୁଏ।**



**ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ, ମୋବାଇଲ୍: ୯୮୬୧୩୫୫୬୨୮**

### ଦଳୀୟ କର୍ମୀଙ୍କୁ ଅମିତ ଶାହଙ୍କ ଗୁରୁମନ୍ତ୍ର

# ପଶ୍ଚିମବଙ୍ଗ, ତାମିଲନାଡୁ ପାଇଁ ପ୍ରସ୍ତୁତ ରୁହ



ନୂଆଦିଲ୍ଲୀ,୨୭।୧୧ : ଅହଂକାରୀ ହୁଅ ନାହିଁ। ବିହାର ରେଜଲ୍ଟ ଏକ ସାମୂହିକ ବିଜୟ। ବିହାର ପରେ ଏବେ ପଶ୍ଚିମବଙ୍ଗ ପାଇଁ ପ୍ରସ୍ତୁତ ରୁହ। ନିଜର କର୍ମୀଙ୍କୁ ଏଭଳି ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଆଗାମୀ ନିର୍ବାଚନ ପାଇଁ ତୁରନ୍ତ ପ୍ରସ୍ତୁତି ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ବିଜେପି ସଭାପତି ଜେ.ପି. ନଡ୍ଡାଙ୍କ ବାସଭବନରେ ଆୟୋଜିତ ଏକ ନୈଶଭୋଜନ ବୈଠକରେ ଅମିତ ଶାହ ବିହାର ନିର୍ବାଚନ ପ୍ରଚାରରେ ସାମିଲ ଥିବା ବିଭିନ୍ନ ରାଜ୍ୟର ଦଳୀୟ ସଦସ୍ୟମାନଙ୍କୁ ସମ୍ମାନିତ କରିଛନ୍ତି। ସେ ଏହି ବିଜୟକୁ ଏନଡିଏର ଏକତା ଏବଂ ଦୃଢ଼ ସଂକଳ୍ପକୁ ଶ୍ରେୟ ଦେଇଛନ୍ତି।

ସୂତ୍ର ଅନୁସାରେ, ଶାହ ଜେଡିୟୁ ସଦସ୍ୟମାନଙ୍କୁ ପ୍ରଶଂସା କରି କହିଛନ୍ତି ଯେ, ଲୋକମାନେ 'ମୋଦୀ-ନୀତୀଶ ଯୋଡ଼ି' ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଛନ୍ତି। ସେ ଜୋର ଦେଇଛନ୍ତି ଯେ, ସମସ୍ତ ପାଞ୍ଚ ଏନଡିଏ ସହଯୋଗୀ 'ପାଞ୍ଚ ପାଣ୍ଡବ' ପରି ଏକ ହୋଇ ନିର୍ବାଚନ ଲଢ଼ିଥିଲେ। ବିହାର ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଲୋକଙ୍କ ପ୍ରେମ ଏବଂ ବିଶ୍ୱାସର ସବୁଠାରୁ ବଡ଼ ପ୍ରମାଣ।

ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ, ମିଶନ ବନ୍ଦ ହେବନାହିଁ। ସେ କହିଛନ୍ତି ଯେ, ଦଳୀୟ କର୍ମୀମାନେ ବଙ୍ଗ ଏବଂ ତାମିଲନାଡୁ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବା ଉଚିତ। ସେ ନିର୍ବାଚନ ପ୍ରଚାରରେ ସାମିଲ ଥିବା ଅନ୍ୟ ରାଜ୍ୟର ଦଳୀୟ ସଦସ୍ୟମାନଙ୍କୁ କ୍ରେଡିଟ୍ ପାଇଁ ପ୍ରତିଯୋଗିତା ନକରିବାକୁ ପରାମର୍ଶ ଦେଇଥିଲେ। କାରଣ କ୍ରେଡିଟ୍ ପାଇବାର ପ୍ରକୃତ ଅଧିକାର ବିହାର ୟୁନିଟ୍ ପାଖରେ ଅଛି। ଯାହା ନିଜ କଠିନ ପରିଶ୍ରମ ମାଧ୍ୟମରେ ଏହି ଫଳାଫଳଗୁଡ଼ିକୁ ଐତିହାସିକ କରିଛି।

### ନୂଆ ଗବେଷଣା ପାଇଁ ଆମେରିକା ଓ ରୁଷର ସଂଯୁକ୍ତ ଟିମ୍

# ସଫଳ ଲଞ୍ଚିଂ ; ୮ ମାସ ଆଇଏସ୍ଏସ୍‌ରେ ବିତାଇବେ

ନୂଆଦିଲ୍ଲୀ,୨୭।୧୧: ମହାକାଶରେ ନୂତନ ଗବେଷଣା ପାଇଁ ଆମେରିକା ଓ ରୁଷର ସଂଯୁକ୍ତ ଟିମ୍ ଗୁରୁବାର ଅନ୍ତର୍ଜାତୀୟ ମହାକାଶ ଷ୍ଟେଷନ (ଆଇଏସଏସ) ପାଇଁ ସଫଳତାର ସହ ଯାତ୍ରା କରିଛନ୍ତି। ନାସାର ମହାକାଶ ଯାତ୍ରୀ କ୍ରିସ୍ ୱିଲିୟମ୍ସ ଓ ରୁଷର ଦୁଇ ଅନୁଭବୀ କାସ୍ମୋନଟ୍ ସେର୍ଗେଇ ମିକାୟେଭ ଓ ସେର୍ଗେଇ କୁଦ-ସ୍ୱେର୍ଚକୋଭ କାଜାଖସ୍ତାନର ବେକୋନୁର କସ୍ମୋଡ୍ରୋମରୁ ସୋୟୁଜ ରକେଟ୍‌ରେ ଉଡାଣ ଭରିଛି।

ଉଡାଣ ଭରିବା ପରେ ସୋୟୁଜ ଏମ୍ଏସ୍-୨୮ ନିର୍ଦ୍ଧାରିତ ମାର୍ଗରେ ଆଗକୁ ବଢୁଥିବା ମିଶନ କଣ୍ଟ୍ରୋଲ୍ ଘୋଷଣା କରିଥିଲେ। ତିନି ସଦସ୍ୟଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ରହିଛି। ଏହି ଉତ୍‌କ୍ଷେପଣ ଏପରି ସମୟରେ ହୋଇଛି, ଯେତେବେଳେ ବୈଶ୍ୱିକ ଉତ୍ତେଜନା ମଧ୍ୟରେ ଆମେରିକା ଓ ରୁଷ ବୈଜ୍ଞାନିକ ସହଯୋଗକୁ ଜାରି ରଖିଛନ୍ତି। ଟିମ୍ ପ୍ରାୟ ୮ ମାସ ଆଇଏସଏସରେ ବିତାଇବେ। ସେଠାରେ ଗବେଷଣା, ମାଇକ୍ରୋଗ୍ରାଭିଟି ଅନୁସନ୍ଧାନ ଓ ଷ୍ଟେସନର ରକ୍ଷଣାବେକ୍ଷଣ ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବେ। ମିଶନର ଉଦ୍ଦେଶ୍ୟ ପୃଥିବୀର ବାତାବରଣ, ଜୈବିକ ପ୍ରକ୍ରିୟା ଓ ଦୀର୍ଘକାଳୀନ



ମାନବ ମହାକାଶ ଯାତ୍ରାର ପ୍ରଭାବର ଅଧ୍ୟୟନ ଜାରି ରଖିବା।

ସୋୟୁଜ ଏମ୍ଏସ୍-୨୮ର ଷ୍ଟେସନରୁ ଡକିଂ ସମୟ ଲଞ୍ଚିଂର ପ୍ରାୟ ତିନି ଘଣ୍ଟା ପରେ ସ୍ଥିର କରାଯାଇଛି। ଏହାକୁ ଏକ ବଡ଼ ଉପଲବ୍ଧ ଭାବେ ଦେଖାଯାଉଛି। ଆଇଏସ୍ଏସ୍ ଯାଏଁ ଯାତ୍ରା ଅବଧିକୁ କମ କରିବା ଲାଗି ସ୍ୱତନ୍ତ୍ର ରୂପେ ଡିଜାଇନ୍ କରାଯାଇଛି। ଏହି ସଫଳ ଲଞ୍ଚିଂ ଅନ୍ତର୍ଜାତୀୟ ସ୍ତରରେ ମହାକାଶ ବିଜ୍ଞାନର ସହଯୋଗ ଭୂ-ରାଜନୀତିକ ଆହ୍ୱାନ ଉପରେ ବୋଲି ପ୍ରମାଣିତ କରିଛି। ରୁଷର ସୋୟୁଜ ମହାକାଶ କାର୍ଯ୍ୟକ୍ରମ ଦୁନିଆର ସବୁଠୁ ବିଶ୍ୱାସଯୋଗ୍ୟ ମହାକାଶ ଉଡାଣ ପ୍ରଣାଳୀରେ ଗଣତି କରାଯାଏ। ଏଥିରେ ଯାତ୍ରା କରିଥିବା ରୁଷ ସଦସ୍ୟଙ୍କୁ କସ୍ମୋନଟ୍ ଓ ଆମେରିକା, ୟୁରୋପ, କାନାଡା ଏବଂ ଜାପାନର ସଦସ୍ୟଙ୍କୁ ମହାକାଶ ଯାତ୍ରୀ କୁହାଯାଏ। ସୋୟୁଜର ମୁଖ୍ୟତଃ ଆଇଏସ୍ଏସ୍ କସ୍ମୋନଟ୍ ଓ ମହାକାଶ ଯାତ୍ରୀଙ୍କୁ ନେବା ଓ ଆଣିବାରେ ବ୍ୟବହାର କରାଯାଇଥାଏ। ଏହି ଯାନରେ ତିନି ଜଣଙ୍କ ବସିବା କ୍ଷମତା ରହିଥାଏ। ଏହି କାରଣରୁ କେବଳ ତିନି ମହାକାଶ ଯାତ୍ରୀ ହିଁ ମିଶନକୁ ଯାଇପାରିବେ। ଯାତ୍ରୀଙ୍କ ସହ ଏହା ଖାଦ୍ୟ, ପାଣି ଓ ଅନ୍ୟ ଜରୁରୀ ସାମଗ୍ରୀ ମଧ୍ୟ ଷ୍ଟେସନକୁ ନେଇପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆଇଏସ୍ଏସ୍ ସହ ଅତି କମରେ ଗୋଟିଏ ସୋୟୁଜ ସବୁବେଳେ ଜଡ଼ିତ ରହିଥାଏ, ଫଳରେ ଜରୁରୀ ସ୍ଥିତିରେ ଏହି ଲାଇଫ୍‌ବୋଟ୍ ପରି କାମ କରିପାରିବ ଓ ପୂରା ଟିମ୍‌କୁ ସୁରକ୍ଷିତ ପୃଥିବୀକୁ ଫେରାଇ ଅଣାଯାଇ ପାରିବ।

### ବିହାରକୁ ଫେରିଲା ପ୍ରତିଶୋଧମୂଳକ ରାଜନୀତି

# ବଙ୍ଗଳା ଖାଲି କରିବା ନୋଟିସକୁ ରାବ୍ରୀଙ୍କ ବିରୋଧ

**ପାଟନା, ୨୭।୧୧:** ୨୦ବର୍ଷ ଧରି ଯେଉଁ ସରକାରୀ ବାସଭବନରେ ଲାଲୁ ପ୍ରସାଦ ଯାଦବ, ରାବରୀ ଦେବୀ ତାଙ୍କ ପରିବାର ରହି ଆସୁଥିଲେ ତାକୁ ଖାଲି କରିବାକୁ ପଡିବ। ପାଟଣାର ସର୍କୁଲାର ରୋଡ ସ୍ଥିତ ୧୦ ନମ୍ବର ସରକାରୀ ବାସଭବନରେ ସେମାନେ ରହି ଆସୁଥିଲେ। ଗତ ନଭେମ୍ବର ୨୫ରେ ତାଙ୍କୁ ସରକାରୀ ବାସଭବନ ଖାଲି କରିବାକୁ ନୋଟିସ ଦିଆଯାଇଛି ।



ଦୀର୍ଘ ଦୁଇ ଦଶନ୍ଧି ଧରି ଯେଉଁ ସରକାରୀ ବାସଭବନରେ ରାବ୍ରୀ ଦେବୀ, ଲାଲୁ ପ୍ରସାଦ ଯାଦବଙ୍କ ପରିବାର ରହି ଆସୁଥିଲେ ତାକୁ ଏଣିକି ଖାଲି କରିବାକୁ ପଡିବ। ଯାହାକୁ ନେଇ ବୟାନବାଜୀ ଆରମ୍ଭ ହୋଇଛି। ଲାଲୁଙ୍କ ପରିବାର କହିଛି ଯେ, ବାସଭବନରୁ ବାହାର କଲେ ବି ବିହାରବାସୀଙ୍କ ମନରୁ କାଢ଼ିପାରିବେନି ନୀତିଶ କୁମାର।

କୁହାଯାଉଛି ଆରଜେଡି ନେତା ତଥା ଲାଲୁଙ୍କ ପୁଅ ତେଜସ୍ୱୀଙ୍କ ଗୋଟିଏ ପୁରୁଣା ଭୁଲ ବର୍ତ୍ତମାନ ଯାଦବ ପରିବାରକୁ ଅଡୁଆରେ ପକାଇଛି। ୨୦୦୫ରେ ନୀତୀଶ କୁମାର ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଜୀବନ ସରକାରୀ ବାସଭବନ ଓ ସୁବିଧାର ବ୍ୟବସ୍ଥା ସୁନିଶ୍ଚିତ କରିଥିଲେ। ଯେଉଁଥିରେ ରାବ୍ରି ଦେବୀଙ୍କୁ ପାଟନା ସର୍କୁଲାର ରୋଡରେ ବାସଭବନ ମିଳିଥିଲା। କିନ୍ତୁ ତେଜସ୍ୱୀଙ୍କ ଗୋଟିଏ ପିଟିସନ ସବୁ କିଛି ଓଲଟପାଲଟ କରିଦେଇଛି। ୨୦୧୭ରେ ମହାଗଠବନ୍ଧନଠୁ ଅଲଗା ହୋଇ ଏନଡିଏ ସହ ନୂଆ ସରକାର କରିଥଲେ ନୀତୀଶ। ତେଜସ୍ୱୀଙ୍କ ହାତରୁ ଉପମୁଖ୍ୟମନ୍ତ୍ରୀ ପଦ ଯିବା ପରେ ଦେଶରତ୍ନ ମାର୍ଗ ସ୍ଥିତ ବାସଭବନ ଛାଡିବାକୁ କୁହାଯାଇଥିଲା। ବାସଭବନ ମରାମତିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦର୍ଶାଇ ନୀତିଶଙ୍କ ନିଷ୍ପତ୍ତି ବିରୋଧରେ କୋର୍ଟକୁ ଯାଇଥିଲେ ତେଜସ୍ୱୀ। ଶୁଣାଣି କରି କୋର୍ଟ ତେଜସ୍ୱୀଙ୍କ ଆବେଦନ ଖାରଜ କରିବା ସହ ଏହି ପୂର୍ବତନ ବ୍ୟବସ୍ଥାକୁ ଅଣସାମ୍ବିଧାନିକ କହି ଉଚ୍ଛେଦ କରିଥିଲେ। ତେଣୁ

### କର୍ଣ୍ଣାଟକ କଂଗ୍ରେସରେ ହାଇ ଡ୍ରାମା

# ପ୍ରତିଶ୍ରୁତି ପାଳନ ସବୁଠୁ ବଡ଼ ଶକ୍ତି: ଶିବକୁମାର

ବେଙ୍ଗାଲୁରୁ,୨୭।୧୧: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦ ମଧ୍ୟରେ, କଂଗ୍ରେସ ରାଜ୍ୟ ସଭାପତି ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଇସାରା ଇସାରାରେ ଏକ ବଡ ବୟାନ ଦେଇଛନ୍ତି। ସେ କହିଛନ୍ତି, ଶବ୍ଦର ଶକ୍ତି ହେଉଛି ବିଶ୍ୱର ସବୁଠାରୁ ବଡ଼ ଶକ୍ତି ଏବଂ ପ୍ରତିଶ୍ରୁତି ପାଳନ ହେଉଛି ସବୁଠାରୁ ବଡ଼ ଶକ୍ତି। ଅର୍ଥାତ୍ ଆମ ପାଇଁ, ଆମର ପ୍ରତିଶ୍ରୁତି ପାଳନ କରିବା ବିଶ୍ୱର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ। ସେ ଜଣେ ବିଚାରପତି ହୁଅନ୍ତୁ, ଭାରତର ରାଷ୍ଟ୍ରପତି ହୁଅନ୍ତୁ, ମୁଁ, ଆପଣ, କିମ୍ବା ଆପଣଙ୍କ ପରିବାରର ଯେ କେହି ହୁଅନ୍ତୁ, ଏହା ହେଉଛି ସବୁଠାରୁ ବଡ଼ ଶକ୍ତି, ଏବଂ ଆମେ ଏହାକୁ ସମ୍ମାନ କରିବା ଉଚିତ। ବାସ୍ତବରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ ମତଭେଦର ଗୁଜବ ବର୍ତ୍ତମାନ



କଂଗ୍ରେସ ଦଳ ଭିତରେ ଚାଲିଛି। ଶିବକୁମାର ଦାବି କରିଛନ୍ତି ଯେ, ବିଧାନସଭା ନିର୍ବାଚନ ଜିତିବାର ଅଢ଼େଇ ବର୍ଷ ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା, ଯେତେବେଳେ ସିଦ୍ଧରମୈୟା ଗୋଷ୍ଠୀ ଏହାକୁ ଅସ୍ୱୀକାର କରନ୍ତି। ସୂତ୍ର ଅନୁସାରେ କଂଗ୍ରେସ ଦଳ ଭିତରେ କ୍ଷମତା ପରିବର୍ତ୍ତନର ନିଷ୍ପତ୍ତି ଡିସେମ୍ବର ୧ ସୁଦ୍ଧା ନିଆଯାଇପାରେ।

ଗତ କିଛି ସପ୍ତାହ ମଧ୍ୟରେ, ଶିବକୁମାରଙ୍କୁ ସମର୍ଥନ କରୁଥିବା ବିଧାୟକମାନେ ଦଳୀୟ ନେତୃତ୍ୱଙ୍କୁ ଭେଟିବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି, ଯାହା ପରିବର୍ତ୍ତନ ବିଷୟରେ କଳ୍ପନାଜଳ୍ପନାକୁ ଆହୁରି ତ୍ୱରାନ୍ୱିତ କରିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ମୁଁ ଏକ ସମାଧାନ ଖୋଜିବା ପାଇଁ ଏକାଠି କାମ କରିବୁ। ସିଦ୍ଧରମୈୟା ଏହା ମଧ୍ୟ କହିଛନ୍ତି ଯେ, ଚୂଡ଼ାନ୍ତ ନିଷ୍ପତ୍ତି ହାଇକମାଣ୍ଡଙ୍କ ଉପରେ ନିର୍ଭର କରେ। ଏହି ସମୟରେ, ଶିବକୁମାର ସାର୍ବଜନୀନ ଭାବରେ ମୁଖ୍ୟମନ୍ତ୍ରୀ ପଦବୀ ଦାବି କରିବାକୁ ମନା କରିଛନ୍ତି। ସେ କହିଛନ୍ତି, ମୁଁ କିଛି ମାଗିନାହିଁ। ନେତୃତ୍ୱ ନିଷ୍ପତ୍ତି କିଛି ବ୍ୟକ୍ତିଙ୍କ ମଧ୍ୟରେ ଏକ ବିଷୟ। ମୁଁ ଦଳକୁ ଦୁର୍ବଳ କରିବାକୁ ଚାହୁଁନାହିଁ।

### ବହୁବିବାହ ଉପରେ ପ୍ରତିବନ୍ଧକ

# ଦୋଷୀ ସାବ୍ୟସ୍ତ ହେଲେ ୭ ବର୍ଷ ଜେଲ

ଗୌହାଟୀ,୨୭।୧୧: ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଆସାମ ବିଧାନସଭାରେ ଏକ ବିଲ୍ ପାସ୍ ହୋଇଛି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଉଥିବା ବେଳେ ଏହି ଆଇନ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତକୁ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ପୀଡ଼ିତାଙ୍କୁ ୧.୪୦ ଲକ୍ଷ କ୍ଷତିପୂରଣ ଦେବା ପାଇଁ ନିୟମ ରହିଛି।

ସୂଚନାଥାଉକି, ମଙ୍ଗଳବାର ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବିଧାନସଭାରେ ବହୁବିବାହ ନିଷିଦ୍ଧ ବିଲ୍ ଆଗତ କରିଥିଲେ। ଏହି ବିଲ୍ ଅନୁସାରେ ବହୁ ବିବାହ ଏକ ଅପରାଧ। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ହୋଇପାରେ। ତେବେ ବିଲରେ ଅନୁସୂଚିତ ଜନଜାତି ଏବଂ ଷଷ୍ଠ ଅନୁସୂଚୀ ଅଧୀନରେ ଥିବା ଅଞ୍ଚଳଗୁଡ଼ିକୁ ବାଦ ଦିଆଯାଇଛି। ବିଧାନସଭା ବାଚସ୍ପତି ବିଶ୍ୱଜିତ ଦୈମାରିଙ୍କ ଅନୁମତି ପରେ, ହେମନ୍ତ ବିଶ୍ୱ ଶର୍ମା ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ଆଗତ କରିଥିଲେ। ଗାୟକ ଜୁବିନ

**ଆସାମ ବିଧାନସଭାରେ ବିଲ୍ ପାସ୍**

ଗର୍ଗଙ୍କ ମୃତ୍ୟୁ ଉପରେ ଆଲୋଚନା ପରେ ଗୃହରୁ ଚାଲିଯାଇଥିବା ବିରୋଧୀ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଏବଂ ରାଇଜୋର ଦଳ ବିଧାୟକମାନଙ୍କ ଅନୁପସ୍ଥିତିରେ ଏହି ବିଲ୍ ଆଗତ କରାଯାଇଥିଲା। ବିଲର ଉଦ୍ଦେଶ୍ୟ ଏବଂ କାରଣର ବିବୃତ୍ତି ଅନୁଯାୟୀ, ଏହା ରାଜ୍ୟରେ ବହୁବିବାହ ଏବଂ ବହୁପତ୍ନୀ ପ୍ରଥାକୁ ନିଷିଦ୍ଧ ଏବଂ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। ଏଥିରେ କୁହାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ତାଙ୍କର ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରନ୍ତି, ତେବେ ତାଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ଜରିମାନା ସହିତ ଦଣ୍ଡିତ କରାଯାଇପାରିବ।

### ହ୍ୱାଇଟହାଉସ ପାଖରେ ଗୁଳିମାଡ଼, ୩ ଆହତ



ୱାଶିଂଟନ, ୨୭।୧୧: ଆମେରିକା ହ୍ୱାଇଟହାଉସ ପାଖରେ ହୋଇଛି ଗୁଳିମାଡ଼। ଅଜଣା ଆତତାୟୀଙ୍କ ଗୁଳିରେ ୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇଜଣ ନ୍ୟାସନାଲ ଗାର୍ଡ ଅଛନ୍ତି। ସ୍ଥାନୀୟ ସମୟ ୨ଟା ୩୦ରେ ଏହି ଗୁଳିକାଣ୍ଡ ଘଟିଛି। ଦୁଇ ନ୍ୟାସନାଲ ଗାର୍ଡଙ୍କୁ ଭିନ୍ନ ଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।

**ଆଫଗାନ ସନ୍ଦିଗ୍ଧଙ୍କୁ ଅଟକ ରଖି ଜେରା**

ଗୁଳିକାଣ୍ଡ ପରେ ହ୍ୱାଇଟ ହାଉସ ଆଖପାଖ ଅଞ୍ଚଳରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ରାସ୍ତାକୁ ସିଲ କରି ବହୁ ସଂଖ୍ୟାରେ ବନ୍ଧୁକଧାରୀ ସୁରକ୍ଷାକର୍ମୀ ମୁତୟନ ହୋଇଛନ୍ତି। ଏପଟେ ମାମଲାରେ ଜଣେ ଆଫଗାନ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ। କେଉଁ ଉଦ୍ଦେଶ୍ୟରେ ଆକ୍ରମଣ ହୋଇଛି ତା'ର ଖୋଲତାଡ଼ ଚାଲିଛି। ଏପଟେ ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। କହିଛନ୍ତି ଯେ, କେହିବି ଦୁର୍ବୃତ୍ତ ଆକ୍ରମଣ କରିଛି, ତା ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ହେବ। ଉପ ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଘଟଣାରେ ଦୁଃଖ ପ୍ରକାଶ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି।

### ଶ୍ରୀଲଙ୍କାରେ ପ୍ରାକୃତିକ ବିପର୍ଯ୍ୟୟ

# ବର୍ଷା ଓ ଭୂସ୍ଖଳନ ଯୋଗୁଁ ୩୧ ମୃତ



କଲମ୍ବୋ, ୨୭।୧୧: ଶ୍ରୀଲଙ୍କାରେ ଗତ ୧୧ ଦିନ ହେଲାଣି ମୂଷଳଧାରା ବର୍ଷା ଓ ବନ୍ୟା, ଭୂସ୍ଖଳନ ଯୋଗୁଁ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଶ୍ରୀଲଙ୍କା ବିପର୍ଯ୍ୟୟ ପ୍ରବନ୍ଧନ କେନ୍ଦ୍ର ମୁତାବକ, ବିପର୍ଯ୍ୟୟ ଯୋଗୁଁ ଏଯାଏଁ ୩୧ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୪୦, ୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଚାରିଆଡ଼ ଜଳାର୍ଣ୍ଣବ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଜରୁରୀ ପରିସ୍ଥିତିର ମୁକାବିଲା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ଉଦ୍ଧାର କାର୍ଯ୍ୟ ସହ ଖାଦ୍ୟ ପୁଡ଼ିଆ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ପାହାଡିଆ ଅଞ୍ଚଳ ଜିଲ୍ଲାରେ ୧୮ ଜଣଙ୍କ ଜୀବନ ଚାଲିଯାଇଛି। ଏଭଳି ଜରୁରୀକାଳୀନ ସ୍ଥିତିରେ ରାଷ୍ଟ୍ରପତି ଅନୁରା କୁମାରା ଦେସନାୟକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଡାକିଛନ୍ତି। ଗତବର୍ଷ ଅକ୍ଟୋବରରେ ବର୍ଷା କାରଣରୁ ରାଜଧାନୀ କଲମ୍ବୋ ଏବଂ ଉପନଗରୀୟ ଅଞ୍ଚଳରେ ବିଭିନ୍ନ ଅଞ୍ଚଳରେ ବନ୍ୟା ଆସିଥିଲା। ଫଳରେ ୧ ଲକ୍ଷ ୩୪ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। କଲମ୍ବୋରେ ଥିବା ସମସ୍ତ ସ୍କୁଲ ବନ୍ଦ କରିବାକୁ ପଡିଥିଲା। କିଛି ଅଞ୍ଚଳରେ ପାଣି ଘର ଏବଂ ଦୋକାନ ଛାତରେ ପହଞ୍ଚିଥିଲା।

### ଦୁର୍ନୀତି ମାମଲାରେ ହସିନାଙ୍କୁ ୨୧ ବର୍ଷ ଜେଲ

ଢାକା, ୨୭।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଆଉ ଏକ ଝଟକା ଲଗିଛି। ଦୁର୍ନୀତି ମାମଲାରେ ତାଙ୍କୁ ଏକ କୋର୍ଟ ୨୧ ବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ମାନବାଧିକାର ସମ୍ପର୍କୀତ ଏକ ମାମଲାରେ ଫାଶୀ ଦଣ୍ଡ ଶୁଣାଇଥିଲେ। ଏବେ କୋର୍ଟ ଅନ୍ୟ ତିନୋଟି ଦୁର୍ନୀତି ମାମଲାରେ ହସିନାଙ୍କ ବିରୋଧରେ ଶୁଣାଣି କରିଛନ୍ତି। ଯେଉଁଥିରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୨୧ ବର୍ଷ ପାଇଁ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଯୋଗ୍ୟ, ୨୦୨୪ରେ ଦେଶରେ ହୋଇଥିବା ଛାତ୍ର ଆନ୍ଦୋଳନ ମାମଲାରେ କୋର୍ଟ ହସିନାଙ୍କୁ ଫାଶୀ ଦଣ୍ଡ ଶୁଣାଇଥିଲେ। ଆନ୍ଦୋଳନରେ ନିରୀହ ଛାତ୍ରଙ୍କ ଉପରେ ଗୁଳି ଏବଂ ବୋମାମାଡ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଯାହା ମାନବତାକୁ ହନନ କରୁଥିବା ଅଭିଯୋଗ ହୋଇଥିଲା । ଏହାର ଶୁଣାଣି କରି କୋର୍ଟ କିଛିଦିନ ତଳେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ହସିନା ଏବେ ଭାରତରେ ଥିବାରୁ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ବାଂଲାଦେଶ ସରକାର ନେଇପାରିବେ ନାହିଁ ।



### ୯୦ କୋଟିର ସାଇବର ଠକେଇ

# ଗିରଫ ୭ ଜଣଙ୍କ ମଧ୍ୟରେ ୪ ଇଞ୍ଜିନିୟରିଂ ଛାତ୍ର

ପୁଡୁଚେରୀ, ୨୭।୧୧: ବଡ଼ଧରଣର ସାଇବର ଠକେଇ ନେଟୱର୍କର ପର୍ଦ୍ଦାଫାସ ହୋଇଛି। ଗୋଟିଏ ଇଞ୍ଜିନିୟରିଂ କଲେଜ ଭିତରେ ଏହି ସାଇବର ଠକେଇର ନେଟୱର୍କ ଚାଲିଥିଲା। ପୁଡୁଚେରୀ ସାଇବର କ୍ରାଇମ ପୁଲିସ୍ ଏହା ଉପରୁ ପରଦା ହଟାଇଛି। ସାଇବର କ୍ରାଇମର କାର୍ପଟଦାର ସାଜିଥିବା ଇଞ୍ଜିନିୟରିଂ କଲେଜର ୪ ଜଣଙ୍କ ସମେତ ମୋଟ ୭ ଜଣଙ୍କୁ ପୁଲିସ ଗିରଫ କରିଛି। ଏହି ରାକେଟ ୯୦ କୋଟିର ସାଇବର ଠକେଇରେ ସାମିଲ ଥିଲା। ସାଇବର ଠକେଇରେ ସାମିଲଥିବା ଛାତ୍ରମାନେ ନିଜର ବନ୍ଧୁ ଓ ସହପାଠୀଙ୍କ ବ୍ୟାଙ୍କ ଆକାଉଣ୍ଟ ତଥ୍ୟକୁ ସାଇବର ଅପରାଧୀଙ୍କୁ ବିକ୍ରି କରୁଥିଲେ। ସାଇବର ଅପରାଧୀମାନେ କୌଶଳକ୍ରମେ ଭାରତରୁ ସାଇବର ଠକେଇ ଦ୍ୱାରା ଟଙ୍କା ହାସଲ କରୁଥିଲେ ଓ ଏହାପରେ ଏହାକୁ ଦୁବାଇ ଏବଂ ଚାଇନା ନେଟୱର୍କ ଜରିଆରେ କ୍ରିପ୍ଟୋକରେନ୍ସିରେ ପରିଣତ କରୁଥିଲେ।

ପୂରା ମାମଲା ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ଦୁଇ ଜଣ ଇଞ୍ଜିନିୟରିଂ ଛାତ୍ର ଦୀନେଶ ଓ ଜୟ ପ୍ରତାପ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ହଠାତ୍ ଅଚଳ ହୋଇଯିବାରୁ ସେମାନେ ପୁଲିସ୍ ନିକଟରେ ପହଞ୍ଚିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ, ସେମାନେ ହରିଶ ନାମକ ଜଣେ ବନ୍ଧୁଙ୍କୁ ନିଜର ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦେଇଥିଲେ।



ଏହାପରେ ପୂରା ନେଟୱର୍କ ସମ୍ପର୍କରେ ପୁଲିସ୍ ତଥ୍ୟ ହାସଲ କରିଥିଲା। ସାଇବର ଠକେଇର ଅନ୍ୟତମ ଅଭିଯୁକ୍ତ ହେଉଛି ହରିଶ। ସେ ନିଜ ବନ୍ଧୁ ଓ ଅନ୍ୟମାନଙ୍କୁ ମିଶାଇ ମୋଟ ୨୦ ଜଣଙ୍କ ବ୍ୟାଙ୍କ ତଥ୍ୟ ସଂଗ୍ରହ କରିଥିଲା। ଏହାପରେ ସେ ଉକ୍ତ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସାଇବର ଅପରାଧୀଙ୍କୁ ଦେଇଥିଲା। ତା' ସହ କଲେଜର ଆଉ ୩ ଜଣ ମଧ୍ୟ ଏହି ନେଟୱର୍କ ପାଇଁ କାମ କରୁଥିଲେ।

ସାଇବର ଠକେଇରୁ ମିଳୁଥିବା ଟଙ୍କାକୁ ଅପରାଧୀମାନେ ଏହି ସବୁ ଆକାଉଣ୍ଟ ଦ୍ୱାରା ବାଇପାସ କରୁଥିଲେ। ଏହି ସବୁ ଆକାଉଣ୍ଟରୁ ଅପରାଧୀମାନେ ପ୍ରାୟ ୭ କୋଟି ଟଙ୍କା ଉଠାଣ କରିଥିବା ତଦନ୍ତରୁ ଜଣାପଡ଼ିଛି। ପୁଲିସ୍ ପକ୍ଷରୁ କୁହାଯାଇଛି ଯେ ୪ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ସମେତ ୭ ଜଣଙ୍କୁ ଏଯାଏ ଗିରଫ କରାଯାଇଛି। ଗିରଫ ହୋଇଥିବା ଥୋମାସ ଓରଫ ହାୟାଗ୍ରିଭା, ହରିଶ, ଗଣେଶନ, ଗୋବିନ୍ଦରାଜ, ୟାଶୱିନ, ରାଗୁଲ ଓ ଆୟାପ୍ପନକୁ ପୁଲିସ୍ ରିମାଣ୍ଡରେ ଆଣିଛି। ସେମାନଙ୍କ ଠାରୁ ନଗଦ ୫ ଲକ୍ଷ ଟଙ୍କା, ୧୭୧ଟି ଚେକ ବହି, ୭୫ଟି ଏଟିଏମ, ୨୦ଟି ମୋବାଇଲ, ଏକାଧିକ ଲ୍ୟାପଟପ, କମ୍ପ୍ୟୁଟର, ଅନେକ ବ୍ୟାଙ୍କ ପାସବୁକ, କ୍ରେଡିଟ କାର୍ଡ ଓ ଗୋଟିଏ ହୁଣ୍ଡାଇ ଭର୍ଣ୍ଣା କାର ଜବତ ହୋଇଛି। ଅଭିଯୁକ୍ତ ଗଣେଶନ ଚାଇନାରେ ଥିବା ସାଇବର ଅପରାଧୀଙ୍କ ସହ ଯୋଗାଯୋଗ କରି ଠକେଇରୁ ମିଳିଥିବା ଟଙ୍କାକୁ ଉଠାଇ କ୍ରିପ୍ଟୋରେ ପରିଣତ କରୁଥିଲା। ଏହାପରେ ଏହାକୁ ଟେଲିଗ୍ରାମ ଜରିଆରେ ଅପରାଧୀମାନଙ୍କ ପାଖକୁ ପଠାଇ କମିସିନ ପାଉଥିଲା। ପୁଡୁଚେରୀ ଏସ୍‌ପି(ସାଇବର କ୍ରାଇମ) ନିତ୍ୟା ରାଧାକ୍ରିଷ୍ଣନ କହିଛନ୍ତି, ସାଇବର ଅପରାଧୀଙ୍କ ପାଇଁ କାମ କରୁଥିବା ଲୋକଙ୍କୁ ଆମେ ଗିରଫ କରିଛୁ। କେମିତି ବ୍ୟବସ୍ଥିତ ଢଙ୍ଗରେ ପୂରା ନେଟୱର୍କ ଚାଲିଥିଲା ତା'ର ପର୍ଦ୍ଦାଫାସ ହୋଇଛି।

### ସ୍ପଷ୍ଟ କଲେ ପାକ୍ ଜେଲ୍ କର୍ତ୍ତୃପକ୍ଷ

# ଜେଲରେ ସୁସ୍ଥ ଅଛନ୍ତି ଇମ୍ରାନ



ଇସଲାମାବାଦ, ୨୭।୧୧: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ହତ୍ୟା କରାଯାଇଥିବା ଗୁଜବ ଭିତରେ ସାମ୍ନାକୁ ଆସିଛି। ସବୁ ଗୁଜବକୁ ଖଣ୍ଡନ କରିଛି ଜେଲ ପ୍ରଶାସନ। ସେ ଏବେବି ଜେଲ୍ ଭିତରେ ଅଛନ୍ତି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜେଲ୍ କର୍ତ୍ତୃପକ୍ଷ କହିଛନ୍ତି। ରାୱଲପିଣ୍ଡି ଜେଲ୍‌ର ଜଣେ ଅଧିକାରୀ କହିଛନ୍ତି, 'ଅଡିୟାଲା ଜେଲରୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ନେଇ ଆସୁଥିବା ଖବରରେ କୌଣସି ସତ୍ୟତା ନାହିଁ। ଇମ୍ରାନ୍ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ତାଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ମିଳୁଛି। ସେପଟେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଯେ, ଇମ୍ରାନ ଖାନଙ୍କୁ ଜେଲରେ ଫାଇଭ-ଷ୍ଟାର ଭଳି ସୁବିଧା ମିଳୁଛି। ଅନ୍ୟପକ୍ଷରେ ଗତକାଲି ଜେଲ ଆଗରେ ଇମ୍ରାନଙ୍କ ସମର୍ଥକ ଓ ତାଙ୍କ ଭଉଣୀ ଧାରଣା ଦେଇଥିଲେ। ତେବେ ପୁଲିସର ବୁଝାସୁଝା ପରେ ସେମାନେ ଧାରଣାରୁ ଓହରିଛନ୍ତି। ଡିସେମ୍ବର ୨ ତାରିଖରେ ଇମ୍ରାନଙ୍କୁ ଭେଟିବା ପାଇଁ ସମୟ ଧାର୍ଯ୍ୟ କରିଛି ପୁଲିସ। ସୂଚନା ଅନୁସାରେ, ଏପ୍ରିଲ୍-୨୦୨୨ରେ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ତାଙ୍କୁ ପଦରୁ ହଟାଯିବା ପରେ ୨୦୨୩ ଅଗଷ୍ଟରୁ ଜେଲରେ ଅଛନ୍ତି ଇମ୍ରାନ।

### ୟୁପିଏସ୍‌ସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନ

# ଏହା ସମ୍ବିଧାନ ନିର୍ମାତାଙ୍କ ବିଜ୍ଞତା ପ୍ରତି ଶ୍ରଦ୍ଧାଞ୍ଜଳି: ଡକ୍ଟର ପି.କେ ମିଶ୍ର



ନୂଆଦିଲ୍ଲୀ,୨୭।୧୧: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଆଜି ନୂଆଦିଲ୍ଲୀରେ ୟୁପିଏସସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦବୋଧନ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ବିଗତ ୧୦୦ବର୍ଷ ଧରି ୟୁପିଏସସି ଦେଶର ସବୁଠାରୁ ସମ୍ମାନିତ ସାମ୍ବିଧାନିକ ସଂସ୍ଥା ଭାବରେ ମର୍ଯ୍ୟାଦା ଏବଂ ଭରସାଯୋଗ୍ୟତା ବଜାୟ ରଖିବା ସହିତ ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷତା ଏବଂ ବିଶ୍ୱସନୀୟତାକୁ ବଜାୟ ରଖିଛି। ଡକ୍ଟର ପି.କେ. ମିଶ୍ର ଗୁରୁତ୍ୱାରୋପ କରି କହିଥିଲେ, ଏହି ଅବସର ସମ୍ବିଧାନର ପ୍ରତିଷ୍ଠାତା ଏବଂ ଆୟୋଗର ଗଠନମୂଳକ ବର୍ଷଗୁଡ଼ିକରେ ମାର୍ଗଦର୍ଶନ କରିଥିବା ଦୂରଦ୍ରଷ୍ଟା ବ୍ୟକ୍ତିଙ୍କ ବିଚକ୍ଷଣତା ପ୍ରତି ଶ୍ରଦ୍ଧାଞ୍ଜଳି। ୟୁପିଏସସିର ସମସ୍ତ ଅଧ୍ୟକ୍ଷ, ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବଦାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ଯେଉଁମାନେ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ସ୍ୱଚ୍ଛତା ଏବଂ ଯୋଗ୍ୟତାକୁ ନିଶ୍ଚିତ କରି ପାରିଥିଲେ। ଡକ୍ଟର ମିଶ୍ର ସାମ୍ପ୍ରତିକ ପ୍ରତିଭା ସେତୁ ପୋର୍ଟାଲ୍ ଉପରେ ଆଲୋକପାତ କରିଥିଲେ, ଯାହା ଚୂଡ଼ାନ୍ତ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଭାଶାଳୀ ପ୍ରାର୍ଥୀମାନଙ୍କୁ ଜାତୀୟ କ୍ୟାରିଅର ସେବା ସହ ଯୋଡ଼ି ହୋଇଥିବା ସମ୍ଭାବ୍ୟ ନିଯୁକ୍ତିଦାତାଙ୍କ ସହ ସୁରକ୍ଷିତ ଭାବରେ ସଂଯୋଗ କରିଥାଏ । ଫଳରେ ଯୁବପିଢ଼ି ପାଇଁ ଜାତୀୟ ବିକାଶରେ ଯୋଗଦାନ ଦେବାର ନୂତନ ସୁଯୋଗ ଖୋଲିଥାଏ। ଡକ୍ଟର ମିଶ୍ର କହିଥିଲେ, ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ରାଷ୍ଟ୍ରର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି। ଏହି ପରିପ୍ରେକ୍ଷୀରେ ସେ ଚାରୋଟି ଦିଗ ଉପରେ ଆଲୋକପାତ କରିଥିଲେ।

# ଜାପାନରେ ବିଶ୍ୱର ସର୍ବାଧିକ ଶତାୟୁ ବ୍ୟକ୍ତି

ଟୋକିଓ/ନୂଆଦିଲ୍ଲୀ,୨୭।୧୧: ବିଶ୍ୱରେ ଶତାୟୁ ଲୋକଙ୍କ ସଂଖ୍ୟା ଲଗାତାର ବଢ଼ିବାରେ ଲାଗିଛି। ୱାର୍ଲଡ୍ ପପୁଲେସନ ରିଭ୍ୟୁର ନୂଆ ଡାଟାରୁ ଏହା ଜଣାପଡ଼ିଛି। ଶହେ ବର୍ଷରୁ ଅଧିକ ବୟସର ଜୀବିତ ଲୋକଙ୍କ ଗ୍ଲୋବାଲ୍ ଲିଷ୍ଟରେ ଜାପାନ ଏବେବି ଶୀର୍ଷରେ ରହିଛି। ଜାପାନରେ ୧,୨୩,୩୩୦ ଜଣଙ୍କ ବୟସ ଶହେ ବର୍ଷରୁ ଉର୍ଦ୍ଧ୍ୱ ରହିଛି। ଏହି ତାଲିକାରେ ଜାପାନ ପରେ ଦ୍ୱିତୀୟ ସ୍ଥାନରେ ଆମେରିକା ରହିଛି। ଏଠାରେ ଶତାୟୁ ବୟସ୍କଙ୍କ ସଂଖ୍ୟା ୭୩,୬୨୯ ରହିଛି। ତୃତୀୟ ସ୍ଥାନରେ ଚୀନ ଓ ଚତୁର୍ଥ ସ୍ଥାନରେ ଭାରତ ରହିଛି।

ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଚୀନରେ ୧୦୦ ବର୍ଷରୁ ଅଧିକ ଲୋକଙ୍କ ସଂଖ୍ୟା ୪୮,୫୬୬



ରହିଛି, ଭାରତରେ ଏହି ସଂଖ୍ୟା ୩୭,୯୮୮ ରହିଛି। ଶୀର୍ଷ ପାଞ୍ଚ ଦେଶର ତାଲିକାରେ ପଞ୍ଚମ ସ୍ଥାନରେ ଫ୍ରାନ୍ସ ରହିଛି। ଫ୍ରାନ୍ସରେ ଏହି ସଂଖ୍ୟା ୩୩,୨୨୦ ରହିଛି। ଏହି ସଂଖ୍ୟା ବଦଳୁଥିବା ଜୀବନଶୈଳୀ,

**ଆମେରିକା, ଚୀନ ପରେ ଭାରତ ଚତୁର୍ଥ**

ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଅତ୍ୟାଧୁନିକ ଏବଂ ସୁଲଭ ସ୍ୱାସ୍ଥ୍ୟ ସୁବିଧାର ଉପସ୍ଥିତିକୁ ଦର୍ଶାଉଛି। ଏହି ସବୁ ପୂର୍ବ ପିଢ଼ି ତୁଳନାରେ ଅଧିକ ବର୍ଷ ଯାଏ ଜୀବିତ ରହିବାରେ ସାହାଯ୍ୟ କରୁଛି।

ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୧୦୦ ବର୍ଷରୁ ଅଧିକ ବୟସ୍କଙ୍କ ସୂଚୀରେ ଏହି ପାଞ୍ଚ ବ୍ୟତିତ ଆହୁରି ବି ଅନେକ ଦେଶ ଅଛନ୍ତି, ଯେଉଁଠାରେ ଶତାୟୁ ଲୋକଙ୍କ ସଂଖ୍ୟା ବଢୁଛି। ଏହି ଦେଶଗୁଡ଼ିକ ହେଲା ଇଟାଲୀ, ରୁଷ, ଜର୍ମାନୀ, ୟୁକେ, ସ୍ପେନ୍, ଥାଇଲାଣ୍ଡ, କାନାଡା ଓ ଦକ୍ଷିଣ କୋରିଆ ସାମିଲ ଅଛନ୍ତି। ଏହି ଦେଶରେ ହାରାହାରି ଏପରି ବୟସ୍କଙ୍କ ସଂଖ୍ୟା ୧୧,୦୦୦ରୁ ୨୩,୦୦୦ ମଧ୍ୟରେ ରହିଛି।

ବୈଜ୍ଞାନିକଙ୍କ ମତରେ ଦୁନିଆରେ ଆଜି ପୂର୍ବ ଅପେକ୍ଷା ଅଧିକ ଶତାୟୁ ଲୋକ ବସବାସ କରୁଛନ୍ତି। ଗତ ୧୫ ବର୍ଷରେ ସାରା ଦୁନିଆରେ ଏହି ସଂଖ୍ୟା ଦ୍ୱିଗୁଣ ହୋଇଛି। ୨୦୦୯ରେ ଏପରି ସଂଖ୍ୟା ୪,୫୫,୦୦୦ ଥିଲା, ଯାହା ୨୦୨୪ରେ ବଢ଼ି ପ୍ରାୟ ୯,୩୫,୦୦୦ ହୋଇଛି। ବୈଜ୍ଞାନିକଙ୍କ ଅନୁସାରେ, ଏହି ଟ୍ରେଣ୍ଡ ପବ୍ଲିକ୍ ହେଲ୍ଥ, ଭ୍ୟାକ୍ସିନ, ରୋଗ କଣ୍ଟ୍ରୋଲ ଓ ଫିନ୍‌ଟେକ୍ ଏବଂ ପୋଷଣ ଉପରେ ଲୋକଙ୍କ ମଧ୍ୟରେ ସଚେତନତାକୁ ଦର୍ଶାଉଛି।

# ପୂର୍ବତନ ଜୁନିଅର ଆକାଉଣ୍ଟାଣ୍ଟଙ୍କୁ ତିନି ବର୍ଷ ଜେଲ

**ଭବାନୀପାଟଣା,୨୭।୧୧(ସଂଚାର ବ୍ୟୁରୋ):** ଭବାନୀପାଟଣା ଇଲେକ୍ଟ୍ରିକାଲ୍ ସବ-ଡିଭିଜନର ପୂର୍ବତନ ଜୁନିଅର ଆକାଉଣ୍ଟାଣ୍ଟ (ଅବସରପ୍ରାପ୍ତ) ଅଜିତ କୁମାର ମିଶ୍ରଙ୍କୁ ଲାଞ୍ଚ ମାମଲାରେ ତିନି ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ଭିଜିଲାନ୍ସ ବିଭାଗ ଅନୁଯାୟୀ, ମିଶ୍ରଙ୍କୁ କୋରାପୁଟ ଭିଜି ପିଏସ୍ କେସ୍ ନମ୍ବର ୨୭ ତାରିଖ ୦୨.୧୦.୨୦୧୯ ଅନ୍ତର୍ଗତ ୭ ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଏକ ମାମଲାରେ ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବିଲ୍ ପରିମାଣ କମାଇବା ପାଇଁ ତାଙ୍କ ଠାରୁ ୫,୦୦୦ ଟଙ୍କା ଲାଞ୍ଚ ଦାବି କରି ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜସିଟ୍ କରାଯାଇଥିଲା। ଆଜି, ତାଙ୍କୁ ଭବାନୀପାଟଣାର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ୩ ବର୍ଷ ପାଇଁ ସାଧାରଣ କାରାଦଣ୍ଡ ଏବଂ ୨୦,୦୦୦ ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଏବେ ଅଜିତ କୁମାର ମିଶ୍ରଙ୍କ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କ ପେନସନ୍ ବନ୍ଦ କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ।

# ଏସଆଇଆର ଉପରେ ସୁପ୍ରିମକୋର୍ଟଙ୍କ ମୋହର

**ନୂଆଦିଲ୍ଲୀ, ୨୭।୧୧:** ସୁପ୍ରିମକୋର୍ଟ ଦେଶବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ସମ୍ପର୍କରେ ଏକ ଐତିହାସିକ ରାୟ ଦେଇଛନ୍ତି, ଯାହା ବିରୋଧୀଙ୍କ ଆଶାକୁ ଏକ ବଡ଼ ଧକ୍କା ଦେଇଛି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ନିର୍ବାଚନ କମିସନ ଏକ ସାମ୍ବିଧାନିକ ସଂସ୍ଥା ଏବଂ ଏସଆଇଆର ପରିଚାଳନା କରିବାର ପୂର୍ଣ୍ଣ ଅଧିକାର ରହିଛି। ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ମନା କରିବା ସହିତ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ସ୍ତରରେ କୌଣସି ଅନିୟମିତତା ଦେଖାଯାଏ, ତେବେ ସେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦ୍ୱିଧା କରିବେ ନାହିଁ। ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ନିର୍ବାଚନ କମିସନଙ୍କ ପକ୍ଷରୁ ଦେଶର ୧୨ଟି ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଛି ।

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଆରଜେଡି ସାଂସଦ ମନୋଜ ଝାଙ୍କ ଦ୍ୱାରା ଦାଖଲ ଏକ ଆବେଦନର ଶୁଣାଣି କରି କହିଛନ୍ତି ଯେ, କମିସନଙ୍କ ପ୍ରକ୍ରିୟାକୁ ସାମ୍ବିଧାନିକ ଭାବରେ ଚ୍ୟାଲେଞ୍ଜ କରିବା ପାଇଁ କୌଣସି ଦୃଢ଼ ଆଧାର ଉପସ୍ଥାପନ କରାଯାଇନାହିଁ। କୋର୍ଟଙ୍କ ଅନୁଯାୟୀ, ନିର୍ବାଚନ କମିସନଙ୍କ ଏକ ଅପଡେଟେଡ୍ ଏବଂ ସଠିକ ଭୋଟର ତାଲିକା ବଜାୟ ରଖିବା ଏକ ସାମ୍ବିଧାନିକ ଦାୟିତ୍ୱ, ଏବଂ ଏହି ଦାୟିତ୍ୱ ପୂରଣ କରିବା ପାଇଁ ଏହା ଆବଶ୍ୟକ ପଦକ୍ଷେପ ନେଇପାରିବ। ଖଣ୍ଡପୀଠ କହିଛନ୍ତି ବିହାରରେ ଭୋଟର ତାଲିକାରୁ ନାଁ କଟାଯାଇଥିବା ଅଭିଯୋଗ ନେଇ ଗୋଟିଏ ବି ଅଭିଯୋଗ ଆସିନାହିଁ। ବିଭିନ୍ନ ପ୍ରତିକୂଳ ପ୍ରଚାର ସତ୍ତ୍ୱେ ମୃତ୍ୟୁ, ପ୍ରବାସନ ଓ ଏକାଧିକ ଧର ନାମ ରହିବା ଭିତ୍ତିରେ ଭୋଟର ତାଲିକାରୁ ନାଁ କଟାଯାଇଛି।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ବିହାରରେ ଆମେ ଏକ ଆଶ୍ଚର୍ଯ୍ୟଜନକ କଥା ଦେଖିଥିଲୁ। ଆମର ପାରାଲିଗାଲ ସ୍ୱେଚ୍ଛାସେବୀମାନେ ବିହାର ପରିଦର୍ଶନ କରିଥିଲେ ବି କେହି ଜଣେ ମଧ୍ୟ ଅଭିଯୋଗ କରିନଥିଲେ ଯେ, ତାଙ୍କ ନାଁ ତାଲିକାରୁ କଟାଯାଇଛି।




# ୧୦ମ ଟାଟା ଷ୍ଟିଲ୍ ୱାର୍ଲ୍ଡ ୨୫କେ'ର କାଉଣ୍ଟଡାଉନ୍ ଆରମ୍ଭ

**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ଟାଟା ଷ୍ଟିଲ୍ ୱାର୍ଲ୍ଡ ୨୫କେ କୋଲକାତା ବିଶ୍ୱର ଏକମାତ୍ର ବିଶ୍ୱ ଆଥଲେଟିକ୍ସ ଗୋଲ୍ଡ ଲେବଲ ୨୫କେ ଦୌଡ଼ ଏହାର ୧୦ମ ସଂସ୍କରଣ ପାଳନ କରୁଛି। ଅଭୂତପୂର୍ବ ପଞ୍ଜିକରଣ ସଂଖ୍ୟା ପ୍ରମାଣ କରୁଛି ଯେ, ଏହି ଦୌଡ଼ କୋଲକାତାରେ ଏକ ପ୍ରମୁଖ କ୍ରୀଡ଼ା ଇଭେଣ୍ଟରେ ପରିଣତ ହୋଇଛି। ୧୦ମ ବର୍ଷର କାଉଣ୍ଟଡାଉନ୍ ଏକ ଚମତ୍କାର ସାମୁହିକ ଉତ୍ସବ, 'ବାଇଚୁଙ୍ଗ ୧୦' ସହିତ ଆରମ୍ଭ ହୋଇଥିଲା। ଫୁଟବଲ ଆଇକନ୍ ତଥା ଟିଏସ୍‌ଡବ୍ଲ୍ୟୁ ୨୫କେ ରତ୍ନ ବାଇଚୁଙ୍ଗ ଭୁଟିଆ ଆନନ୍ଦ ରନ ବର୍ଗରୁ ମନୋନୀତ ନଅ ଜଣ ଅଂଶଗ୍ରହଣକାରୀଙ୍କ ସହିତ ଏକ ୫-ଏ-ସାଇଡ୍ ଫୁଟବଲ ମ୍ୟାଚ୍ ଖେଳିଥିଲେ। ଟିଏସ୍‌ଡବ୍ଲ୍ୟୁ ୨୫କେ ରତ୍ନ ଶ୍ରାବନ୍ତି ଚାଟାର୍ଜୀ ହ୍ୱିସିଲ ବଜାଇ ଇଭେଣ୍ଟର ଶୁଭାରମ୍ଭ କରିଥିଲେ।



● ପୌର ନିଯୁକ୍ତି ଦୁର୍ନୀତି ମାମଲା

# ପୁଣି ସମୁଦ୍ର ବସୁଙ୍କୁ ଇଡି ତଲବ

**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ପୌର ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦମକଳ ମନ୍ତ୍ରୀ ସୁଜିତ ବସୁଙ୍କ ପୁଅ ସମୁଦ୍ର ବସୁଙ୍କୁ ପୁଣି ତଲବ କରିଛି। ତାଙ୍କୁ ଆଗାମୀ ସପ୍ତାହରେ ବହୁ କାଗଜପତ୍ର ସହିତ ଇଡି କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ସୋମବାର ଦିନ ନିଯୁକ୍ତି ଦୁର୍ନୀତି ମାମଲାରେ ଇଡି ଅଧିକାରୀମାନେ ସୁଜିତଙ୍କ ପୁତ୍ରକୁ ପ୍ରାୟ ୧୨ ଘଣ୍ଟା ଧରି ପଚରାଉଚରା କରିଥିଲେ। କେବଳ ସେତିକି ନୁହେଁ, କେଉଁ ବ୍ୟବସାୟରେ କେତେ ନିବେଶ ହୋଇଛି ସେ ସମ୍ପର୍କରେ ସୂଚନା ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ଅନ୍ୟପଟେ, ମନ୍ତ୍ରୀ ସୁଜିତ ବସୁଙ୍କ ପତ୍ନୀ ଗୁରୁବାର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ତାଙ୍କ ଝିଅ ତାଙ୍କ ସହିତ ଥିଲେ।

# କୋଲକାତା କମିଶନରଙ୍କୁ ନିର୍ବାଚନ କମିଶନଙ୍କ ଚିଠି

**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ଏସ୍‌ଆଇଆର୍ ଏନାମୁରେଶନ ଫର୍ମ କାମକୁ ନେଇ ବହୁତ ଚାପ ରହିଛି। ଏତେ କମ୍ ସମୟ ମଧ୍ୟରେ ବହୁତ କାମ କରିବାକୁ ପଡିବ। ସେଥିପାଇଁ ଅନେକ ବିଏଲ୍‌ଓ ଅସୁସ୍ଥ ଅନୁଭବ କରୁଛନ୍ତି ବୋଲି ରାଜ୍ୟର ଅଧିକାଂଶ ବିଏଲ୍‌ଓଙ୍କ ଏମିତି ଦାବି। ଦୁଇ ଦିନ ପୂର୍ବରୁ, ବହୁ ବିଏଲ୍‌ଓ କୋଲକାତାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଏହି ବିଷୟରେ ଆଲୋଚନା କରିବାକୁ ଯାଇଥିଲେ। ଯଦିଓ ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ବହୁତ ସମୟ ଧରି ଭେଟି ନଥିଲେ। ଏମିତି ବିଏଲ୍‌ଓଙ୍କ ଅଭିଯୋଗ ଥିଲା। ଏହି କାରଣରୁ କିଛି ବିଏଲ୍‌ଓ ସିଇଓଙ୍କ କାର୍ଯ୍ୟାଳୟରେ ପ୍ରବେଶ କରି ଧାରଣାରେ ବସିଥିଲେ। ଏହି କାରଣରୁ, ଜାତୀୟ ନିର୍ବାଚନ କମିଶନ ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ନିର୍ବାଚନ କମିଶନ କୋଲକାତା ପୁଲିସ କମିଶନରଙ୍କୁ ଏକ ଚିଠି ପଠାଇଛନ୍ତି। ଯେଉଁଥିରେ କୁହାଯାଇଛି ଯେ, ସିଇଓ ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସୁରକ୍ଷା ତୁରନ୍ତ ସୁନିଶ୍ଚିତ କରିବାକୁ ହେବ। ଯାହାଦ୍ୱାରା କେହି ବେଆଇନ ଭାବରେ ପ୍ରବେଶ କରିପାରିବେ ନାହିଁ। କୋଲକାତା କମିଶନରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନ କମିଶନଙ୍କୁ ଏକ ରିପୋର୍ଟ ପଠାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ବସ୍ ଦୁର୍ଘଟଣାରେ ୧୦ ଆହତ

**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ଯାତ୍ରୀମାନଙ୍କୁ ନେଇ ଯାଉଥିବା ଏକ ସରକାରୀ ବସ୍ ଦୀଘାରୁ କୋଲକାତା ଫେରିବା ବାଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗୁରୁବାର ସକାଳ ୮ଟା ୧୫ ସମୟରେ ନନ୍ଦକୁମାରର ୧୧୬ ନମ୍ବର ଜାତୀୟ ସଡକର ବାଖରାବାଦରେ ବସ୍‌ର ଚାରି ଚକ ଖୋଲି ଯାଇଥିଲା। ଏହି ଘଟଣାରେ ବସ୍‌ରେ ଥିବା ଦଶ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ବର୍ତ୍ତମାନ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି।

# ମୈପୀଠ-ବୈକୁଣ୍ଠପୁରରେ ବାଘ ଆତଙ୍କ

**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ମୈପୀଠରେ ପୁଣି ବାଘ ଆତଙ୍କ। ଗୁରୁବାର ସକାଳେ କୁଳତାଲି ବ୍ଲକ ଅନ୍ତର୍ଗତ ମୈପୀଠ-ବୈକୁଣ୍ଠପୁର ଗ୍ରାମପଞ୍ଚାୟତର କିଶୋରୀ ମୋହନପୁର ଅଞ୍ଚଳରେ ଯୁବକ ଠାକୁରାଣ ନଦୀର ଏକ ଡାଳ ପାଖରେ ଏକ ବାଘର ନୂତନ ପାଦଚିହ୍ନ ଦେଖିଥିଲେ। ଏହି ଅଞ୍ଚଳରେ ସମଗ୍ର ଘଟଣା ଜଣାପଡ଼ିବା ମାତ୍ରେ ଗ୍ରାମବାସୀ ଭୟଭୀତ ହୋଇ ପଡ଼ିଥିଲେ। ବୁଧବାର ସନ୍ଧ୍ୟାରେ ମଧ୍ୟ ଅଞ୍ଚଳରେ ବାଘର ଗର୍ଜନ ଶୁଣିବାକୁ ମିଳିଥିଲା। ତୁରନ୍ତ ସ୍ଥାନୀୟ ମୈପୀଠ ଉପକୂଳ ଥାନା, ବନ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା। ଖବର ପାଇବା ପରେ ପୁଲିସ ଏବଂ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବନ ଅଧିକାରୀମାନେ ସମଗ୍ର ଅଞ୍ଚଳ ଉପରେ ନଜର ରଖିଛନ୍ତି।

# ମାଲଦାରେ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ



**କୋଲକାତା,୨୭।୧୧(ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ରାମାନୁଜ ଗଙ୍ଗୋପାଧ୍ୟାୟ ମାଲଦାରେ ପହଞ୍ଚି ମାଧ୍ୟମିକ ପରୀକ୍ଷା ପ୍ରସ୍ତୁତି ନେଇ ଏକ ବୈଠକ କରିଛନ୍ତି। ସେ ଅପରାହ୍ନ ୨ଟା ସମୟରେ ଇଂରାଜୀବଜାର ସହରର ବଂଶବାଡି ଉମେଶ ଚନ୍ଦ୍ର ବାସ୍ତୁହାରା ସ୍କୁଲରେ ଏକ ବୈଠକ କରିଥିଲେ। ଚଳିତ ବର୍ଷ, ମାଲଦା ଜିଲ୍ଲାରେ ମାଧ୍ୟମିକ ପାଇଁ ୧୯ଟି କେନ୍ଦ୍ର ଏବଂ ୧୦୧ଟି ସ୍ଥାନ ରହିଛି। ମୋଟ ୧୨୦ଟି କେନ୍ଦ୍ରରେ ମାଧ୍ୟମିକ ପରୀକ୍ଷା ଅନୁଷ୍ଠିତ ହେବ। ବୋର୍ଡ ସଭାପତି ଏଦିନ ୧୯ଟି କେନ୍ଦ୍ର ସଚିବ ଏବଂ ୧୦୧ଟି ସ୍ଥାନ ପର୍ଯ୍ୟବେକ୍ଷକଙ୍କ ସହିତ ଏକ ବୈଠକ କରିଥିଲେ। ବୈଠକରେ ଜିଲ୍ଲା ଏବଂ ପୁଲିସ ପ୍ରଶାସନ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ୧୧ କର୍ମଚାରୀଙ୍କ ଉପରେ ମାଡ଼ିଗଲା ଟ୍ରେନ୍

**ନୂଆଦିଲ୍ଲୀ,୨୭।୧୧:** ଚୀନର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଥିବା କୁନମିଙ୍ଗସ୍ଥିତ ଲୁଓୟାଙ୍ଗଝୋନ ଷ୍ଟେସନରେ ଗୁରୁବାର ଏକ ଭୟାବହ ଟ୍ରେନ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ରେଳ ଧାରଣାରେ କାମ କରୁଥିବା ୧୧ ଜଣ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ରେଳ କର୍ମଚାରୀମାନେ ଧାରଣର ରକ୍ଷଣାବେକ୍ଷଣ ଯାଞ୍ଚ କରୁଥିବା ସମୟରେ ହଠାତ ଟ୍ରେନଟି ମାଡ଼ି ଆସିଥିଲା। କାର୍ଯ୍ୟରତ କର୍ମଚାରୀମାନେ ଚାହିଁକି ବି ଧାରଣାରୁ ହଟିପାରି ନଥିଲେ। ଫଳରେ ଟ୍ରେନଟି ସେମାନଙ୍କୁ ଧକ୍କା ଦେଇ ଆଗକୁ ବଢ଼ି ଯାଇଥିଲା। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୧୧ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ସମ୍ପର୍କରେ ରେଳ ପ୍ରଶାସନ ଖବର ପାଇବା ପରେ ତୁରନ୍ତ ଜରୁରୀକାଳିନ ବ୍ୟବସ୍ଥାକୁ ସକ୍ରିୟ କରିଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଡାକ୍ତରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହିତ ମୃତ କର୍ମଚାରୀମାନଙ୍କୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ଆହତ ଶ୍ରମିକଙ୍କ ଚିକିତ୍ସା ଜାରି ରହିଛି। ଦୁଇ ଆହତ ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନିରନ୍ତର ନଜର ରଖାଯାଇଛି। ଦୁର୍ଘଟଣାର କାରଣ ନିର୍ଣ୍ଣୟ କରିବା ପାଇଁ ଏକ ବିସ୍ତୃତ ତଦନ୍ତ ଆରମ୍ଭ କରାଯାଇଛି। ଏହା ମାନବ ତ୍ରୁଟି ଯୋଗୁଁ ନା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାଗ୍ରସ୍ତ ଧାରଣାରେ ଟ୍ରେନ ଚଳାଚଳ ଏବେ ସ୍ୱାଭାବିକ ହୋଇଛି।

# ଜଳିଗଲା ୧୫୦୦ରୁ ଅଧିକ ଘର



**ଢାକା,୨୭।୧୧ :** ବାଂଲାଦେଶର ରାଜଧାନୀ ଢାକାର ଏକ ବସ୍ତିରେ ନିଆଁ ଲାଗିବା ଯୋଗୁଁ ୧୫୦୦ରୁ ଅଧିକ ଘର ଜଳିଯାଇଛି। ଫଳରେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ହେଲେ ଘଟଣାରେ କୌଣସି ଲୋକଙ୍କ ପ୍ରାଣହାନୀ ହୋଇନାହିଁ। ୧୬ ଘଣ୍ଟାର କଠିନ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଫାୟାର ସର୍ଭିସ ଡାଇରେକ୍ଟର ଲେଫନାଣ୍ଟ କର୍ନଲ ମହମ୍ମଦ ତାଜୁଲ ଇସ୍ଲାମ କହିଛନ୍ତି, ନିଆଁରେ ପାଖାପାଖି ୧୫୦୦ ବସ୍ତି ଘର ଜଳିଯାଇଛି, ସବୁକିଛି କ୍ଷତିଗ୍ରସ୍ତ ହୋଇଛି। ଫଳରେ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଏହି ବସ୍ତିରେ ପ୍ରାୟ ୬୦୦୦ ଲୋକ ରହୁଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ଶରଣାର୍ଥୀ ଥିଲେ। ବସ୍ତି ୧୬୦ ଏକରରୁ ଅଧିକ ଅଞ୍ଚଳରେ ପରିବ୍ୟାପ୍ତ। ଯେଉଁ ଲୋକମାନଙ୍କ ଘର ଜଳିଛି, ସେମାନେ ପାଉଁଶ ଭିତରୁ ନିଜର ମୂଲ୍ୟବାନ ଜିନିଷ ଖୋଜୁଛନ୍ତି। ଲୋକମାନେ ବହୁ ସମସ୍ୟାରେ ରହିଛନ୍ତି। ଦମକଳ ଗାଡି ବସ୍ତି ଭିତରେ ପଶିବାକୁ ଅସୁବିଧା ହୋଇଥିଲା। ତେଣୁ ନିଆଁ ଲିଭାଇବାକୁ ୧୬ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ଏଠିକାର ଲୋକ ଛୋଟମୋଟ କାମ କରି ଜୀବନ ଅତିବାହିତ କରୁଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଚରଣରେ...

ଉପସ୍ଥାପନ କରାଯିବ, ତା'ର ଶ୍ରେୟ ଏହି ବିଧାନସଭାର ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ସେ ଆହୁରି କହିଛନ୍ତି, ଆଜି ଏଠାରେ ଛିଡା ହେଲା ପରେ ମୋର ଅତୀତର ସ୍ମୃତି ତାଜା ହେଉଛି। ବିଧାୟକ ଭାବେ ଏହି ଗୃହରେ ମୁଁ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ମୁଁ ଏଠାରେ ବିଧାୟକମାନଙ୍କ ପ୍ରଶ୍ନର ଉତ୍ତର ବି ରଖିଛି। ବିଧାନସଭାର ବିଭିନ୍ନ କମିଟିର ସଦସ୍ୟ ଭାବେ ବି ଦାୟିତ୍ୱ ତୁଲାଇଛି।

ସେ କହିଥିଲେ ଯେ ବିଧାନସଭାରେ ଉପସ୍ଥିତ ୧୪୭ ଜଣ ସଦସ୍ୟଙ୍କୁ ମୁଁ ବ୍ୟକ୍ତିଗତ ଭାବେ ଚିହ୍ନିଛି। ଅନେକଙ୍କ ସହ କାମ ବି କରିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ୨୦୦୦ ମସିହାରେ ଏକାଠି ଏଇ ବିଧାନସଭାରେ କାମ କରିଥିଲି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବି ଏହି ଗୃହରେ କାର୍ଯ୍ୟ କରିଛି। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଏକ ଲମ୍ବା ଇତିହାସ ରହିଛି। ବର୍ତ୍ତମାନର ବାଚସ୍ପତି ଜଣେ ମହିଳା। ପୂର୍ବରୁ ଜଣେ ମହିଳା ଗୃହର ବାଚସ୍ପତି ଦାୟିତ୍ୱ ତୁଲାଉଥିଲେ। ପ୍ରାକ୍ ସ୍ୱାଧୀନତା କାଳରେ ଏ. ଲକ୍ଷ୍ମୀବାଈ ଓଡ଼ିଶା ବିଧାନସଭାରେ ଉପବାଚସ୍ପତି ଥିଲେ। ନନ୍ଦିନୀ ଶତପଥୀ ଥିଲେ ଦେଶର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ। ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାକୁ ରାଷ୍ଟ୍ରପତି ପ୍ରଶଂସା କରିବା ସହ ଏହା ଜରିଆରେ ମହିଳାମାନେ କିଭଳି ସ୍ୱାବଲମ୍ବୀ ହେଉଛନ୍ତି, ତାହା ଦର୍ଶାଇଥିଲେ। ୨୦୪୭ରେ ଭାରତ ଏକ ବିକଶିତ ଭାରତ ହେବାର ଲକ୍ଷ୍ୟ ନେଇ ଅଗ୍ରସର ହେଉଥିବା ବେଳେ ୨୦୩୬ରେ ରାଜ୍ୟ ଗଠନର ଶତବାର୍ଷିକ ପାଳନ ସହ ଓଡ଼ିଶା ଏକ ସୁସମୃଦ୍ଧ ଓଡ଼ିଶା ହୋଇପାରିଲେ ତାହା ବିକଶିତ ଭାରତ ଗଠନରେ ବେଶ୍ ସହଯୋଗୀ ହୋଇପାରିବ। ବର୍ତ୍ତମାନ ହେଉଛି ଜ୍ଞାନକୌଶଳର ଯୁଗ। ବିଦେଶରେ ଲୋକେ ଗୋଟିଏ ପରବର୍ତ୍ତିତ ଭାରତକୁ ଦେଖୁଛନ୍ତି। ଦେଶର ସ୍ୱାଧୀନତା ସଂଗ୍ରାମ ଓ ରାଷ୍ଟ୍ର ଗଠନ ଦିଗରେ ଓଡ଼ିଶାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଇଠି ଇଂରେଜ ବିରୋଧରେ ସଂଗ୍ରାମ ଆରମ୍ଭ ହୋଇଥିଲା। ଏହାର ମହାନାୟକ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର। ଲବଣ ସତ୍ୟାଗ୍ରହରେ ଓଡ଼ିଶାର ନେତା ଓ ଜନତା ଅଂଶଗ୍ରହଣ କରିଥିଲେ। ଅନେକ ଓଡ଼ିଆ ଗୁଳି ଖାଇଛନ୍ତି। ବାଜି ରାଉତଙ୍କ ବଳିଦାନ ଏହି ମାଟିର ବୀରତ୍ୱର କଥା। ବିଜୁବାବୁଙ୍କ ସାହସ ଓ କାମ ଦେଶବାସୀଙ୍କ ମନେ ରହିବ। ନେତାଜୀଙ୍କୁ ଜନ୍ମ ଦେଇ ଓଡ଼ିଶା ଧନ୍ୟ ବୋଲି ସେ କହିଥିଲେ। ବିଧାୟକଙ୍କୁ କିଭଳି କାମ କରିବାକୁ ହେବ, ସେନେଇ ପରାମର୍ଶ ଦେବାକୁ ଯାଇ ସେ କହିଥିଲେ ଯେ ଲୋକମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଧାନସଭାର ସଦସ୍ୟମାନେ କାମ କରିବା ଉଚିତ। ଗଣ ବିନା ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ ନାହିଁ ଓ ଜନଗଣ ହେଉଛନ୍ତି ଆମ ଭାଗ୍ୟବିଧାତା। ତେଣୁ ଜନଗଣଙ୍କ ପ୍ରତିନିଧି ଓ ତାଙ୍କ ସେବକ ଭାବେ ସେମାନଙ୍କ ଆଶା ପୂରଣ କରିବା ଓ ସ୍ୱପ୍ନକୁ ସାକାର କରିବା ଆମ ଦାୟିତ୍ୱ। ଦେଶର ଗରିବତମ ଲୋକଙ୍କ ପାଖରେ ପହଞ୍ଚିବା ହେଉଛି ଅନ୍ତ୍ୟୋଦୟର ବାର୍ତ୍ତା। ବିଧାୟକମାନେ ହେଉଛନ୍ତି ଲିଡର, ସେମାନେ ଜନତାଙ୍କୁ ଲିଡ୍ କରୁଛନ୍ତି। ଆପଣମାନେ ଯାହା କରିବେ ତାକୁ ଲୋକେ ଅନୁକରଣ କରିବେ। ତେଣୁ ଗୃହ ଭିତରେ ଓ ଗୃହ ବାହାରେ ଆପଣଙ୍କ ଆଚରଣ ଓ ଉଚ୍ଚାରଣରେ ସଂଜମତା ରହିବା ଉଚିତ ବୋଲି ରାଷ୍ଟ୍ରପତି କହିଥିଲେ।

## ଇତିହାସରେ...

ଅଧ୍ୟବସାୟ, ସ୍ୱଚ୍ଛତା ଓ ସମାଜ ସେବା ଦ୍ୱାରା ଦେଶର ସର୍ବୋଚ୍ଚ ସ୍ଥାନରେ ପହଞ୍ଚିଛନ୍ତି। ଏହି ପବିତ୍ର ଗୃହକୁ ତାଙ୍କର ପୁନଃଆଗମନ ରାଷ୍ଟ୍ରପତିଙ୍କର ଜନ୍ମମାଟି ଓ କର୍ମଭୂମି ପ୍ରତି ଥିବା ଅତୁଟ ସ୍ନେହ ଓ ଆମ ଉତ୍କଳୀୟ ପରମ୍ପରାର ମୂଲ୍ୟବୋଧକୁ ପୁଣି ଥରେ ପ୍ରତିପାଦିତ କରିଛି। ଜଣେ ସାଧାରଣ ଆଦିବାସୀ ପରିବାରର ସଦସ୍ୟା ଭାବେ ତାଙ୍କର ଏହି ସଫଳତା ଆଜିର ଭାରତୀୟ ସମ୍ବିଧାନ ତଥା ଗଣତନ୍ତ୍ରର ଶକ୍ତିକୁ ଦର୍ଶାଉଛି, ଯାହା ସମାଜର ପ୍ରତ୍ୟେକ ବର୍ଗ ପାଇଁ ଏକ ବିଶାଳ ପ୍ରେରଣାର ଉତ୍ସ ହୋଇ ରହିବ। ଦେଶର ସର୍ବୋଚ୍ଚ ଆସନରେ ଅଳଂକୃତା କରିଥିବା ମହାମହିମ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ଆମମାନଙ୍କ ପାଇଁ ଏହା ଶିକ୍ଷଣୀୟ, ସେ ନା' ନିଜ ଜନ୍ମଭୂମିକୁ ଭୁଲିଛନ୍ତି, ନା' ନିଜର କର୍ମଭୂମିକୁ। ନିଜ ଜନ୍ମଭୂମି ମୟୂରଭଞ୍ଜର ବିକାଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ଅଛି। ଆଜି ତାଙ୍କର ପ୍ରଥମ କର୍ମଭୂମିକୁ ପରିଦର୍ଶନ କରି, ସେ ସମାଜକୁ ଏହି ବାର୍ତ୍ତା ଦେଇଛନ୍ତି ଯେ, ମଣିଷ ଯେତେବଡ ହେଲେ ସୁଦ୍ଧା, ନିଜର ଜନ୍ମଭୂମି ଏବଂ ପ୍ରଥମ କର୍ମଭୂମିକୁ ଭୁଲିବା ଉଚିତ ନୁହେଁ। ଆପଣଙ୍କ ମାର୍ଗଦର୍ଶନ ଏବଂ ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ର 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଔର୍ ସବ୍‌କା ପ୍ରୟାସ' ସହିତ ଆମ ସରକାର ସାଢେ ଚାରିକୋଟି ଓଡ଼ିଶାବାସୀଙ୍କ ସେବା କରିଆସୁଅଛି ବୋଲି ସେ କହିଛନ୍ତି।

## ରାଇରଙ୍ଗପୁରରୁ...

ଦିନ। ଓଡ଼ିଶା ଗଣତନ୍ତ୍ର ଇତିହାସରେ ଏହା ଏକ ନୂତନ ମାଇଲଖୁଣ୍ଟ ହେବ। ବାସ୍ତବିକ ରାଇରଙ୍ଗପୁରରୁ ଓଡ଼ିଶା ବିଧାନସଭା ଓ ଝାଡଖଣ୍ଡ ରାଜଭବନ ମଧ୍ୟ ଦେଇ ରାଇସିନା ହିଲ୍ସକୁ ଶ୍ରୀମତୀ ମୁର୍ମୁଙ୍କ ରାଜନୈତିକ ଯାତ୍ରା ଏକ ସାହସ, ସଂଘର୍ଷପୂର୍ଣ୍ଣ, ପ୍ରେରଣାଦାୟୀ ଓ ଦୃଢ଼ମନା ବ୍ୟକ୍ତିତ୍ୱର ବାର୍ତ୍ତା। ସେ ରାଜ୍ୟର ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା, ଝାଡ଼ଖଣ୍ଡ ରାଜ୍ୟର ପ୍ରଥମ ମହିଳା ରାଜ୍ୟପାଳ, ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି, ଦେଶର ସର୍ବକନିଷ୍ଠ ରାଷ୍ଟ୍ରପତି ଓ ଦେଶର ୧୦ଟି ବିଧାନସଭାକୁ ସମ୍ବୋଧିତ କରିବା କ୍ଷେତ୍ରରେ ମଧ୍ୟ ପ୍ରଥମ ରାଷ୍ଟ୍ରପତି। ସେ ରାଜ୍ୟ ତଥା ଦେଶର ମହିଳାଙ୍କ ମଧ୍ୟରେ ଅଭୂତପୂର୍ବ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଛନ୍ତି। ବିଧାୟକମାନଙ୍କୁ ଅପାର ପ୍ରେରଣା ପ୍ରଦାନ କରିଛନ୍ତି। ୨୦୦୦ରୁ ୨୦୦୯ ମଧ୍ୟରେ ଦୁଇ ଥର ଓଡ଼ିଶା ବିଧାନସଭାର ସଦସ୍ୟା ଥିବା ବେଳେ ରାଜ୍ୟର ବିକାଶ ତଥା ଜନଜାତିଙ୍କ ଆର୍ଥିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଜଣେ ବିଧାୟିକା ଭାବେ ତାଙ୍କର ଦୂରଦୃଷ୍ଟି ଓ ପ୍ରଶାସନିକ ମାର୍ଗଦର୍ଶନ ଆଜି ମଧ୍ୟ ଅନନ୍ୟ। ମହିଳା ଓ ଶିଶୁ ବିକାଶ କମିଟିର ସଦସ୍ୟା ଏବଂ ଗୃହ ବିଭାଗରେ ସ୍ଥାୟୀ କମିଟିର ଅଧକ୍ଷ୍ୟା ଭାବେ ମହିଳା ଓ ଶିଶୁଙ୍କ କଲ୍ୟାଣ ସମ୍ପର୍କିତ ତାଙ୍କର ବିଚାର ଓ ପରାମର୍ଶ କମିଟି ବ୍ୟବସ୍ଥାକୁ ପରିପୁଷ୍ଟ କରିଛି।

## ରାଜ୍ୟ...

ମହତ୍ତ୍ୱ ରଖୁଛି। ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଓଡ଼ିଶା ଅଗ୍ରଦୂତ ଥିବା ବେଳେ ପରବର୍ତ୍ତୀ ସମୟରେ ସାରା ଦେଶରେ ଭାଷାଭିତ୍ତିକ ରାଜ୍ୟ ଗଠନ ଆରମ୍ଭ ହୋଇଥିଲା। ଦେଶର ରାଷ୍ଟ୍ରପତି ଭାବେ ଆପଣ ଆମ ଦେଶର ସମ୍ବିଧାନକୁ ସୁରକ୍ଷା ଦେଉଛନ୍ତି ଆଉ ସାରା ଦେଶ ଆପଣଙ୍କ ମାର୍ଗଦର୍ଶନକୁ ଅପେକ୍ଷା କରିଛି ବୋଲି ସେ କହିଥିଲେ। ଓଡ଼ିଶା ବିପର୍ଯ୍ୟୟ ପରିଚାଳନାଠାରୁ ଆରମ୍ଭ କରି ଖାଦ୍ୟଶସ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପାୟନ ସବୁ କ୍ଷେତ୍ରରେ ସାରା ଦେଶ ପାଇଁ ଅନୁକରଣୀୟ ବୋଲି ନବୀନ କହିଥିଲେ।

## ବାଲି...

ସରକାର ଘନ ଘନ ଛାଟ ଲଗାଉଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ୍ ଅନ୍ତର୍ଗତ ଚାଳନ୍ତି ଅଞ୍ଚଳରେ ବେଆଇନ ବାଲି ଉଠାଣ ରୋକିବା ସକାଶେ ଅଚାନକ ପ୍ରଶାସନ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ଏହି ଅପରେସନ୍‌ର ନେତୃତ୍ୱ ନେଇଛନ୍ତି ଖୋଦ୍ ଜିଲ୍ଲାପାଳ ଓ ଏସପି। ବେଆଇନ ବାଲି ପରିବହନ କରୁଥିବା ୩୨ଟି ହାଇୱା ଜବତ କରାଯାଇଛି। ଏନେଇ ଜିଲ୍ଲାପାଳ କହିଛନ୍ତି ଯେ ଅବୈଧ ଖନନ ବିରୋଧରେ ସରକାରଙ୍କର ଶୂନ୍ୟ ସହିଷ୍ଣୁତା ନୀତି ରହିଛି ଓ ମାଫିଆମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଲଘୁ ଖଣିଜ ଚୋରାଚାଲାଣର ହଟ୍‌ସ୍ପଟ୍ ପାଲଟିଥିବା ଜଗତସିଂହପୁରରେ ବି ପ୍ରଶାସନ ପକ୍ଷରୁ ଘନ ଘନ ଚଢ଼ାଉ ହୋଇଛି। ବାଲିପାଟଣା କିଳିପାଳ ବାଲିଘାଟରେ ବେଆଇନ ବାଲି ଉତ୍ତୋଳନ ସମ୍ପର୍କରେ ସୂଚନା ପାଇ ପ୍ରଶାସନ ପକ୍ଷରୁ ଚଢ଼ାଉ ହୋଇଥିଲା, ଯେଉଁଥିରେ ୪୬ଟି ହାଇୱା ଓ ୩ଟି ମେସିନ ଜବତ ହୋଇଛି। ଏଥିସହ କିଳିପାଳ ବାଲିଘାଟ ବିରୋଧରେ ତିର୍ତ୍ତୋଲ ଥାନାରେ ମାମଲା ବି ରୁଜୁ ହୋଇଛି। ଏହି ଘଟଣାରେ ୬ ଜଣ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ଜବତ ହାଇୱା ଓ ମେସିନ ଆଦିକୁ ତିର୍ତ୍ତୋଲ ବାଲିଯାତ୍ରା ପଡ଼ିଆରେ ପୁଲିସ ହେପାଜତରେ ରଖାଯାଇଥିବା ଜଣାପଡ଼ିଛି।

## ଦେବ୍ରିଗଡ଼...

ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି ନିଷ୍ପତ୍ତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେବା ସହ ବନ୍ୟଜନ୍ତୁଙ୍କ ସଂରକ୍ଷଣରେ ସହାୟକ ହେବ। ଏହାଛଡ଼ା ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଓ ପର୍ଯ୍ୟଟନକୁ ମଧ୍ୟ ବଳ ଦେବ। ଅପରପକ୍ଷରେ ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଦେଇଥିବା ସୂଚନାନୁସାରେ, ଅଭୟାରଣ୍ୟର ପ୍ରାୟ ୧୦୦ କିମି ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ଯୋଗାଇବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବାଡ଼ ନିର୍ମାଣ ହେଲେ ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ଦିନକୁ ଦିନ ବଢୁଥିବା ସଂଘର୍ଷକୁ ଯଥେଷ୍ଟ ପରିମାଣରେ ହ୍ରାସ କରାଯାଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର୍ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବା ସକାଶେ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ଦେବ୍ରିଗଡ଼ରେ ଇକୋଟୁରିଜିମ୍ ଭିତ୍ତିଭୂମିର ବିକାଶ ସହ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅଧିକନ୍ତୁ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ବି ବଳିଷ୍ଠ କରିବ ବୋଲି ଆଶା କରାଯାଉଛି।

## ଜନଅଭିଯୋଗ...

ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ୍ ପର୍ଯ୍ୟନ୍ତ ଏକାଧିକ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏପରି ନିର୍ଦ୍ଦେଶକୁ କଟକ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି। ଏଥିସହ ଜିଲ୍ଲା ପ୍ରଶାସନର ମୁଖିଆ ଭାବେ ଜିଲ୍ଲାପାଳ କାହିଁକି ଉତ୍ତରଦାୟୀ ହେବେନାହିଁ ବୋଲି ପ୍ରଶ୍ନ ମଧ୍ୟ କରିଛନ୍ତି। ଜିଲ୍ଲା ପ୍ରଶାସନର ମୁଖିଆ ହେଲେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ। ଜିଲ୍ଲାପାଳ ପ୍ରତି ସୋମବାର ନିଜେ ଅଭିଯୋଗ ଶୁଣାଣି କରୁଥିବେ। ଯଦି କରୁନାହାଁନ୍ତି, ତା'ହେଲେ ଏହା ସାଂଘାତିକ। ଜିଲ୍ଲାପାଳ ନିଜେ ଅଭିଯୋଗ ଶୁଣାଣି କରୁଥିବା ବେଳେ କେତେ ଅଭିଯୋଗର ଶୁଣାଣି ହୋଇନି, ତାହା ସେ ନିଜେ ବେଶ୍ ଭଲ ଭାବେ ଜାଣିପାରୁଥିବେ। ତେଣୁ ଅଭିଯୋଗ ସମାଧାନରେ ପ୍ରଶାସନିକ ବିଫଳତା ପାଇଁ ସେ ନିଜେ କାହିଁକି ଉତ୍ତରଦାୟୀ ହେବେନି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

## ସୁପାରିସ୍...

ଏହି ପ୍ରକ୍ରିୟାରେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଶିକ୍ଷା ବର୍ଷ ଶେଷ ପରେ ସେମାନେ ନିଜର ପୂର୍ବ ସ୍ଥାନକୁ ଫେରିବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଶିକ୍ଷକ ବଦଳି ପାଇଁ ଗତ ମେ' ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସାଂସଦ ଓ ବିଧାୟକମାନେ ୧୫ ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବେ। ସେଇ ସୁପାରିସ୍ ଅନୁଯାୟୀ ଜିଲ୍ଲା ଶିକ୍ଷା ଅଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଥିଲା। ନିର୍ଦ୍ଦେଶନାମା ଅନୁସାରେ ବଦଳି ଆଶାୟୀ ଶିକ୍ଷକମାନେ ସାଂସଦ ଓ ବିଧାୟକଙ୍କ ନିକଟରେ ସେମାନଙ୍କ ଆବେଦନପତ୍ର ଦାଖଲ କରିଥିଲେ। ଏଥିପାଇଁ ସାଂସଦ ଓ ବିଧାୟକଙ୍କ କ୍ୱାର୍ଟର୍ସରେ ମାତ୍ରାଧିକ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରିକି କେତେକ ଏପରି ବ୍ୟବସ୍ଥା ପ୍ରତ୍ୟାହାର ପାଇଁ ମଧ୍ୟ ମତ ଦେଇଥିଲେ। ତା'ଛଡ଼ା କେତେକ କ୍ଷେତ୍ରରେ ଏପରି ବଦଳି ପାଇଁ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଥିଲା। ତେଣୁ ଏପରି ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହିସବୁ ମାମଲାର ପ୍ରାଥମିକ ଶୁଣାଣିରେ ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।

## ରାଷ୍ଟ୍ରପତିଙ୍କ...

ବି ଉଠାଇଥିଲେ ଓ ବିଧାନସଭା ଭିତରେ ତାଙ୍କ ଅଭିଭାଷଣରେ ରାଷ୍ଟ୍ରପତିଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଚଳାଇଥିବା ଅନେକଙ୍କ ମୁହଁକୁ ଆଜି ସେ ଏକପ୍ରକାର ବନ୍ଦ କରିଦେଇଥିଲେ। ଅନ୍ୟ ଦିନ ବିଶେଷକରି ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଗୃହରେ କାଗଜ ଫିଙ୍ଗାଠାରୁ ଆରମ୍ଭ କରି ଗୃହ ମଧ୍ୟରେ ହୋହଲ୍ଲା କରିବା, ବିଧାନସଭା ସଚିବଙ୍କ ଟେବୁଲ ଉପରେ ଡେଇଁବା, ବାଚସ୍ପତିଙ୍କ ମାଇକ୍ ଫିଙ୍ଗିଦେବା, ପୋଡିୟମକୁ ପିଟିବା, ପ୍ଲାକାର୍ଡ ପ୍ରଦର୍ଶନ କରିବା, ବଂଶୀ ବଜାଇବା ଭଳି କାର୍ଯ୍ୟ କରୁଥିବା ବିରୋଧୀ ଦଳର ସଦସ୍ୟମାନେ ଆଜି ସୁନାପିଲା ଭଳି ସେମାନଙ୍କ ଆସନରେ ବସିଥିଲେ। କେହି ଜଣେ ହେଲେ ମଝିରେ ଆସନ ଛାଡ଼ି ବି ଯାଇ ନ ଥିଲେ। ବିଧାନସଭା ଅଧିବେଶନ କାଳରେ ବିଧାୟକମାନେ ହାଜିରା ପକାଇ ନିଜ ନିଜ କାମରେ ପଳାଇବା, ମୁଲତବି ଓ ବିଲ୍ ଆଲୋଚନାରେ ଅଂଶଗ୍ରହଣ ନ କରିବା ଏପରିକି ନିଜର ତାରକା ପ୍ରଶ୍ନରେ ଆଲୋଚନା ସମୟରେ କିଛି ବିଧାୟକଙ୍କ ଅନୁପସ୍ଥିତ ବି ଦେଖିବାକୁ ମିଳିଥାଏ। ଏହାକୁ ନେଇ ଗଣମାଧ୍ୟମରେ ବି ବେଳେବେଳେ ସମାଲୋଚନା କରାଯାଇଥାଏ। ହେଲେ ଆଜିର ବ୍ୟତିକ୍ରମ ଅନେକ ସକାରାତ୍ମକ ଆଲୋଚନାକୁ ଖୋରାକ ଯୋଗାଇଛି। ବିଶେଷକରି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ବିଧାୟକମାନେ ଆଚାର ବ୍ୟବହାର ପରିବର୍ତ୍ତନ କରିବା ସହ ସାଧାରଣ ଜନତାଙ୍କ ହିତ ପାଇଁ କାମ କରିବାକୁ ଯେଉଁ ପରାମର୍ଶ ଦେଇଛନ୍ତି, ବିଧାୟକମାନେ ତାକୁ ଆଜିଠାରୁ ପାଳନ ଆରମ୍ଭ କରିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଆଜି ସେମାନେ ଯେଭଳି ଶାନ୍ତ ଭାବେ ଗୃହ କାର୍ଯ୍ୟରେ ଅଂଶଗ୍ରହଣ କଲେ ଆଗାମୀ ଦିନରେ ତାହା ଜାରି ରହିବ ବୋଲି ଅନେକ ଆଶା କରୁଛନ୍ତି। ଏପରି ସ୍ଥିତିରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଶୀତ ଅଧିବେଶନର ଦ୍ୱିତୀୟ ଦିନକୁ ବିଧାୟକମାନଙ୍କ ଆଚରଣ ଓ ଉଚ୍ଚାରଣ ଉପରେ ଅନେକ ନଜର ରଖିଛନ୍ତି।

## ଦିଦିଙ୍କ...

ଓ ବ୍ୟବସାୟୀଙ୍କ ସହ ନିଜ ଆଡୁ ଆଲୋଚନା କରି ପୂର୍ବ ନିଷ୍ପତ୍ତିରୁ ଓହରିଥିବା ନେଇ ସ୍ପଷ୍ଟ ଭାବେ ଜଣାଇଛନ୍ତି ମଧ୍ୟ। ଅଧିକନ୍ତୁ ଦୀଘାରୁ ଉଚ୍ଛେଦ ହୋଇଥିବା ଓଡ଼ିଆ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ବି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଦୀଘା ଜଗନ୍ନାଥ ମନ୍ଦିର ନିକଟରେ ବାଲେଶ୍ୱର ଭୋଗରାଇର କିଛି ଲୋକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଓଡ଼ିଆଙ୍କ ଦାନାରେ ଧୂଳି ଦେବା ସକାଶେ ଉଦ୍ୟମ କରିଥିଲା ସ୍ଥାନୀୟ ପ୍ରଶାସନ। ଉକ୍ତ ଓଡ଼ିଆ ବ୍ୟବସାୟୀଙ୍କୁ ଜଗନ୍ନାଥ ମନ୍ଦିର ନିକଟରୁ ଦୋକାନ ହଟାଇବାକୁ ଦିଆଯାଇଥିଲା ନିର୍ଦ୍ଦେଶ। ଏହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କରେ କିଛିଟା ତିକ୍ତତା ଆସିଥିଲା। ସୀମାନ୍ତରେ ବଙ୍ଗାଳୀ ଲୋକଙ୍କ ବିରୋଧରେ ଓଡ଼ିଆମାନେ ଉଗ୍ର ହୋଇଥିଲେ। ସେଠି ଓଡ଼ିଆଙ୍କୁ ଟାର୍ଗେଟ୍ କଲେ ଏଠି ବି ବଙ୍ଗୀୟ ବ୍ୟବସାୟୀ ବର୍ତ୍ତିବେନି ବୋଲି ସେମାନେ ରୋକଠୋକ୍ ଶୁଣାଇଥିଲେ। ଏପରିକି ଚନ୍ଦନେଶ୍ୱରରେ ଥିବା ଅସଂଖ୍ୟ ବଙ୍ଗାଳୀଙ୍କୁ ତୁରନ୍ତ ନିଜ ପେଡ଼ି ପୁଟୁଳି ବାନ୍ଧିବାକୁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଅଧିକନ୍ତୁ ପଶ୍ଚିମବଙ୍ଗକୁ ଯାଉଥିବା ଲଘୁଖଣିଜ ସମ୍ପଦକୁ ମଧ୍ୟ ବନ୍ଦ କରିଦେବା ସକାଶେ ନିଷ୍ପତ୍ତି ହୋଇଥିଲା। ଓଡ଼ିଆଙ୍କ ଏଭଳି ପ୍ରତିକ୍ରିୟା ଦେଖି ମମତା ସରକାର ଅକଳ ଗୁଡୁମ୍ ହୋଇଗଲା। ଆଉ କିଛି ବାଟ ନ ପାଇ ଶେଷରେ ଦିଦିଙ୍କ ସରକାର ବାଧ୍ୟ ହୋଇ ମୁଣ୍ଡ ନୁଆଁଇଛି। ଏହି ମାମଲାରେ ବାଲେଶ୍ୱର ଜିଲ୍ଲାପାଳ କହିଛନ୍ତି ଯେ ସ୍ଥାନୀୟ ପୁଲିସ ଓ ପ୍ରଶାସନର ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ପଶ୍ଚିମବଙ୍ଗରେ ଓଡ଼ିଆ ବ୍ୟବସାୟୀମାନେ ବେପାର ବଣିଜ କରି ନିଜ ପେଟ ପୋଷୁଥିବା ବେଳେ ସେଠାକାର ବେପାରୀ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ବେପାର ଜମାଇଛନ୍ତି। ଏପରି ସ୍ଥିତିରେ ପଶ୍ଚିମବଙ୍ଗ ସରକାର ସେଠାରେ ଥିବା ଓଡ଼ିଆଙ୍କୁ ନିଶାନା କଲେ, ଓଡ଼ିଶାରେ କିପରି ସେମାନଙ୍କ ବେପାରୀ ବାଦ୍ ପଡ଼ିବେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଅଧିକନ୍ତୁ ମମତା ଏପରି ହୀନ ଉଦ୍ୟମରୁ ପୂରାପୂରି ବିରତ ନ ହେଲେ ଆଗାମୀ ଦିନରେ ପରିଣାମ ଭୟଙ୍କର ହେବ ବୋଲି ମଧ୍ୟ ଓଡ଼ିଆ ବ୍ୟବସାୟୀମାନେ ପରୋକ୍ଷରେ ଚେତାବନୀ ଦେଇଛନ୍ତି।

## ବଢ଼...

କରୁଥିଲା। ଭଲ ରିଟର୍ଣ୍ଣ ଦେବା ଲୋଭ ଦେଖାଉକେ ସଂସ୍ଥା ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିବା ନେଇ ଏସପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ମୋଟା ଅଙ୍କର ରିଟର୍ଣ୍ଣ ନାଁରେ ସଂସ୍ଥା ସରକାରୀ ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କଠାରୁ ପାଖାପାଖି ୫୦ କୋଟି ଟଙ୍କା ଠକେଇ କରିଥିବା ଏସପି କହିଛନ୍ତି । ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲା ମଧୁସୂଦନ ବରେଇ ଓ ତାକୁ ସଦର ପୁଲିସ୍ ଗିରଫ କରିଛି। ଅଭିଯୁକ୍ତ ଜଣକ କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଏଏ ଏଣ୍ଟରପ୍ରାଇଜେସ୍ ନାଁରେ ସଂସ୍ଥା ଖୋଲି ଲୋକଙ୍କୁ ଅଧିକ ଲାଭର ଲୋଭ ଦେଖାଇଥିଲେ। ଏପରିକି ମୂଳ ଧନ ଉପରେ ମାସିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ରିଟର୍ଣ୍ଣ ମିଳିବ ବୋଲି ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା। ଶେଷରେ ଅଧିକ ଲାଭ ଆଶା ରଖିଥିବା ନିବେଶକଙ୍କୁ ଭକୁଆ ବନାଇ ଉକ୍ତ ସଂସ୍ଥା ଧରାଛୁଆଁ ଦେଉନଥିଲା। ତେବେ ତଦନ୍ତର ପ୍ରାରମ୍ଭିକ ପର୍ଯ୍ୟାୟରେ ଉକ୍ତ ସଂସ୍ଥା ୪୭ ଜଣଙ୍କୁ ଠକିଥିବା ଏସପି ସୂଚନା ଦେଇଛନ୍ତି। ଏହି ଠକେଇରେ ଲୋକଙ୍କର ପାଖାପାଖି ୫୦ କୋଟି ଟଙ୍କା ଉଡ଼ିଯାଇଥିବା ସନ୍ଦେହ କରାଯାଉଥିବାରୁ ଏହାର ପର୍ଦ୍ଦାଫାସ୍ କରିବା ସକାଶେ ପୁଲିସ୍ ତା'ର ତଦନ୍ତକୁ ଆହୁରି ବ୍ୟାପକ କରିଥିବା ଏସ୍‌ପି କହିଛନ୍ତି। ସେହିପରି ଗିରଫ ହୋଇଥିବା ମଧୁସୂଦନଠାରୁ ପୁଲିସ୍ ୭ଟି ପାସବୁକ, ୩ଟି ଚେକ୍ ବୁକ, ୬ଟି କମ୍ପ୍ୟୁଟର ଜବତ କରିଥିବା ଜଣାପଡ଼ିଛି। ସେହିପରି ମଧୁସୂଦନ ଠକିଥିବା ଟଙ୍କା ନିଜର କେତେକ ସମ୍ପର୍କୀୟଙ୍କ ଆକାଉଣ୍ଟରେ ଜମା ରଖିଥିବା ପୁଲିସ ଜାଣିବାକୁ ପାଇଛି।

# ଆସୁଛନ୍ତି ଶବ୍ଦର ଯାଦୁକର ଜାଭେଦ ଅଖତର

## ସୋଆ ସାହିତ୍ୟ ସମ୍ମାନ-୨୦୨୫ରେ ହେବେ ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୨୭।୧୧ (ସଂଚାର ବ୍ୟୁରୋ):** ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରର ଉଜ୍ଜ୍ୱଳ ତାରକା, ଶବ୍ଦର ଯାଦୁକର, ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ତାଙ୍କର ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ସୋଆ ସାହିତ୍ୟ ସମ୍ମାନ ୨୦୨୫ରେ ସମ୍ବର୍ଦ୍ଧିତ କରାଯିବ।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁ ଥିବା ୨ ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷତା, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ବିନମ୍ର ଉଦ୍ଦେଶ୍ୟ।

ବିଶିଷ୍ଟ ଉର୍ଦ୍ଦୁ କବି ଓ ସଂଳାପ ଲେଖକ ଜାନ ନିସାର ଅଖତର ଏବଂ ଶିକ୍ଷୟତ୍ରୀ ଓ ଲେଖିକା ସାଫିଆ ଅଖତରଙ୍କ ସୁପୁତ୍ର ଜାଭେଦ ଅଖତରଙ୍କ ସାତ ପିଢ଼ି ସାହିତ୍ୟ ସାଧନାରେ ଜଡ଼ିତ ରହିଥିବାର ସୂଚନା ରହିଛି। ପାଞ୍ଚ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ ଥର ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମ ଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟ କୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରି ଆସିଛି।

ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ ଅବସରରେ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତୀ ଓ ଉତରୀୟ ପ୍ରଦାନ କରାଯିବ।

# 'ମା' ନାଁରେ ଗଛଟିଏ' ଯୋଜନା ପ୍ରହସନ

## ୨ମାସ ଯାଇନି ମରିଗଲାଣି ଗଛ
## ଚାରା ଟଙ୍କା ହରିଲୁଟ୍ ଅଭିଯୋଗ

**କାକଟପୁର/ଅସ୍ତରଙ୍ଗ,୨୭।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବିଭିନ୍ନ ଗ୍ରାମରେ ଲାଗିଥିବା ଅନେକ ଗଛ ମରିଗଲାଣି। ମା' ନାଁରେ ଗଛଟିଏ ଯୋଜନାରେ ଗଛ ଲାଗିବା ବଦଳରେ କେଉଁଠି ଗଛ ସବୁ ନଈରେ ଭାସୁଛି, ଆଉ କେଉଁଠି ଦେଖିବାକୁ ମିଳୁନି, ତ ଆଉ କେଉଁଠି ମରିଗଲାଣି। ଯୋଜନାରେ ଗଛ ଲାଗିବାକୁ ଦୁଇ ମାସ ପୂରିନି, କେତେକ ଜାଗାରେ ବାଡ଼ ନଥିବା ବେଳେ କେତେକ ସ୍ଥାନରେ ଜାଲ ବ୍ୟବହୃତ ହୋଇ ନଥିବାରୁ ଗୋରୁଗାଈମାନେ ଗଛ ସବୁ ଖାଇଦେଲେଣି। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଉଥିବା ବେଳେ ଏଠାରେ ଚାରାରୋପଣ ବାବଦକୁ ଆସିଥିବା ସରକାରୀ ଅର୍ଥକୁ ବାଟବଣା କରିବା ପାଇଁ ସରକାରୀ ବାବୁମାନେ ଲାଗି ପଡିଛନ୍ତି।

ପ୍ରଧାନମନ୍ତ୍ରୀ ଜନ୍ମଦିନ ଅବସରରେ ସବୁ ପଞ୍ଚାୟତରେ ଥିବା ବିଭିନ୍ନ ପଡିଆ, ସ୍କୁଲ, ଅଙ୍ଗନବାଡି, ପଡିଆ, କେନାଲ ବନ୍ଧ କଡ଼ରେ ଲଗାଯାଇଥିଲା। ଏହାକୁ କିଛି ବନ କର୍ମଚାରୀ, ପଞ୍ଚାୟତ ପିଇଓ, ସ୍ଥାନୀୟ ସରପଞ୍ଚ ଏବଂ କିଛି କୁଜି ନେତା ମିଳିମିଶି ସରକାରଙ୍କ ଟଙ୍କାକୁ ହରିଲୁଟ କରିବା ପାଇଁ ପାଗ ଭିଡୁଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଂଚାୟତ ଓ କାକଟପୁର ବ୍ଲକର ୧୬ଗୋଟି ପଂଚାୟତ ରେ ଲକ୍ଷ ଲକ୍ଷ ଟଙ୍କାର ଚାରା ରୋପଣ ବାବଦରେ ତଦନ୍ତ କରାଯାଇ ସରକାରୀ ଟଙ୍କା ହରିଲୁଟ କରୁଥିବା ଅଧିକାରୀ, ଅଧିକାରିଣୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି।



## ଆକ୍ସନ ମୁଡ଼ରେ ପ୍ରଶାସନ
# ବୁଲିଲା ବୁଲଡୋଜର, ଭାଙ୍ଗିଲା ଘର



**ପାରାଦୀପ,୨୭।୧୧ (ସଂଚାର ବ୍ୟୁରୋ):** ଆକ୍ସନ ମୁଡରେ ପ୍ରଶାସନ। ନାଉଗାଁରେ ବୁଲିଲା ବୁଲଡୋଜର, ଭାଙ୍ଗିଲା ଘର। ଆଜି ସକାଳୁ ସକାଳୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ମୁଖ୍ୟ ବଜାର କୁହାଯାଉଥିବା ନାଉଗାଁ ହାଟରେ ଉଚ୍ଛେଦ ହୋଇଛି ଗୋଚର। ଅନେକ ବର୍ଷ ହେବ ଏହି ବଜାର ଉପରେ ଥିବା ଗୋଚର ଜମିରେ କିଛି ବ୍ୟବସାୟୀମାନେ ଗୋଚର ଜମିକୁ ଜବରଦଖଲ କରି ବ୍ୟବସାୟ କରୁଥିଲେ। ଅନେକ ସମୟରେ ନାଉଗାଁ ହାଟରେ ସାଧାରଣ ଯାତାୟତ ମଧ୍ୟ ବାଧାପ୍ରାପ୍ତ ହେଉଥିଲା। ପ୍ରସାଶନ ପକ୍ଷ୍ୟରୁ ବାରମ୍ବାର ସେମାନଙ୍କୁ ଉଚ୍ଛେଦ ନୋଟିସ ଜାରି କରାଯାଉଥିବା ବେଳେ ସେମାନେ ଘର ଭାଙ୍ଗୁନଥିଲେ। କିନ୍ତୁ ଏବେ ପ୍ରଶାସନ ପକ୍ଷରୁ ନିଆଯାଇଛି କଡା ପଦକ୍ଷେପ। ନାଉଗାଁ ତହସିଲଦାର ସ୍ଥାନୀୟ ପୁଲିସ ପ୍ରଶାସନ ସହାୟତାରେ ଆଜି ଏହି ବଜାରରେ ବୁଲଡୋଜର ଚଳାଇ ଉଚ୍ଛେଦ କରିଛନ୍ତି। ପ୍ରାୟ ଶତାଧିକ ଜବରଦଖଲରେ ଥିବା ଘର ଭାଙ୍ଗିଯାଇ ମାଟିରେ ମିଶାଯାଇଛି।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ, ଜଣେ ଗୁରୁତର

**ଛତ୍ରପୁର, ୨୭।୧୧ (ସଂଚାର ବ୍ୟୁରୋ):** ରମ୍ଭା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ମନ୍ଦିର ନିକଟ ଜାତୀୟ ରାଜପଥ-୧୬ ଉପରେ ଏକ ଦୁଃଖଦ ସଡକ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ପଛପଟୁ ଆସୁଥିବା ଲେମ୍ବୁ ବୋଝେଇ ଟ୍ରକ (୭୦ଜି ୦୦୦୬ ଟିସି ୩୩) ଗୋଟିଏ ବାଇକ(୦୭ ଏଏସ୍ ୭୬୯୨)କୁ ଧକ୍କା ଦେବାରୁ ବାଇକରେ ଥିବା ଦୁଇଜଣ ଯୁବକଙ୍କ ମଧ୍ୟରୁ ଜଣେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକ ଜଣକ ବେଗୁନିଆପଡା ଥାନା ଅଂଚଳର ଅନ୍ଧାରଗାଁ ବାସିନ୍ଦା କୃଷ୍ଣଚନ୍ଦ୍ର ଜେନା (୨୭)। ରମ୍ଭା ପୁଲିସ ପହଞ୍ଚି ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଇଛି। ଗୁରୁତର ଆହତ ଯୁବକଙ୍କୁ ତୁରନ୍ତ ଉଦ୍ଧାର କରି ଛତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ତାଙ୍କର ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଏହି ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା, ଫଳରେ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ସ୍ଥିତି ଦେଖାଦେଇଥିଲା।ଘଟଣାର ସୂଚନା ପାଇ ରମ୍ଭା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ବାଇକକୁ ଜବତ କରିଛି।

# ପାଣିରେ ବୁଡ଼ି ଦୁଇ ବର୍ଷର ଶିଶୁ ମୃତ



**ଛତ୍ରପୁର, ୨୭।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ବନ୍ଧରେ ବୁଡ଼ି ଜଣେ ଦୁଇ ବର୍ଷୀୟ ଶିଶୁ ପୁତ୍ରଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତ ଶିଶୁର ନାମ ବିନାୟକ ପାତ୍ର। ମୃତକ ବିନାୟକ ପାତ୍ରଙ୍କ ପିତା ସୋମନାଥ ପାତ୍ର(୩୦) ଆସିକା ଅଞ୍ଚଳର ବାସିନ୍ଦା ହେଲେ ମଧ ଗତ ଦୁଇ ବର୍ଷ ଧରି ସେ ଗଞ୍ଜାମ ଏନଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ଭଡ଼ା ଘରେ ରହୁଥିଲେ। ଘଟଣା ଦିନ ମଧ୍ୟାହ୍ନ ସମୟରେ ଶିଶୁଟି ଘର ନିକଟରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲା। ପରେ ପରିବାର ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସମୟରେ ଘର ସମୀପସ୍ଥ ବନ୍ଧରେ ଶିଶୁଟି ପାଣି ଭିତରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଲୋକେ ମାଛ ଧରିବା ଜାଲ ପକାଇ ବନ୍ଧ ଭିତରୁ ଶିଶୁଟିଙ୍କୁ ଉଦ୍ଧାର କରିଥିଲେ ଏବଂ ତୁରନ୍ତ ତାଙ୍କୁ ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। କିନ୍ତୁ ଡାକ୍ତର ଯାଞ୍ଚ ପରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ଜଣାପଡ଼ିବା ପରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର, ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର ଓ ଗଞ୍ଜାମ ବିଡ଼ିଓ ଅଂଚ୍ୟୁତ ଯାନୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଘଟଣା ସମ୍ପର୍କରେ ଖୋଳତାଡ଼ କରିଥିଲେ।

# ୧୩ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

**ଫୁଲବାଣୀ,୨୭।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ୧୩.୧୨.୨୦୨୫ ତାରିଖ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି ।

ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି,(ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ଲୋକ ଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି ।

ସବିଶେଷ ବିବରଣୀ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି ।

# ସମ୍ବିଧାନ ଦିବସ ପାଳିତ

**ହିଞ୍ଜିଳିକାଟୁ,୨୭।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଜେ. ଏମ. ଏଫ. ସି କୋର୍ଟ ପରିସରରେ ତାଲୁକା ଆଇନ ସଚେତନତା କମିଟି ତରଫରୁ ସବଜଜ ସୁଶ୍ରୀ ସଂଗୀତା ମଲ୍ଲିକ ପୌରହିତ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ରାଷ୍ଟ୍ରୀୟ ଗୀତଗାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଥିଲା। ଭାରତର ସମ୍ବିଧାନ ବିଶ୍ୱର ସର୍ବ ବୃହତ୍ତମ ସମ୍ବିଧାନ ଅଟେ। ସମ୍ବିଧାନ ହେଉଛି ଜାତି, ଧର୍ମ, ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି ପ୍ରକାଶ କରିଥିଲେ ସବଜଜ ସଂଗୀତା ମଲ୍ଲିକ। ପରେ ଦସ୍ତଖତ ଅଭିଯାନ ସହ ସମ୍ବିଧାନ ପ୍ରସ୍ତାବନା ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ମୁକ୍ତିରାମ ସାବତ ସମେତ ବହୁ ଓକିଲ ଓ କୋର୍ଟ ଷ୍ଟାଫ ଉପସ୍ଥିତ ଥିଲେ।

# ୨୬ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ



**ଖୋର୍ଦ୍ଧା,୨୭।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅବକାରୀ ଅଧିକାରୀମାନେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ରୋଡ୍ ନିକଟରେ ଓଡି୦୨-ସିସି-୧୧୨୨ ନମ୍ବର ବିଶିଷ୍ଟ ଏକ ମାରୁତି ସୁଜୁକି ଡିଜାୟାର କାରକୁ ଅଟକାଇ ସିଟ୍ ତଳେ ଲୁଚାଯାଇଥିବା ଗଞ୍ଜେଇକୁ ଜବତ କରିଛନ୍ତି। ଜବତ ଗଞ୍ଜେଇ ସାମଗ୍ରୀର ଆନୁମାନିକ ମୂଲ୍ୟ ବଜାରରେ ୨ ଲକ୍ଷ ୬୦ ହଜାର। ଅଭିଯୁକ୍ତ ଜଣକ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ପ୍ରକାଶ କୁମାର ପ୍ରଧାନ (୩୩) ବୋଲି ଚିହ୍ନଟ ହୋଇଛନ୍ତି। ଗିରଫ ଚୋରା ବ୍ୟବସାୟୀଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା ଏବଂ ଏନ୍‌ଡିପିଏସ୍ ଆଇନର ଧାରା ୮(ସି) ଉଲ୍ଲଂଘନ କରିଥିବା ଅଭିଯୋଗରେ ଖୋର୍ଦ୍ଧାର ବିଚାର ବିଭାଗୀୟ କୋର୍ଟକୁ ପଠାଯାଇଥିଲା। ଅବକାରୀ ରେଞ୍ଜର ଇନ୍ସପେକ୍ଟର ରାଧାକାନ୍ତ ଭୋଇ, ଅବକାରୀ ଖୋର୍ଦ୍ଧା ଜିଲ୍ଲା ମୋବାଇଲ୍ ୟୁନିଟ୍‌ର ଇନ୍ସପେକ୍ଟର ତପସ୍ୱିନୀ ବରାଳ ଏବଂ ଖୋର୍ଦ୍ଧା ଅବକାରୀ ଷ୍ଟେସନ୍ ଏବଂ ଜିଲ୍ଲା ମୋବାଇଲ୍ ୟୁନିଟ୍‌ର ଅନ୍ୟ କର୍ମଚାରୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଜାତୀୟ ମହିଳା କମିଶନଙ୍କ ପକ୍ଷରୁ ଜନଶୁଣାଣି




**ଖୋର୍ଦ୍ଧା,୨୭।୧୧ (ସଂଚାର ବ୍ୟୁରୋ):** ଜାତୀୟ ମହିଳା କମିଶନର ସଦସ୍ୟା ଡକ୍ଟର ଅର୍ଚ୍ଚନା ମଜୁମଦାର କମିଶନର ଦେଶବ୍ୟାପୀ ପ୍ରଚାର ଅଭିଯାନ 'ମହିଳା ଆୟୋଗ ଆପଣଙ୍କ ଦ୍ୱାର' ଅନ୍ତର୍ଗତ ଖୋର୍ଦ୍ଧାର ନୂତନ କଲେକ୍ଟରେଟ୍ କୋଠାର ସମ୍ମିଳନୀ କକ୍ଷରେ 'ମହିଳା ଜନ ଶୁଣାଇ' (ମହିଳା ଜନ ଶୁଣାଣି) କରିଥିଲେ। ଜାତୀୟ ମହିଳା କମିଶନର ଏକ ତିନି ଜଣିଆ ଦଳ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, ନୟାଗଡ଼, ଗଞ୍ଜାମ ଏବଂ ଭୁବନେଶ୍ୱରର ଏନ୍‌ସିଡବ୍ଲ୍ୟୁରେ ପଞ୍ଜିକୃତ ମହିଳାମାନଙ୍କ ଅଭିଯୋଗ ଶୁଣିଥିଲେ। ଏନ୍‌ସିଡବ୍ଲ୍ୟୁ ସଦସ୍ୟ ଡକ୍ଟର ଅର୍ଚ୍ଚନା ମଜୁମଦାରଙ୍କ ସହିତ ମହିଳା କମିଶନ, ଏହାର କର୍ମଚାରୀ ମନମୋହନ ଶର୍ମା, ନେହା ମହାଜନ ଗୁପ୍ତା, ଓଡ଼ିଶା ମହିଳା କମିଶନ ସଦସ୍ୟା ଶ୍ରୀମତୀ ଉର୍ମିଳା ମହାପାତ୍ର, ଖୋର୍ଧା କଲେକ୍ଟର ଅମୃତ ଋତୁରାଜ, ଏସପି, ବିବେକାନନ୍ଦ ଶର୍ମା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଉପମୁଖ୍ୟ ଓକିଲ ପ୍ରଫୁଲ୍ଲ କୁମାର ସାହୁ ଉପସ୍ଥିତ ଥିଲେ। ୬ଟି ଜିଲ୍ଲାରେ ଏନ୍‌ସିଡବ୍ଲ୍ୟୁରେ ପଞ୍ଜିକୃତ ମୋଟ ୯୬ଟି ଅଭିଯୋଗ ଏବଂ ମାମଲା ମଧ୍ୟରୁ ଡକ୍ଟର ଅର୍ଚ୍ଚନା ମଜୁମଦାର ୨୬ଟିର ସମାଧାନ କରିଥିଲେ। ମହିଳା ନିର୍ଯାତନାର ମାମଲାଗୁଡ଼ିକ ଉପରେ ଆଲୋଚନା କରିଥିଲେ।

# ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ

**ଯାଜପୁର,୨୭।୧୧ (ସଂଚାର ବ୍ୟୁରୋ):** ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଉପରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ୨୭ ନଭେମ୍ବର ୨୦୨୫ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦେବୀପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବ୍ଲକ ର ବିଡିଓ ଏବଂ ତହସିଲଦାରଙ୍କ ସହିତ ବିଭିନ୍ନ ଲାଇନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଡେପୁଟି ଡାଇରେକ୍ଟର, ଜିଲ୍ଲା ଯୋଜନା ଓ ପରିଚାଳନା ୟୁନିଟ, ଅର୍ଚିତା ଦାସ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ଏବଂ ସେମାନଙ୍କର ଗୁରୁତ୍ୱର ଏକ ସମୀକ୍ଷା ସହିତ ତାଲିମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୭ଟି ଏସଡିଜି ଦାରିଦ୍ର୍ୟ ମୁକ୍ତ, କ୍ଷୁଧା ମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଓ ଜନ ସମୁଦାୟର ସ୍ଥାୟୀତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟପନ୍ଥା, ଜଳ ଭିତରର ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି ନ୍ୟାୟ ଏବଂ ଦୃଢ଼ ପ୍ରତିଷ୍ଠାନ ଓ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଉପରେ ଆଲୋଚନା ହୋଇଥିଲା। ସେ ଏସଡିଜି ଗୁଡିକରେ ପ୍ରଗତି ତଦାରଖ କରିବା ପାଇଁ ବିକଶିତ ସୂଚକ ଢାଞ୍ଚା ଉପରେ ମଧ ଆଲୋକପାତ କରିଥିଲେ।




# ବିକ୍ରମ କେଶରୀ ରାଉତରାୟ କୁଜଙ୍ଗ ବ୍ଲକ ଠିକାଦାର ସଙ୍ଘର ସଭାପତି



**ପାରାଦ୍ୱୀପ,୨୭।୧୧ (ସଂଚାର ବ୍ୟୁରୋ):** ଏକତ୍ରୀତ ହେଲେ ଠିକାଦାର। ଆଉ ଡାକିବେ ନାହିଁ ଲେସ ଟେଣ୍ଡର। ସିଙ୍ଗୁଲ ରେଟରେ ଡାକିବାକୁ ନେଲେ ବଜ୍ର ସପଥ। ଏଭଳି ଦୃଶ୍ୟ ଆଜି ଦେଖିବାକୁ ମିଳିଛି କୁଜଙ୍ଗ ବ୍ଲକରେ। କୁଜଙ୍ଗ ବ୍ଲକ ଠିକାଦାର ମହାସଂଘର ସାଧାରଣ ବୈଠକ ଆଜି ସ୍ଥାନୀୟ ମୁକ୍ତେଶ୍ୱର ମଣ୍ଡପରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବୈଠକରେ ସର୍ବସମ୍ମତି କ୍ରମେ ଇଞ୍ଜିନିୟର ବିକ୍ରମ କେଶରୀ ରାଉତରାୟ ସଭାପତି, କାର୍ଯ୍ୟକାରୀ ସଭାପତି ବୈଷ୍ଣବ ଦାସ, ସମ୍ପାଦକ ସଂଗ୍ରାମ ବିଶ୍ୱାଳ, ସହସମ୍ପାଦକ ସୌଭାଗ୍ୟ ଲାଭ ସିଂ, କୋଷାଧକ୍ଷ ଭାବେ ଅରୁପ୍ରସାଦ ମହାନ୍ତି, ଉପସଭାପତି ଭାବେ ବିଶ୍ୱରଂଜନ ଦାସ,ଅମିତ କୁମାର ଦାସ, ଗୌରାଙ୍ଗ ସ୍ୱାଇଁ, ସମୀର କୁମାର ଦାସ ଅଜୟ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ମହାନ୍ତି, ଅଂଶୁମାନ ଗୋଛାୟତ, ସୁଧୀର ସେନାପତି , ନିତ୍ୟାନନ୍ଦ ସ୍ୱାଇଁ ଶିବ ପ୍ରସାଦ ସ୍ୱାଇଁ, ସୁରେଶ ଚନ୍ଦ୍ର ସ୍ୱାଇଁ ଏବଂ ଉପଦେଷ୍ଟା ଭାବେ ନରହରି ଦାସ, ଅଭୟ କୁମାର ମହାନ୍ତି, ପ୍ରହ୍ଲାଦ ସ୍ୱାଇଁ, ବିନୀତ ଜେନା, ରବୀନ୍ଦ୍ର ଚନ୍ଦ୍ର ଦାସ ମନୋନୀତ ହୋଇଛନ୍ତି ।

# ନବରଙ୍ଗପୁରରେ ଦିଶା କମିଟି ବୈଠକ



**ନବରଙ୍ଗପୁର,୨୭।୧୧ (ସଂଚାର ବ୍ୟୁରୋ):** ଦିଶା କମିଟି ବୈଠକ ଆଜି ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ପିଏମ ଗତି ଶକ୍ତିରେ ଭାରତମାଳା ପରିଯୋଜନା, ଜୟପୁର- ନବରଙ୍ଗପୁର, ଜୁନାଗଡ଼-ନବରଙ୍ଗପୁର ରେଳପଥ ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଦ୍ରା ଯୋଜନା ରେ ଋଣ ପ୍ରଦାନକୁ ସରଳୀକରଣ କରିବା ନେଇ ପରାମର୍ଶ ଦିଆଯାଇଥିଲା। ଭାରତ ନେଟରେ ପ୍ରତ୍ୟେକ ପଂଚାୟତରେ ଠିକ ରୂପେ ଇଣ୍ଟରନେଟ କାର୍ଯ୍ୟକ୍ଷମ ହେଉ ନ ଥିବା ରୁ ଭିସି ହୋଇପାରୁ ନ ଥିବା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ମନରେଗାରେ ମଧ୍ୟସ୍ଥିଙ୍କୁ ବାରଣ କରାଯାଇ ୨,୩୯,୦୩୮ ଜଣ ଆକ୍ଟିଭ ଜବ କାର୍ଡ ଧାରୀଙ୍କ ମଧ୍ୟରୁ ୧୦୦ ଦିନର କାମ ମାତ୍ର ୨୮୭୧ ଜଣ ପାଇଥିବାରୁ ଏହାକୁ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୮୦୨ ଗୃହକୁ ସୋଲାର ରେ ବିଦ୍ୟୁତି କରଣ କରାଯିବ ବୋଲି ବୈଠକ ରେ ସୂଚନା ଦେଇଥିଲେ। ଏଥିସହ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଜଙ୍ଗଲ ବିଭାଗ ର ବିଭିନ୍ନ କାର୍ଯ୍ୟକାରିତା ବିଷୟରେ ଆଲୋଚନା ହୋଇଥିଲା। ଗୃହରେ ଜଳ ସେଚନ,ଉଠା ଜଳସେଚନ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

# ଆୟୁଷ ଡାକ୍ତରଙ୍କ ଦଶ ଦଫା ଦାବିପତ୍ର ପ୍ରଦାନ



**ନବରଙ୍ଗପୁର/ରାଇଘର,୨୭।୧୧ (ସଂଚାର ବ୍ୟୁରୋ):** ଜନଗଣଙ୍କ ଜୀବନ ବଞ୍ଚାଇବାକୁ କୋଭିଡି ୧୯ ଭଳି ମହାମାରୀ ସମୟରେ ଆଗ ଧାଡିର ଯୋଦ୍ଧା ଭାବେ ଆୟୁଷ ଡାକ୍ତର ସେମାନଙ୍କ ବହୁମୂଲ୍ୟ ଜୀବନ ଉତ୍ସର୍ଗ କରିବାକୁ ପଛାଇନଥିଲେ। ଏ ମହାମାରୀକୁ ନିୟନ୍ତ୍ରଣ କରିବାରେ ପ୍ରମୁଖ ଭୂମିକା ତୁଲାଇ ଥିଲେ। ଏହାକୁ ନଜର ଦେଇ ରାଜ୍ୟ ସରକାର ହିସାବରେ ତାଙ୍କ ଆଡୁ ସ୍ୱୟମ ସଂଜ୍ଞାନ ନେଇ ଆୟୁଷ ଡାକ୍ତର ମାନଙ୍କଚାକିରି ନିୟମିତ କରିଦେବା ଦରକାର ଥିଲା। କିନ୍ତୁ ଏହାକୁ ନେଇ ଡାକ୍ତରମାନେ ରାଜରାସ୍ତାକୁ ଓହ୍ଲାଇବା ଓ ବାରମ୍ବାର ଗୁହାରି କରିବା ଭଳି ଘଟଣା ପୂର୍ବରୁ ଘଟିଯାଇଛି। ତଥାପି ସେମାନଙ୍କର ଦାବି ପୂରଣ ନ ହେବାରୁ ଦଶ ଦଫା ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ଦଶରଥ ନାଗଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି କାର୍ଯ୍ୟରତ ଆୟୁଷ ଡାକ୍ତରମାନେ। ଯଦି ଆସନ୍ତା ୨ ତାରିଖ ସୁଦ୍ଧା ଦାବି ପୂରଣ ନ ହୁଏ ତେବେ ୩ ତାରିଖ ଠାରୁ ଗଣତାନ୍ତ୍ରିକ ଉପାୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଜାଣି ହେଉନି ବାଂଲାଦେଶୀ ନା ପଶ୍ଚିମବଙ୍ଗବାସୀ

## ବଢୁଛି ଫେରିବାଲାଙ୍କ ସଂଖ୍ୟା
## କିଏ ଆସୁଛି କିଏ ଯାଉଛି ହିସାବ ରଖୁନି ପୁଲିସ



**କାକଟପୁର/ଅସ୍ତରଙ୍ଗ,୨୭।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଫେରିବାଲା ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଏହି ଫେରିବାଲା ବାଂଲାଦେଶୀ ନାଁ ପଶ୍ଚିମବଙ୍ଗ ବାସିନ୍ଦା ଜାଣି ହେଉନି। ଅଧିକ ଭଡା ଦେଉଥିବାରୁ ସ୍ଥାନୀୟ ବାସିନ୍ଦା ଫେରିବାଲାକୁ ଘର ଭଡା ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଫେରିବାଲା ରହଣି ଓ ହରେକ ମାଲ ବ୍ୟବସାୟ ଯୋଗୁଁ ବିଭିନ୍ନ ସ୍ଥାନରେ ବ୍ୟବସାୟ କମିବାରେ ଲାଗିଛି। ସ୍ୱଳ୍ପ ଲାଭ ରଖି ହରେକ ମାଲରେ ଶାଢ଼ୀ, ଲୁଗା, ବଦଳି ଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ବିକ୍ରି କରିବା ପରେ ସ୍ଥାନୀୟ ବ୍ୟବସାୟୀ ହାତ ବାନ୍ଧି ବସିଲେଣି। କିଏ ଆସୁଛି, କିଏ ଯାଉଛି ପୁଲିସ ପାଖରେ ଖବର ନାହିଁ। ଯଦି କିଛି ଅସୁବିଧା ହୁଏ ସେତେବେଳେ କିଏ ଦାୟୀ ରହିବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି।

ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି କାକଟପୁର ଥାନା ଠାରୁ ଅଳ୍ପ କିଛି ବାଟରେ ତଥା ମେଡିକାଲ ଛକ, ବ୍ଲକ ଛକ, କଟକଣା ସମେତ ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତାରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଫେରିବାଲା, ସେହିପରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଫେରିବାଲା ରହି ନିଜର ବ୍ୟବସାୟ କରୁଥିବା ବେଳେ ବିଭିନ୍ନ ଗାଁରେ ଭଡା ଘର ନେଇ ନିଜର ବ୍ୟବସାୟ ଆରମ୍ଭ କରିଛନ୍ତି। ୨ବଖରା ଘର ଭଡା ନେଇ ଗୋଟିକରେ ଗୋଦାମ ଓ ଅନ୍ୟଟିରେ ରହୁଛନ୍ତି। ଗୋଟିଏ ବଖରାକୁ ୪ରୁ ୧୦ଜଣ ଲେଖାଏଁ ରହୁଛନ୍ତି। ୨ବଖରାକୁ ୮ରୁ ୧୦ହଜାର ଟଙ୍କା ଭଡା ଦେଉଛନ୍ତି। ସ୍ୱଳ୍ପ ଘରକୁ ଅଧିକ ଦାମ୍‌ରେ ଭଡା ମିଳୁଥିବାରୁ ଘର ମାଲିକ ଖୁସି ହୋଇ ଘର ଯୋଗାଇ ଦେଉଛନ୍ତି। ଫଳରେ ଏହି ଫେରିବାଲା ଜିଲ୍ଲାର ବିଭିନ୍ନ ଗାଁକୁ ଯାଇ ସେମାନେ ବ୍ୟବସାୟ ଚଳାଇ ଆସୁଛନ୍ତି। ସ୍ୱଳ୍ପ ଦାମରେ ଉପକରଣ ବିକି ଫେରିବାଲା ଭଲ ଲାଭ କମାଇ ପାରୁଛନ୍ତି। ସେମାନେ ଯେଉଁ ଦୁଇ ଚକିଆ ଯାନ ବ୍ୟବହାର କରୁଛନ୍ତି ତାହାର ନମ୍ବର ଦେଖିଲେ ଜାଣି ହେଉ ନାହିଁ। କାରଣ ବାଇକ ନମ୍ବର ଉପରେ ବିଭିନ୍ନ ଉପକରଣ ରଖିଦେବା ଦ୍ୱାରା ଆବଦ୍ଧ ହୋଇ ରହିଯାଉଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳରେ କିଛି ଫେରିବାଲା ରହି ସେମାନଙ୍କ ନାଁ ଭୋଟର ତାଲିକାରେ ଉଠାଇ ସାରିଥିବା ସାଧାରଣରେ ଅଭିଯୋଗ ହୋଇଛି। ପ୍ରାୟ ୨୫ବର୍ଷ ହେଲା ଏଭଳି ସ୍ଥିତି ଲାଗି ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି।

# ଋଷିକୂଲ୍ୟା ମୁହାଣରେ କଇଁଛଙ୍କ ମିଳନ ଋତୁ ଆରମ୍ଭ

## ସମୁଦ୍ର କୂଳରେ କଡା ସୁରକ୍ଷା, ମାଛଧରା ଉପରେ କଟକଣା



**ଛତ୍ରପୁର,୨୭।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ଋଷିକୂଲ୍ୟା ମୁହାଣରେ ଅଲିଭ ରିଡେଲେ କଇଁଛ ମାନଙ୍କର ବାର୍ଷିକ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ନଭେମ୍ବରର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଫେବୃୟାରୀ ପର୍ଯ୍ୟନ୍ତ ଚାଲିବ। ପାଗ ଅନୁକୂଳ ରହିଲେ, ଫେବୃୟାରୀର ଶେଷ ସପ୍ତାହରେ ଗଣ ଅଣ୍ଡାଦାନ ଆରମ୍ଭ ହେବ ବୋଲି ପରିବେଶ ରବୀନ୍ଦ୍ରନାଥ ସାହୁ ଜଣାଇଛନ୍ତି। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ, ମେରାଇନ ଥାନା ଓ କୋଷ୍ଟାଲ ପାଟ୍ରୋଲ ୟୁନିଟ୍ ଦ୍ୱାରା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ର ଅଞ୍ଚଳକୁ ନିୟମିତ ପ୍ରହରା, ଡଙ୍ଗା ପ୍ରବେଶରେ ନିୟନ୍ତ୍ରଣ ଓ ରାତ୍ରିକାଳୀନ ଲାଇଟ ବନ୍ଦ କରାଯାଇଛି। ଏହା ସହିତ ସମୁଦ୍ରରେ ମାଛଧରା ଉପରେ ରୋକ ଲଗାଯାଇଛି। ଗତ ବର୍ଷ ରେକର୍ଡ଼ ସଂଖ୍ୟକ ଅଣ୍ଡାଦାନ ହୋଇଥିବା ବେଳେ, ଏବର୍ଷ ଆହୁରି ଅଧିକ ଅଣ୍ଡାଦାନ ହେବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖନୀୟ ଯେ, ଋଷିକୂଲ୍ୟା ମୁହାଣ ବିଶ୍ୱର ମୁଖ୍ୟ ଗଣ ଅଣ୍ଡାଦାନ ସ୍ଥଳୀମାନଙ୍କ ମଧ୍ୟରୁ ଗୋଟିଏ ଏବଂ ପ୍ରତିବର୍ଷ ଲକ୍ଷାଧିକ ଅଲିଭ ରିଡେଲେ କଇଁଛ ଅଣ୍ଡାଦାନ କରିବାକୁ ଆସନ୍ତି।

### ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ପ୍ରଥମ ସ୍ଥାନ ଅଧିକାର କଲା ଓଡ଼ିଶା

# ଟିମ୍ ଓଡ଼ିଶାକୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫ ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନ ତରଫରୁ ଆଜି ଏହି ପୁରସ୍କାର ପ୍ରଦାନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିବା ସହିତ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦାକୁ ବୃଦ୍ଧି କରିବା ଦିଗରେ ଏହା ଏକ ଉଲ୍ଲେଖଯୋଗ୍ୟ ସଫଳତା। ସୂଚନାଯୋଗ୍ୟ ଯେ, ସମୁଦାୟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଯୋଗ ଦେଇଥିଲେ। ଓଡ଼ିଶା ସାମଗ୍ରିକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ଏହି ସଫଳତା ହାସଲ କରିଛି। କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ଓଡ଼ିଶା ଏହି ପୁରସ୍କାର ପାଇବା ସହିତ ଏଥରକୁ ମିଶାଇ ଦୁଇ ଥର ଗୋଲ୍ଡ ମେଡାଲ ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କ ୧୯ଟି ବିଭାଗର ୨୬ ଟି ଷ୍ଟଲ ସ୍ଥାପିତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପିତ କରାଯାଇଥିଲା।



● ଖସୁଛି ପାରଦ, ବଢ଼ୁଛି ଶୀତ

## ଜି.ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରି



**ଜି.ଉଦୟଗିରି,୨୭।୧୧ (ସଂଚାର ବ୍ୟୁରୋ):** ପୁଣି ଖସିଲା ପାରଦ। ବଢ଼ିଲା ଶୀତ। ଲୋକେ ହେଉଛନ୍ତି କଲବଲ। କନ୍ଧମାଳ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଗତକାଲି ତୁଳନାରେ ଆଜି ଅଧିକ ଶୀତ ଅନୁଭୂତ ହେଉଛି। କନ୍ଧମାଳ ଜିଲ୍ଲାରେ ଗତକାଲି ଠାରୁ ଆଜି ୧.୪ଡିଗ୍ରି ପାରଦ ହ୍ରାସ ପାଇ ୭.୪ ଡିଗ୍ରି ରେକର୍ଡରେ ପହଞ୍ଚିଛି। ପାରଦ ତଳମୁହାଁ ହେବା ସହ ଜାଡ଼ ଆରମ୍ଭ ହୋଇସାରିଛି। ପ୍ରବଳ ଥଣ୍ଡା ସାଙ୍ଗକୁ ଜାଡ଼ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନ ଜୀବିକା ପ୍ରଭାବିତ କରିଛି। ଦିନରେ ତାପମାତ୍ରା ସ୍ୱାଭାବିକ ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡା ତାର ରାଜୁତି ଆରମ୍ଭ କରିଦେଉଛି। ଯେତେ ରାତି ବଢ଼ୁଛି ସେତେ ଥଣ୍ଡାର ପ୍ରକୋପ ବଢ଼ିବା ସହ ଜାଡ଼ରେ ଥରୁଛି ସାରା ଅଞ୍ଚଳ। ସଞ୍ଜ ହେଲେ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାହି ଗଳିକନ୍ଦିରେ ଲୋକ ସ୍ଥାନେସ୍ଥାନେ ନିଆଁ ଜାଳି ବସି ରହୁଛନ୍ତି। ପାରଦ ଖସିବା ସହ ଥଣ୍ଡା ପବନ ପ୍ରବାହିତ ହେବା ଯୋଗୁଁ ଥଣ୍ଡାର ପ୍ରକୋପ ଲୋକଙ୍କୁ ଅଧିକ ବାଧୁଛି। ଆଗାମୀ ଦିନରେ ପାରଦ ଆହୁରି ତଳମୁହାଁ ହେବା ସହ ଥଣ୍ଡା ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ଅନୁମାନ କରିଥିବା ବେଳେ ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡାର ସହର ଭାବେ ଜି.ଉଦୟଗିରି ସ୍ଥାନିତ ହେବା ପରେ ସ୍ଥାନୀୟ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳୀରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିବା ସହ ଛୁଟି ଦିନରେ ବଣଭୋଜି ପାଇଁ ମଧ୍ୟ ପ୍ରବଳ ଭିଡ଼ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଦେଖିବାକୁ ମିଳୁଛି। ହେଲେ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ପାଇଁ ସେଇଭଳି କିଛି ଆଖି ଦୃଶିଆ ବିକାଶ ହୋଇନଥିବା ଯୋଗୁଁ ସାଧାରଣରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ଦାବି ହୋଇଛି।

● ସହରାଞ୍ଚଳ ନୀତି ସମ୍ପର୍କିତ ଆଲୋଚନାଚକ୍ର

## ଭବିଷ୍ୟତ ସହର ପାଇଁ ଓଡ଼ିଶାର ଦୃଷ୍ଟିକୋଣ ଉପସ୍ଥାପିତ

**ବେଙ୍ଗାଲୁରୁ, ୨୭।୧୧:** ବେଙ୍ଗାଲୁରୁରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ହ୍ୟୁମାନ ସେଟଲମେଣ୍ଟ ଦ୍ୱାରା ଆୟୋଜିତ 'ସହରାଞ୍ଚଳ ନୀତି ସମ୍ପର୍କିତ ଆଲୋଚନା ଚକ୍ର ୨୦୨୫'ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଅଂଶଗ୍ରହଣ କରି ସହରମାନଙ୍କରେ ବସବାସ କରୁଥିବା ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି, ସମ୍ମାନ ଓ ସୁରକ୍ଷା ରୂପରେଖ ପ୍ରସ୍ତୁତ କରିବା ଜରୁରୀ ବୋଲି ମତ ବ୍ୟକ୍ତ କରିଛନ୍ତି । ଏହା ଦେଶର ନଗର ବିକାଶ ନୀତି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ସମ୍ପର୍କିତ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ମଧ୍ୟ ଶ୍ରୀମତୀ ପାଢ଼ୀ ଅବହିତ କହିଛନ୍ତି ।



'ସହରାଞ୍ଚଳ ଭାରତରେ ଅଟକି ରହିଥିବା ସମ୍ପତ୍ତିର ସଙ୍କଟ' ଶୀର୍ଷକ ଆଲୋଚନାରେ ଯୋଗଦେଇ ଶ୍ରୀମତୀ ପଢ଼ୀ କହିଥିଲେ ଯେ, ସହର ପରିକଳ୍ପନା ସ୍ଥିର, ବାତ୍ୟା ନିରୋଧୀ ଏବଂ ନାଗରିକ କେନ୍ଦ୍ରିକ ହେବା ଆବଶ୍ୟକ। ସହରମାନେ କେବଳ ଭୌତିକ ସଂରଚନା ନୁହେଁ - ଏହା ଏକ ସାମାଜିକ ଇକୋ ସିଷ୍ଟମ୍, ଆକାଂକ୍ଷା ଏବଂ ସୁଯୋଗର ସମାହାର। ଏଣୁ ଏଠାରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ନିମନ୍ତେ ରୂପରେଖ ପ୍ରସ୍ତୁତ କରିବା ଜରୁରି। ଏହି ଗସ୍ତ ସମୟରେ ସେ, ଗ୍ରେଟର ବେଙ୍ଗାଲୁରୁ ଅଥରିଟିର ମୁଖ୍ୟ ଆୟୁକ୍ତଙ୍କ ସହ ଏକ ଟେକ୍ନିକାଲ ଆଲୋଚନା କରିଛନ୍ତି।

## ନିଖୋଜର ୪ଦିନ ପରେ ମହାନଦୀରୁ ଶବ ଉଦ୍ଧାର

**ବାରଙ୍ଗ,୨୭।୧୧(ସଂଚାର ବ୍ୟୁରୋ):** ନିଖୋଜର ୪ଦିନ ପରେ ପୂର୍ବତନ ମଧୁପୁର ସରପଞ୍ଚ ସୁମିନା ପ୍ରଧାନଙ୍କ ନିଖୋଜ ପୁଅର ରାହୁଲର ଶବ କିଶନନଗରରୁ ଉଦ୍ଧାର ହୋଇଛି। ମହାନଦୀରେ ଭାସୁଥିବା ବେଳେ ଆଜି ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ କଟକ ଜିଲ୍ଲା କିଶନନଗର ଥାନା ପୁଲିସ ନିକଟରେ ରବିବାର ଠାରୁ ନିଖୋଜ ଥିବା ନେଇ ପରିବାର ତରଫରୁ ବାରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଘରୁ ଦୁଇ ଶହ ଟଙ୍କା ନେଇ ବୁଲେଟ ଗାଡ଼ି ଧରି ସାଙ୍ଗ ଘରକୁ ଯିବା ପରେ ଆଉ ଫେରି ନଥିଲା ୨୨ ବର୍ଷିୟ ରାହୁଲ। ସକାଳୁ ପୁଲିସ ଏକ ଶବ ଉଦ୍ଧାର କରିଥିବା ସୂଚନା ପାଇ ଯାଇଥିଲେ ରାହୁଲର ମା' ସୁମିନା ଓ ବାପା ପବିତ୍ର ମୋହନ ପ୍ରଧାନ। ଶବକୁ ଚିହ୍ନଟ କରିବା ପରେ କଟକ ଏସସିବି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବସ୍ ମାଲିକ ସଂଘ ଧର୍ମଘଟ ଡାକରା ପ୍ରତ୍ୟାହୃତ

**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ମୋଟର ଯାନ ଯାଞ୍ଚ୍ ପାଇଁ ପୁଲିସ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ ପ୍ରତିବାଦରେ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ଡିସେମ୍ବର ୧ରୁ ରାଜ୍ୟବ୍ୟାପୀ ଧର୍ମଘଟ ଧମକ ଦିଆଯାଇଥିଲା। ଏନେଇ ୧୭ ନଭେମ୍ବରରେ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ସରକାର ପୁଲିସ ବିଭାଗକୁ ଅତିରିକ୍ତ କ୍ଷମତା ପ୍ରଦାନ କରିବା ନେଇ ମନା କରିବା ପରେ ସଂଘ ଗୁରୁବାର ଧର୍ମଘଟ ଡାକରା ପ୍ରତ୍ୟାହାର କରିଛି। ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ସରକାରଙ୍କ ଏହି ପଦକ୍ଷେପ ବସ୍ ଅପରେଟରମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଥିଲା। କାରଣ ପୁଲିସକୁ ଅଧିକ କ୍ଷମତା ପ୍ରଦାନ କରାଯିବା ପାଇଁ ସରକାରୀ ଯୋଜନା ଦ୍ୱାରା ସେମାନେ ଆମକୁ ଅଯଥାରେ ହଇରାଣ କରିବା ସହିତ ବସ୍ ସେବାରେ ବାଧା ଏବଂ ଦଣ୍ଡ ଭିତ୍ତିକ କାର୍ଯ୍ୟାନୁଷ୍ଠାନ ବଢ଼ିବାର ଆଶଙ୍କା ରହିଥିଲା।

ମାତ୍ର ସରକାର ଅତିରିକ୍ତ କ୍ଷମତା ପ୍ରଦାନ ନେଇ କୌଣସି ନିଷ୍ପତ୍ତି ନେଇ ନଥିବା କହିଛନ୍ତି। ପରିବହନ ବିଭାଗ ସହିତ ଆଲୋଚନା ପରେ ଏହା ଜଣାପଡ଼ିଛି। ତେଣୁ ଧର୍ମଘଟ କରିବାର ଆବଶ୍ୟକତା ନାହିଁ। ଆମେ ଧର୍ମଘଟ ଡାକରାକୁ ପ୍ରତ୍ୟାହାର କରୁଛୁ। ସରକାର ଏନେଇ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏଥିରେ ଖିଲାପ ହୁଏ ତେବେ ଆମେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୪୦ ବର୍ଷ ପୂର୍ବେ ଦୁର୍ନୀତି ଏବଂ କ୍ଷମତାର ଅପବ୍ୟବହାର ବୃଦ୍ଧି ଯୋଗୁ ସରକାରଙ୍କ ଏଭଳି ନିଷ୍ପତ୍ତି ବିଫଳ ହୋଇଥିଲା। ସେବେଠାରୁ, ପୁଲିସର ସମ୍ପୃକ୍ତି ବିନା ମୋଟର ଯାନ ଯାଞ୍ଚ୍ କରାଯାଉଛି।

● ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ

## ୩ ମୋବାଇଲ, ୨ ବାଇକ ଜବତ: ୩ କୋର୍ଟଚାଲାଣ

**ବେଗୁନିଆ,୨୭।୧୧(ସଂଚାର ବ୍ୟୁରୋ) :** ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଛି ଚୋରା ବ୍ରାଉନ ସୁଗର କାରବାର। ଗୁରୁବାର ବେଗୁନିଆ ଅବକାରୀ ବିଭାଗ ଖବର ପାଇ କପାସିଆ ସ୍କୁଲ ନିକଟରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ୧୦୫ ଗ୍ରାମର ଧଳା ଜହର ଜବତ କରି ୩ ଜଣଙ୍କୁ ଗିରଫ କରିଛି। ଏହା ସହିତ ତିନୋଟି ମୋବାଇଲ, ଦୁଇଟି ବାଇକ ଜବତ କରିଥିବା ସୂଚନା ମିଳିଛି। ବେଗୁନିଆ ଅବକାରୀ ଅଧିକାରୀ ବୋଲଗଡ ଥାନା ଅଞ୍ଚଳରେ ପାଟ୍ରୋଲିଂ କରିବା ସମୟରେ ଏହି ଚୋରା ବେପାରୀଙ୍କୁ ଧରିଛନ୍ତି। ବେଗୁନିଆ ଅବକାରୀ ଟିମ୍ କପାସିଆ ସ୍କୁଲ ନିକଟରେ ଚୋରା ବ୍ରାଉନ ସୁଗର କାରବାର ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ସୂଚନା ଆଧାରରେ ଘଟଣାସ୍ଥଳରେ ପହଞ୍ଚି ୧୦୫ ଗ୍ରାମ ବ୍ରାଉନ ସୁଗର ଜବତ କରିବା ସହ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନ ସୁଗର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।

● ବସ୍ ସହ ପିଟିହେଲା ବାଇକ୍

## ଜଣେ ମୃତ, ଜଣେ ଗୁରୁତର

**ଭଦ୍ରକ,୨୭।୧୧(ସଂଚାର ବ୍ୟୁରୋ):** ଷଣ୍ଢ ଲଢ଼େଇ ଜୀବନ ନେଲା। ଷଣ୍ଢ ଲଢ଼େଇ ପାଇଁ ବଳିପଡ଼ିଲେ ଯୁବକ। ଦୁର୍ଘଟଣାରେ ଚାଲିଗଲା ଜଣଙ୍କ ଜୀବନ। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଷଣ୍ଢ ଲଢ଼େଇ ପାଇଁ ବାଇକ୍ ଓ ବସ୍ ମଧ୍ୟରେ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ପ୍ରତିବାଦରେ ଲୋକେ ମଧ୍ୟ ରାସ୍ତା ଅବରୋଧ ମଧ୍ୟ କରିଥିଲେ। ମିଳିଥିବା ସୂଚନାନୁସାରେ, ଭଦ୍ରକ-ଆନନ୍ଦପୁର ୫୩ ରାଜ୍ୟ ରାଜପଥରେ ସଡ଼କ ଦୁର୍ଘଟଣା ଘଟିଛି। ଆନନ୍ଦପୁର ରାସ୍ତାର ଗଣିଯାଙ୍ଗ ନିକଟ ହାଟଡିହି ଗାଁ ପାଖରେ ଦୁଇଟି ଷଣ୍ଢ ଲଢ଼େଇ ଲାଗିଥିଲେ। ଏହି ଷଣ୍ଢ ଲଢ଼େଇ ଯୋଗୁ ଭଦ୍ରକରୁ ବନ୍ତ ଯାଉଥିବା ଦୁଇ ବାଇକ୍ ଆରୋହୀ ହଠାତ ଭାରସାମ୍ୟ ହରାଇଥିଲେ। ଫଳରେ ଆନନ୍ଦପୁରରୁ ଭଦ୍ରକ ଆସୁଥିବା ଏକ ବସ୍‌କୁ ଉକ୍ତ ବାଇକ୍‌ଟି ସାମ୍ନା ପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଦଶପଲ୍ଲା,୨୭।୧୧(ସଂଚାର ବ୍ୟୁରୋ):** ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଉଦୁଡ଼ା ଗ୍ରାମ ନିକଟ ଜଙ୍ଗଲ ରାସ୍ତାରୁ ଏହି ମୃତଦେହକୁ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ପୋଖରୀଗୋଛା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିହ୍ନାପହଁରା ଗ୍ରାମର ହରି ଥାଟୋଇ ବୋଲି ଜଣାପଡ଼ିଛି।ମିଳିଥିବା ସୂଚନାନୁଯାୟୀ, ହରି ବ୍ରହ୍ମପୁରରେ ରହି ପାଠ ପଢୁଥିଲେ। ତେବେ ଗତକାଲି ସନ୍ଧ୍ୟାରେ ହରି ଦଶପଲ୍ଲାରେ ଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସି ସେଠାରେ କିଛି ସମୟ ରହିଥିଲେ। ପରେ ରାତି ପ୍ରାୟ ୮ଟା ସମୟରେ ସେ ତାଙ୍କ ଘର ଚିହ୍ନାପହଁରା ଯାଇଥିଲେ। କିନ୍ତୁ ଉଦୁଡ଼ା ଗ୍ରାମ ନିକଟରେ ଶୂନଶାନ୍ ରାସ୍ତାର ଫାଇଦା ନେଇ କୌଣସି ଦୁର୍ବୃତ୍ତ ତାଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ ମୃତଦେହକୁ ଫିଙ୍ଗିଦେଇ ଚାଲିଯାଇଥିବା ଅନୁମାନ କରାଯାଉଛି। ଆଜି ସକାଳୁ ରାସ୍ତାରେ ଯାଉଥିବା କେତେକ ଲୋକ ହରିଙ୍କ ମୃତଦେହ ଦେଖିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଏନେଇ ପୁଲିସକୁ ଖବର ଦେବାରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

## ନୂଆପଡ଼ାରେ ୩ ଭାଲୁ, ଲୋକେ ଆତଙ୍କିତ

**ନୂଆପଡ଼ା,୨୭ ।୧୧ (ସଂଚାର ବ୍ୟୁରୋ):** ନୂଆପଡା ସହର ଭାଲୁଙ୍କ ଚରାଭୂଇଁ ପାଲଟିଥିବା ବେଳେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ଆଜି ୩ ଗୋଟି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି। ଏହି ବଣୁଆ ଭାଲୁ ନୂଆପଡ଼ା ସହର ବିଭିନ୍ନ କାର୍ଯ୍ୟାଳୟ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପାଖରେ ବୁଲୁଥିବା ବେଳେ ଏକ ଘର ପାଚେରି ନିକଟରେ ଭାଲୁ ସୋଇଥିବା ଦେଖିବାକୁ ପାଇଥିଲେ। ବନ୍ ବିଭାଗ ପକ୍ଷରୁ ଭାଲୁକୁ ସୁରକ୍ଷିତ ସ୍ଥାନକୁ ଘଉଡାଇବା ପ୍ରୟାସ ପରେ ମଧ୍ୟ ଭାଲୁ ବାରମ୍ବାର ସହର ମୁହାଁ ହୋଇଅଛି। ବନ ଜଙ୍ଗଲରେ ଆବଶ୍ୟକ ପରିମାଣରେ ଖାଦ୍ୟଭାବ ଦେଖା ଯାଉଥିବା ନେଇ ଭାଲୁ ମାନେ ସହର ମୁହାଁ ହେଉଥିବା ଅନୁମାନ କରାଯାଏ। ବନ୍ ବିଭାଗ ପକ୍ଷରୁ ଭାଲୁକୁ ସୁରକ୍ଷିତ ନିକଟ ଜଙ୍ଗଲକୁ ଘଉଡାଇ ଦେଇଥିବା ନେଇ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି।

## ଭାକପା ମାଓ ସଂଗଠନର ରାଜା ହେମନ୍ତ ଗିରଫ

**ବିଶ୍ରା,୨୭।୧୧(ସଂଚାର ବ୍ୟୁରୋ):** ନକ୍ସଲ ବିରୋଧୀ ଅଭିଯାନରେ ଝାଡ଼ଖଣ୍ଡର ଲୋହାରଦାଗା ପୁଲିସ ଜଣେ ମାଓବାଦୀକୁ ଗିରଫ କରିଛି। ସେ ହେଉଛି ଭାକପା ମାଓବାଦୀ ସଙ୍ଗଠନର ଆଞ୍ଚଳିକ କମାଣ୍ଡର ତଥା ମୁଣ୍ଡ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ଥିବା ରବୀନ୍ଦ୍ର ଗଞ୍ଜୁ ଦଳର ସଦସ୍ୟ ରାଜା ହେମନ୍ତ ଅସୁର ଓରଫ୍ ରାଜନ। ରାଜା ହେମନ୍ତ ପାଖରୁ ଏକ ଦେଶୀବନ୍ଧୁକ ଓ ୧୦ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ରାଜା ହେମନ୍ତ ଲୋହାରଦାଗା ଅଞ୍ଚଳରେ ଘୂରି ବୁଲୁଥିବା ଗୁପ୍ତ ସୂଚନା ଆଧାରରେ



ପୁଲିସ ଅଭିଯାନ ଆରମ୍ଭ କରିଥିଲା। ଏସ୍‌ଡିପିଓ ବେଦାନ୍ତ ଶଙ୍କର, ଇନ୍ସପେକ୍ଟର ମନୀଷ କୁମାର ଚୌବେ, ଅଜିତ କୁମାରଙ୍କ ନେତୃତ୍ୱରେ ବିଶେଷଦଳ ଏହି ଅଭିଯାନରେ ସାମିଲ ହୋଇଥିଲେ। ସନ୍ଦେହଜନକ ଜଣେ ବ୍ୟକ୍ତିକୁ ଅଟକାଇ ପଚାରିବାରୁ ସେ ନିଜ ନାମ ରଞ୍ଜିତ ବୋଲି କହିଥିଲା। ମାତ୍ର ତଲାସିରେ ତାଙ୍କ ପାଖରୁ ଦେଶୀବନ୍ଧୁକ ଓ ଗୁଳି ମିଳିବା ପରେ ସେ ନିଜକୁ ହେମନ୍ତ ରାଜା ଅସୁର ବୋଲି ମାନିଥିଲା। କୁଡୁ ଥାନାରେ ଏକ ମାମଲା ରୁଜୁ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ରାଜା ହେମନ୍ତ ବିରୋଧରେ ୨୦ରୁ ଅଧିକ ଗୁରୁତର ମାମଲା ରହିଥିବା ଜଣାପଡ଼ିଛି।

## ଅଭିଯୋଗ ଶୁଣାଣି ବ୍ୟବସ୍ଥା ସ୍ଥାଣୁ ପାଲଟିଛି: ବିଜେଡି




**ଭୁବନେଶ୍ୱର,୨୭।୧୧(ସଂଚାର ବ୍ୟୁରୋ):** ରାଜ୍ୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟିଛି ବୋଲି ଅଭିଯୋଗ କରିଛି ବିଜେଡି। ନିକଟରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ଟ୍ରେଜେରି ଅଫିସରଙ୍କ ଉଦ୍ଦେଶ୍ୟରେ ଜାରି ଚିଠିରୁ ଏହା ସ୍ପଷ୍ଟ ହୋଇଛି ବୋଲି ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଅଭିଯୋଗ କରିଛନ୍ତି ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି। ସେ କହିଛନ୍ତି ଯେ ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ହେବା କଥା। କିନ୍ତୁ ବାରମ୍ବାର କୁହାଯିବା ପରେ ବି ସେଗୁଡ଼ିକର ସନ୍ତୋଷଜନକ ସମାଧାନ ହୋଇପାରୁନାହିଁ। ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ଗ୍ରୀଭାନ୍ସ ସେଲ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବୋଲି ଉକ୍ତ ଚିଠିରେ କୁହାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଜନସାଧାରଣଙ୍କ ଅଭିଯୋଗ ଶୁଣୁଛନ୍ତି ଓ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ବିଜେପି କହୁଛି। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜିଲ୍ଲାପାଳଙ୍କ ଚିଠିରୁ ସ୍ପଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ଅଭିଯୋଗ ଶୁଣାଣି ହେଉଛି ଓ ମୁଖ୍ୟମନ୍ତ୍ରୀ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ, ଯାହା ରାଜ୍ୟ ସରକାରଙ୍କ ଅପାରଗପଣିଆକୁ ପ୍ରମାଣିତ କରୁଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

● ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଘାଟିତ

## 'ଭିନ୍ନକ୍ଷମଙ୍କୁ ଗୁଣାତ୍ମକ ସେବା ଯୋଗାଇବାକୁ ପ୍ରତିବଦ୍ଧ'

**ଭୁବନେଶ୍ୱର ୨୭।୧୧(ସଂଚାର ବ୍ୟୁରୋ):** ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ, ଶିଶୁମାନଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା ଦିଆଯାଇପାରିଲେ ସେମାନଙ୍କର ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରାଯାଇପାରିବ। ଚଳିତ ବର୍ଷର ଶୀର୍ଷକ 'ବହୁବିଧ ଭିନ୍ନକ୍ଷମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ' ରହିଥିବା ବେଳେ ଏହା ଆଜିର ସମୟର ପ୍ରାସଙ୍ଗିକତା ବୋଲି ମତ ରଖି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଲେ ଯେ, ଭିନ୍ନକ୍ଷମମାନଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ରାଜ୍ୟ ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ଏସବୁର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ନାଗରିକମାନେ ସମାଜପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ଗଣ୍ଡ ଅନୁରୋଧ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ଆଇଏଏସ ସୁଶ୍ରୀ ପାରୁଲ ପଟାୱରୀ କହିଲେ ଯେ, ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାମାନଙ୍କ ସହ ଅଟିଜିମ୍‌ରେ ପୀଡ଼ିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ। ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଅତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ।



## ଟ୍ରକକୁ ପିଟିଲା ବାଇକ, ୩ ଗୁରୁତର

**ନୂଆପଡ଼ା,୨୭ ।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ରାଜସ୍ୱ ବଙ୍ଗଳା ଠାରେ ଆଜି ୧୧ ଟାରେ ଏକ ଦୁର୍ଘଟଣା ଘଟିଯାଇଛି। ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ଖଡ଼ିଆଳ ସହରର ରାଜସ୍ୱ ବଙ୍ଗଳା ଠାରେ ଏକ ଟ୍ରକରେ ପିଟି ହେବାରୁ ବାଇକରେ ଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ବାଇକ ଆରୋହୀ ଯୁବକଙ୍କୁ ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତର କରଯାଇଥିବା ସୂଚନା ମିଳିଛି। ଅନ୍ୟ ୨ ଜଣ ଗୁରୁତର ଛାତ୍ରୀ ଟୁନୀ ମାଝୀ ଓ ସୀମା ମାଝୀଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗୁରୁତର ଆହତ ବାଇକ ଆରୋହୀ ଯୁବକ ଜଣକ ଖଡ଼ିଆଳ ବ୍ଲକର ଚନାବେଡ଼ା ଗ୍ରାମର ଅରବିନ୍ଦ ବେହେରା ବୋଲି ଜଣାପଡିଛି। ଟ୍ରକ ଡ୍ରାଇଭର ଜଣକ ଟ୍ରକ ସହ ଥାନାରେ ଆତ୍ମ ସମର୍ପଣ କରିଥିବା ସୂଚନା ମିଳିଛି।

ପୋଲସରା ଲିଙ୍ଗରାଜ ପାତ୍ର ହତ୍ୟାକାଣ୍ଡ ଘଟଣା

## ୨୨ ବର୍ଷ ପରେ ଅଭିଯୁକ୍ତ ଗିରଫ

**ପୋଲସରା,୨୭।୧୧(ସଂଚାର ବ୍ୟୁରୋ) :** ବାଇଶି ବର୍ଷ ପରେ ପୋଲିସକୁ ମିଳିଲା ସଫଳତା। ପୋଲସରା ଏନ୍‌ଏସିର ପାଟିଗଡ଼ ଗାଁର ଲିଙ୍ଗରାଜ ପାତ୍ର ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଦୁଇ ଦଶନ୍ଧି ପରେ ଗିରଫ କରିଛି ପୋଲସରା ଥାନା ପୋଲିସ। ସାଙ୍ଗ ସାଜିଥିଲା ହତ୍ୟାକାରୀ। ନିଜ ସାଙ୍ଗକୁ ହତ୍ୟା ପରେ ମୁଖ୍ୟ ଅଭିଯୁକ୍ତ ସଚିନ୍ଦ୍ର ସାହାଣୀ ଫେରାର ହୋଇଯାଇଥିଲା। ଏବେ କୌଣସି ସୂତ୍ରରୁ ଖବର ପାଇ ଗୁଜରାଟର ସୁରତରୁ ଅଭିଯୁକ୍ତକୁ ଗିରଫ କରିଛି



ପୋଲସରା ଥାନା ପୋଲିସ। ମୃତ ଲିଙ୍ଗରାଜ ଓ ସଚିନ୍ଦ୍ର ଗାଁରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ବ୍ୟବସାୟକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହୁଥିଲା। ୨୦୦୩ ମସିହା ମାର୍ଚ୍ଚ ୨୫ ତାରିଖ ଅପରାହ୍ନରେ ଲିଙ୍ଗରାଜ ନିଜ ଦୋକାନକୁ ଯିବା ସମୟରେ ସେହି ଗାଁର ସଚିନ୍ଦ୍ର ସାହାଣୀ ଓ ତାଙ୍କର ୬ ସହଯୋଗୀ ଗାଳିଗୁଲଜ କରି ଗଣ୍ଡଗୋଳ କରିଥିଲେ। ଗାଁ ଦାଣ୍ଡରେ ଲିଙ୍ଗରାଜଙ୍କୁ ଖଣ୍ଡାରେ ହାଣି ବିଭତ୍ସ ହତ୍ୟାକାଣ୍ଡ ଘଟାଇଥିଲେ। ହତ୍ୟା ପରେ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବା ବେଳେ ପରିବାର ଲୋକେ ସେହି ସମୟର କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। କବିସୂର୍ଯ୍ୟନଗର ଥାନାରେ୨୦୦୩ରେ ମାମଲା ରୁଜୁ ହୋଇଥିଲା। ପୋଲିସ ହତ୍ୟା ଘଟଣାରେ ସଂପୃକ୍ତ କିଛି ସହଯୋଗୀଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଦୁଇ ଅଭିଯୁକ୍ତ ଫେରାର ଥିଲେ।

### ଓଡ଼ିଶାରେ ଚତୁର୍ଥ ଥର ପାଇଁ ହେବ ଆୟୋଜନ

# ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ

**ଭୁବନେଶ୍ୱର, ୨୭।୧୧(ସଂଚାର ବ୍ୟୁରୋ):** ଆସନ୍ତା ଡିସେମ୍ବର ମାସ ୯ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ୍ ଠାରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ବ୍ୟାଡ଼ମିଣ୍ଟନ ୱାର୍ଲଡ଼ ଫେଡ଼େରେସନ୍, ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ବ୍ୟାଡ଼ମିଣ୍ଟନ ଆସୋସିଏସନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ। ଓଡ଼ିଶାରେ ଚତୁର୍ଥ ଥର ପାଇଁ ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ।

ଆଜି କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ମାଷ୍ଟର୍ସ ୨୦୨୫-ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟର ଆୟୋଜନ ସମ୍ବନ୍ଧରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ୨୨ଟି ଦେଶରୁ ୪୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ରାଙ୍କିଙ୍ଗ ବ୍ୟାଡ଼ମିଣ୍ଟନ ଖେଳାଳୀମାନେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ ବୋଲି ସୂଚନା ଦେଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏଥିସହ ଡିସେମ୍ବର ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସବ ଜୁନିୟର ବ୍ୟାଡ଼ମିଣ୍ଟନ ଚାମ୍ପିୟନସିପ୍‌ର ଆୟୋଜନ କଳିଙ୍ଗ ଷ୍ଟାଡ଼ିୟମ ଠାରେ କରାଯିବ। ଅଣ୍ଡର-୧୫ ଓ ଅଣ୍ଡର-୧୭ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସାରା ଦେଶରୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୭୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଅଣ୍ଡର-୧୫ ଓ ଅଣ୍ଡର-୧୭ ଟିମ୍‌ରେ ମୋଟ ୨୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟ ଆୟୋଜନ ଏବଂ ବ୍ୟାଡ଼ମିଣ୍ଟନ ଖେଳର ପ୍ରଚାର ଓ ପ୍ରସାର ପାଇଁ ଉଦ୍ଦିଷ୍ଟ ଏକ ପ୍ରଚାର ଭ୍ୟାନକୁ ପତାକା ଦେଖାଇ ମନ୍ତ୍ରୀ ସୂରଜ ଏହାର ଶୁଭାରମ୍ଭ କରିଥିଲେ। ଏଥିସହ ଓଡ଼ିଶା ମାଷ୍ଟର୍ସ ୨୦୨୫ ଟୁର୍ଣ୍ଣାମେଣ୍ଟର ଲୋଗୋ ଉନ୍ମୋଚିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ମାସ୍କଟ ଓଲି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତ କ୍ରୀଡ଼ା ପ୍ରଶଂସକମାନଙ୍କୁ ଉତ୍ସାହିତ କରିଥିଲେ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପୁଞ୍ଜି ବଜାରରେ ରେକର୍ଡ ଭାଙ୍ଗିଲା ନିଫ୍ଟି




ନୂଆଦିଲ୍ଲୀ,୨୭।୧୧: ସେୟାର ବଜାର ଉତ୍ସାହ। ୧୪ ମାସ ଭିତରେ ରେକର୍ଡ ସ୍ତରରେ ନିଫ୍ଟି। ପୁଞ୍ଜି ବଜାରରେ ରେକର୍ଡ ଭାଙ୍ଗିଲା ନିଫ୍ଟି। ୨୬୩୫୫ ଅଙ୍କ ସହ ଛୁଇଁଲା ସର୍ବୋଚ୍ଚ ସ୍ତର। ୮୬ ହଜାର ପାଖରେ କାରବାର କରୁଛି ସେନ୍ସେକ୍ସ। ଗତ ବୁଧବାର ଦିନ, ନିବେଶକମାନେ ବଜାରରୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କା ରୋଜଗାର କରିଛନ୍ତି। ସେନସେକ୍ସର ଶୀର୍ଷ ୩୦ ଟି କମ୍ପାନୀ ମଧ୍ୟରୁ ଆଜି ୧୬ ଟି କମ୍ପାନୀରେ ଉନ୍ନତି ପରିଲକ୍ଷିତ ହୋଇଥିବା ବେଳେ ୧୪ଟି କମ୍ପାନୀରେ ଏପର୍ଯ୍ୟନ୍ତ ହ୍ରାସ ଘଟୁଛି।

ବିଏସଇ ସେନସେକ୍ସ ୪୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇ ୮୬,୦୦୦ ଅତିକ୍ରମ କରିଛି। ସେହିପରି ଏନଏସଇ ନିଫଟି୫୦ ୨୬,୩୦୦ ଉପରେ ରେକର୍ଡ ହାସଲ କରିଛି, ଯାହାକି ୧୪ ମାସ ମଧ୍ୟରେ ଏହାର ପ୍ରଥମ ଶୀର୍ଷ। ୩୦-ଷ୍ଟକ୍ ସେନସେକ୍ସରେ ବଜାଜ ଫାଇନାନ୍ସ, ଆକ୍ସିସ୍ ବ୍ୟାଙ୍କ, ଲାର୍ସନ୍ ଆଣ୍ଡ୍ ଟୁବ୍ରୋ, ବଜାଜ ଫିନସର୍ଭ ଏବଂ ଏସିଆନ୍ ପେଣ୍ଟସ୍ ସର୍ବାଧିକ ଲାଭକାରୀ ରହିଛନ୍ତି , ଯାହା ୦.୮% ଏବଂ ୧.୫% ମଧ୍ୟରେ ବୃଦ୍ଧି ପାଇଛି। ମିଡ୍-କ୍ୟାପ୍ ସୂଚକାଙ୍କ ୦.୧% ବୃଦ୍ଧି ପାଇଥିବା ବେଳେ ସ୍ମଲ୍-କ୍ୟାପ୍ ସୂଚକାଙ୍କ ମଧ୍ୟ ୦.୧% ବୃଦ୍ଧି ପାଇଛି। ଜାପାନ ବାହାରେ ଏମଏସସିଆଇ ସବୁଠୁ ବଡ ଏସୀୟ-ପ୍ରଶାନ୍ତ ଇଣ୍ଡେକ୍ସ ୦.୪% ବୃଦ୍ଧି ପାଇଛି, ଯାହା ୱାଲ ଷ୍ଟ୍ରିଟର ଲାଭକୁ ଅନୁସରଣ କରୁଛି । ଜାପାନର ନିକ୍କେଇ ଏବଂ ଦକ୍ଷିଣ କୋରିଆର କୋସ୍ପି ଉଭୟ ୧% ରୁ ଅଧିକ ବୃଦ୍ଧି ପାଇଛି। ସେହିପରି ଗୁରୁବାର ଦିନ ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୦.୦୭% ଅଧିକ ଶକ୍ତିଶାଳୀ ହୋଇ ୮୯.୨୦୫୦ରେ ଖୋଲିଥିଲା, ଡିସେମ୍ବରରେ ଫେଡ୍ ସୁଧ ହାର ହ୍ରାସ ଏବଂ ଡଲାର ଦୁର୍ବଳ ହେବା ଦ୍ୱାରା ଏହା ଲାଭବାନ ହୋଇଛି। ତଥାପି, ବ୍ୟାଙ୍କରମାନେ କହିଛନ୍ତି ଯେ, ଦୀର୍ଘ ସମୟ ପାଇଁ ଏହି ଲାଭ ବଜାୟ ରଖିବା କଷ୍ଟକର ହୋଇପାରେ। ଏସୀୟ ବାଣିଜ୍ୟରେ ଡଲାର ସୂଚକାଙ୍କ ଆହୁରି ହ୍ରାସ ପାଇଛି। ଏହି ସପ୍ତାହରେ ଏହା ପ୍ରାୟ ୦.୮% ହ୍ରାସ ପାଇଛି।

**୨୬୩୫୫ ଅଙ୍କ ସହ ଛୁଇଁଲା ସର୍ବୋଚ୍ଚ ସ୍ତର**

## ଆଜିର ସୁନା ଦର



ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୭,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୭,୧୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୭,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୭,୧୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୭,୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୭,୧୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୭,୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୭,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୮,୪୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୭,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୭,୭୫୦ ଓ ୧,୧୭,୧୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୭୩,୦୦୦ଟଙ୍କାହୋଇଛି।

# ଚାପରେ ମାଇକ୍ରୋଫାଇନାନ୍ସ ଉଦ୍ୟୋଗ

ନୂଆଦିଲ୍ଲୀ, ୨୭।୧୧: ଭାରତର ମାଇକ୍ରୋଫାଇନାନ୍ସ ଉଦ୍ୟୋଗ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ଗୁଜୁରାଟ, ମହାରାଷ୍ଟ୍ର ଏବଂ ତେଲେଙ୍ଗାନା ଭଳି ପ୍ରମୁଖ ରାଜ୍ୟରେ ଋଣ ଖିଲାପ ବଢ଼ିବା ଯୋଗୁଁ ଆସେଟ୍-ଗୁଣବତ୍ତା ସୂଚକାଙ୍କ ଖରାପ ହେବାରେ ଲାଗିଛି। ଅକ୍ଟୋବର ତଥ୍ୟ ଅନୁଯାୟୀ, ମାଇକ୍ରୋଫାଇନାନ୍ସ ଋଣର ସାମଗ୍ରିକ 'ପୋର୍ଟଫୋଲିଓ-ଆଟ୍-ରିସ୍କ' (ପିଏଆର ୦+) ୨୪% ରହିଛି। ବିଶେଷକରି ବ୍ୟାଙ୍କ ଗୁଡ଼ିକ ପାଇଁ ଏହି ମାତ୍ରା ୨୮.୭% ରହିଛି, ଯାହା ଏନବିଏଫସି ଏବଂ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ତୁଳନାରେ ଅଧିକ ଚାପକୁ ସୂଚାଉଛି। ଅକ୍ଟୋବରରେ ବ୍ୟାଙ୍କଗୁଡ଼ିକ ପାଇଁ ପିଏଆର ୦+ ୧୧୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇଛି, ଯାହା ଏନବିଏଫସିଗୁଡ଼ିକ ପାଇଁ ମାତ୍ର ୨୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇଛି। ପିଏଆର ୧-୯୦ ବକେଟ୍‌ରେ ବ୍ୟାଙ୍କଗୁଡ଼ିକର ଋଣ ଖିଲାପ ୪.୪% କୁ ବୃଦ୍ଧି ପାଇଛି। ମାଇକ୍ରୋଫାଇନାନ୍ସ ବଜାରର ୧୦% ଅଂଶ ଥିବା ପଶ୍ଚିମବଙ୍ଗର ଅବସ୍ଥା ଅଧିକ ଖରାପ ହୋଇଛି, ଯେଉଁଠାରେ ପିଏଆର ୧-୯୦ ମାସିକ ୭୦ ବେସିସ୍ ପଏଣ୍ଟ ବଢ଼ି ୪.୯% ରେ ପହଞ୍ଚିଛି। ବିହାର ଓ ଉତ୍ତର ପ୍ରଦେଶରେ ମଧ୍ୟ ପିଏଆର ୦+ ରେ ନୂତନ ବୃଦ୍ଧି ଦେଖାଯାଇଛି, ଯାହା ପୁନର୍ବାର ଆର୍ଥିକ ଚାପ ସୃଷ୍ଟି କରୁଛି। ଉଭୟ ଋଣଦାତାଙ୍କ ସତର୍କତା ଏବଂ ଋଣ ପରିଶୋଧ ଆଚରଣ ଦୁର୍ବଳ ହେବା ଯୋଗୁଁ ମାଇକ୍ରୋଫାଇନାନ୍ସ ପୋର୍ଟଫୋଲିଓ ବାର୍ଷିକ ଆଧାରରେ ୧୬% ଏବଂ ମାର୍ଚ୍ଚ ୨୦୨୫ ଠାରୁ ୧୦% ହ୍ରାସ ପାଇଛି। ତେବେ ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ବିଶେଷ କରି ବ୍ୟାଙ୍କଗୁଡ଼ିକ ପାଇଁ ଋଣ ଖିଲାପୀ ମାତ୍ରା ଅଧିକ ରହିବାର ସମ୍ଭାବନା ଅଛି।

**ବଡ଼ ରାଜ୍ୟରେ ବଢ଼ୁଛି ଋଣ ଖିଲାପିଙ୍କ ସଂଖ୍ୟା**



## ଗ୍ରାହକଙ୍କୁ ବଡ଼ ଝଟକା

# ୪ ଦିନ ଭିତରେ ହଠାତ୍ ଏତେ ବଢ଼ିଗଲା ସୁନା ଦାମ୍




ନୂଆଦିଲ୍ଲୀ,୨୭।୧୧: ସ୍ପଟ ବଜାରରେ ପ୍ରବଳ ଚାହିଦା ଏବଂ ଆସନ୍ତା ମାସରେ ଆମେରିକା ଫେଡେରାଲ ରିଜର୍ଭ ସୁଧ ହାର ହ୍ରାସ ପାଇବା ଆଶା ମଧ୍ୟରେ ବୁଧବାର ସୁନା ଏବଂ ରୂପା ମୂଲ୍ୟ ବୃଦ୍ଧି ପାଇଛି। ପ୍ରାରମ୍ଭିକ କାରବାରରେ ଉଭୟ ଅଧା ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଦେଶରେ ବିବାହ ଋତୁକୁ ଦୃଷ୍ଟିରେ ରଖି, ଆଜି, ନଭେମ୍ବର ୨୭ ତାରିଖରେ ସୁନା ଏବଂ ରୂପା ମୂଲ୍ୟ ଉପରେ କଡ଼ା ନଜର ରଖାଯିବ। ଗୁରୁବାର ଏକ ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ୧୨,୭୭୫ ଥିଲା, ଯାହା ଗତକାଲି ତୁଳନାରେ ୧୬ ଟଙ୍କା ହ୍ରାସ ପାଇଛି। ଆଜି ୨୨ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୧୧,୭୧୦, ଯାହା ବୁଧବାର ତୁଳନାରେ ୧୫ ହ୍ରାସ ପାଇଛି। ସେହିପରି, ୧୮ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୧୨ ହ୍ରାସ ପାଇ ୯,୫୮୧ ହୋଇଛି। ଆଜି ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ୧୨୭,୭୫୦ ଅଛି, ଗତକାଲି ୧୨୭,୯୧୦ ଥିଲା।

**ସିଆଇଟିଇଏସର ସ୍ଥାୟୀ କମିଟି ଏବଂ ସଦସ୍ୟ ରାଷ୍ଟ୍ରଙ୍କ ପକ୍ଷରୁ କ୍ଲିନଚିଟ୍**

# ସଂରକ୍ଷଣ ଉତ୍କର୍ଷର ଏକ ଆଇନଗତ ବିଶ୍ୱବ୍ୟାପୀ କେନ୍ଦ୍ର ଭାବରେ ମିଳିଲା ସମର୍ଥନ

ନୂଆଦିଲ୍ଲୀ, ୨୭।୧୧: ପଶୁ ଆମଦାନୀ ପ୍ରସଙ୍ଗରେ ଭାରତର ସ୍ଥିତିକୁ ଏକ ନିର୍ଣ୍ଣାୟକ ସମର୍ଥନ ପ୍ରଦାନ କରିଛନ୍ତି ସିଆଇଟିଇଏସର ସ୍ଥାୟୀ କମିଟି ଏବଂ ସଦସ୍ୟ ରାଷ୍ଟ୍ର। ଉଜବେକିସ୍ତାନର ସମରକନ୍ଦରେ ଅନୁଷ୍ଠିତ ସିଆଇଟିଇଏସର ବୈଠକରେ ଏହାର ସ୍ଥାୟୀ କମିଟି ଏବଂ ସଦସ୍ୟ ରାଷ୍ଟ୍ରମାନେ ନିଶ୍ଚିତ କରିଛନ୍ତି ଯେ, ପଶୁ ଆମଦାନୀ ସମ୍ପର୍କରେ ଦେଶ ବିରୁଦ୍ଧରେ କୌଣସି ପଦକ୍ଷେପ ଗ୍ରହଣ କରିବା ପାଇଁ କୌଣସି ପ୍ରମାଣ କିମ୍ବା ଆଧାର ନାହିଁ। ଆଉ ଏହି ପ୍ରମାଣ ବନତାରର ଆଇନଗତ, ସ୍ୱଚ୍ଛ ଏବଂ ବିଜ୍ଞାନ ଆଧାରିତ ବନ୍ୟପ୍ରାଣୀଙ୍କ ଯତ୍ନ ମଡେଲର ଏକ ଶକ୍ତିଶାଳୀ ଉଦାହରଣ। ଯେଉଁଠାରେ ବିଶ୍ୱ ମାନଦଣ୍ଡ ସହ ଏହାର ଅନୁପାଳନ ଏବଂ ସବୁଠାରୁ ନୈତିକ ଭାବରେ ଶାସିତ ଏବଂ ସୁବ୍ୟବସ୍ଥିତ ଭାବରେ ପରିଚାଳିତ ବନ୍ୟପ୍ରାଣୀ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ ଏହାର ସ୍ଥିତିକୁ ପୁଣି ପକ୍କା କରିଛି।

ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ବ୍ୟାପାର ସନ୍ଧି (ସିଆଇଟିଇଏସ), ବିଶ୍ୱବ୍ୟାପୀ ବିଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ଅବୈଧ ବ୍ୟାପାର ଉପରେ ନଜର ରଖୁଥିବା ସଂଗଠନ । ପ୍ରକୃତରେ ସିଆଇଟିଇଏସ ସଚିବ, ସେପ୍ଟେମ୍ବର ୨୦୨୫ରେ ବନତାରାକୁ ଦୁଇ ଦିନିଆ ଗସ୍ତ କରି ଏଠାରେ କିଭଳି ପଶୁଚିକିତ୍ସା ବ୍ୟବସ୍ଥା ରହିଛି ? ସବୁ ପଶୁଙ୍କ ତଥ୍ୟ, ଉଦ୍ଧାର କାର୍ଯ୍ୟ ଏବଂ ଓ୍ୱେଲଫେୟାର ପ୍ରୋଟୋକଲର ବିସ୍ତୃତ ଯାଞ୍ଚ କରିଥିଲେ। ସେପ୍ଟେମ୍ବର ୩୦ରେ ଯାଞ୍ଚ ରିପୋର୍ଟ ଷ୍ଟାଣ୍ଡିଂ କମିଟିକୁ ହସ୍ତାନ୍ତର ହୋଇଥିଲା, ସିଆଇଟିଇଏସ ସଚିବ ବନତାରକୁ ଆଧୁନିକ ଭିତ୍ତିଭୂମି, ଆଧୁନିକ ଚିକିତ୍ସା ପ୍ରଣାଳୀ ଏବଂ ପଶୁଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଥିବା ବିଶ୍ୱସ୍ତରୀୟ ସିଷ୍ଟମ ଥିବା ସଂସ୍ଥା ଭାବରେ ମାନ୍ୟତା ଦେଇଥିଲା ଯାଞ୍ଚ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ, ବନତାରା ସଂପୂର୍ଣ୍ଣ ଭାବରେ ପଶୁଙ୍କ କଲ୍ୟାଣ ଏବଂ ସଂରକ୍ଷଣ ଉପରେ କେନ୍ଦ୍ରିତ। ଏହା କୌଣସି ପ୍ରକାରର ପଶୁ ବ୍ୟବସାୟରେ ନିୟୋଜିତ ନୁହେଁ। ରିପୋର୍ଟରେ ବନ୍ତରାର ମହତ ଉଦ୍ଦେଶ୍ୟ ସିଆଇଟିଇଏସ ପ୍ରକ୍ରିୟା ସହିତ ସମନ୍ୱୟ କଥା ମଧ୍ୟ କୁହାଯାଇଥିଲା। ଏମିତିରେ ଆଉ ରବିବାର ସ୍ଥାୟୀ କମିଟିରେ ବହୁସଂଖ୍ୟକ ସଦସ୍ୟ ଭାରତର ସ୍ଥିତିକୁ ସମର୍ଥନ ନିଶ୍ଚିତ କରିଛି ଯେ, ବନତାରାରେ ସମସ୍ତ ପ୍ରାଣୀ ଆଇନଗତ ଭାବରେ ଅଣ-ବାଣିଜ୍ୟିକ ଉଦ୍ଦେଶ୍ୟରେ ବୈଧ ଆମଦାନୀ ଅନୁମତି ସହିତ ଅଧିଗ୍ରହଣ କରାଯାଇଥିଲା, କୌଣସି ବନ୍ୟପ୍ରାଣୀ ଚୋରାଚାଲାଣ, ମନି ଲଣ୍ଡରିଂ କିମ୍ବା ଆର୍ଥିକ ଅନିୟମିତତା ଘଟିନାହିଁ।

# ଲଞ୍ଚ ହେଲା ମହିନ୍ଦ୍ରାର ଏସ୍‌ୟୁଭି ଏକ୍ସଇଭି ୯ଏସ୍

ନୂଆଦିଲ୍ଲୀ, ୨୭।୧୧: ମହିନ୍ଦ୍ରା ଏବଂ ମହିନ୍ଦ୍ରା ଏହାର ନୂଆ ଇଲେକ୍ଟ୍ରିକ୍ ସେଭେନ ସିଟର ଏସୟୁଭି ଏକ୍ସଇଭି ୯ଏସକୁ ଭାରତରେ ଲଞ୍ଚ କରିଛି। ଏହା ଏକ୍ସ ଶୋ ରୁମ ମୂଲ୍ୟ ୧୯.୯୫ ଲକ୍ଷ ଟଙ୍କା ରୁ ଆରମ୍ଭ ହେଉଛି। ବିଇ ୬ ଏବଂ ଏକ୍ସଇଭି ୯ଇ ପରି, ଏକ୍ସଇଭି ୯ଏସ ମଧ୍ୟ ଇଙ୍ଗ୍ଲୋ ପ୍ଲାଟଫର୍ମରେ ତିଆରି ହୋଇଛି। ଏଥିରେ କ୍ୟାବିନ ଏବଂ ଲଗେଜ୍ ସ୍ଥାନ ଅଧିକା ରହିଛି। ବୁକିଂ ୧୪ ଜାନୁଆରୀ ୨୦୨୬ ରେ ଆରମ୍ଭ ହେଉଥିବା ବେଳେ ୨୩ ଜାନୁଆରୀ ୨୦୨୬ ରେ ଏହାର ଡେଲିଭରି ଆରମ୍ଭ ହେବ।

ଏକ୍ସଇଭି ୯ଏସ ହେଉଛି ମହିନ୍ଦ୍ରାର ପ୍ରଥମ ଇଲେକ୍ଟ୍ରିକ୍-ଅରିଜିନ୍, ତିନି-ଧାଡି ଶିଟ୍ ଥିବା ଏସୟୁଭି, ଯାହା ଇଙ୍ଗଲୋ ଆର୍କିଟେକ୍ଚରରେ ନିର୍ମାଣ କରାଯାଇଛି। ଏହା ପୂର୍ବରୁ କମ୍ପାନୀ ଲଞ୍ଚ କରିଥିବା ବିଇ ୬ ଏବଂ ଏକ୍ସଇଭି ୯ଇ ପାଞ୍ଚ-ସିଟ୍ ମଡେଲ୍ ଥିଲା। ନୂଆ ଇଲେକ୍ଟ୍ରିକ୍ ଏସୟୁଭି ୬ଟି ଭ୍ୟାରିଏଣ୍ଟରେ ଉପଲବ୍ଧ ହେବ। ଭିନ୍ନ ଭିନ୍ନ ଭ୍ୟାରିଏଣ୍ଟ ପାଇଁ ଭିନ୍ନ ମୂଲ୍ୟ ରଖା ଯାଇଛି। ଏହାର ୭୯କିଲୋୱାଟରୁ ଅଧିକ ଫୁଲ୍ ଲୋଡେଡ୍ ପ୍ୟାକ୍ ଥ୍ରୀ ମଡେଲ୍ ପାଇଁ ୨୯.୪୫ ଲକ୍ଷ ଟଙ୍କା ରଖାଯାଇଛି।

ମହିନ୍ଦ୍ରା ଏହି ଏସୟୁଭି କୁ ତିନୋଟି ବ୍ୟାଟେରୀ ପ୍ୟାକ୍ ବିକଳ୍ପ – ୫୯କିଲୋୱାଟ, ୭୯କିଲୋୱାଟ ଏବଂ ୭୯ କିଲୋୱାଟ ଲଞ୍ଚ କରାଯାଇଛି। ଭାରିଆଣ୍ଟ ଆଧାରରେ ୧୭୦କିଓ୍ୱାଟରୁ ୨୧୦କିଲୋୱାଟ ପର୍ଯ୍ୟନ୍ତ ପାୱାର ଆଉଟପୁଟ୍ ପ୍ରଦାନ କରିବ।

ମହିନ୍ଦ୍ରା ଏକ୍ସଇଭି ୯ଏସ: ପ୍ରକାର ଏବଂ ମୂଲ୍ୟ ୫୯କିଲୋୱାଟରୁ ଅଧିକ ଗୋଟିଏ ବ୍ୟାଟେରୀ ପ୍ୟାକର ମୂଲ୍ୟ - ୧୯.୯୫ ଲକ୍ଷ ଟଙ୍କା ୭୯କିଲୋୱାଟରୁ ଅଧିକ ଗୋଟିଏ ବ୍ୟାଟେରୀ- ୨୧.୦୫ ଲକ୍ଷ ଟଙ୍କା ୭୦କିଲୋୱାଟ୍ ରୁ ଅଧିକ ପ୍ୟାକ୍ ଦୁଇଟି ବ୍ୟାଟେରୀ - ୨୪.୪୫ ଲକ୍ଷ ଟଙ୍କା୭୯କିଲୋୱାଟ୍ ରୁ ଅଧିକ ପ୍ୟାକ୍ ଦୁଇଟି - ୨୫.୪୫ ଲକ୍ଷ ଟଙ୍କାପ୍ୟାକ୍ ତିନି ୭୮କିଲୋୱାଟ୍ - ୨୭.୩୫ ଲକ୍ଷ ଟଙ୍କା୭୯କିଲୋୱାଟ୍ ରୁ ଅଧିକ ତିନି ପ୍ୟାକ୍ ପାଇଁ - ୨୯.୪୫ ଲକ୍ଷ ଟଙ୍କା

ଥରେ ଚାର୍ଜ କଲେ ଏହି ଏକ୍ସଇଭି ୯ଏସ ଏସ୍‌ୟୁଭି ୫୦୦ କିଲୋମିଟର ପର୍ଯ୍ୟନ୍ତ ମାଇଲେଜ ଦେବ ବୋଲି କମ୍ପାନୀ କହିଛି। ସବୁଠାରୁ ବଡ଼ କଥା ହେଲା ଏସୟୁଭିରେ ଫାଷ୍ଟ ଚାର୍ଜିଂ ସପୋର୍ଟ ରହିଛି। ଏହା ମାତ୍ର ୨୦ ମିନିଟ୍‌ରେ ୨୦-୮୦% ଚାର୍ଜ ହୋଇପାରିବ। ୭୯କିଲୋୱାଟ୍ ପ୍ୟାକ୍ ପାଇଁ ପାୱାର ଆଉଟପୁଟ୍ ୨୧୦କିଲୋୱାଟ୍, ୭୦କିଲୋୱାଟ୍ ପ୍ୟାକ୍ ପାଇଁ ୧୮୦କିଲୋୱାଟ୍ ଏବଂ ୫୯କିଲୋୱାଟ୍ ପ୍ୟାକ୍ ପାଇଁ ୧୭୦କିଲୋୱାଟ ରହିଛି। ଅନ୍ୟ ପ୍ରମୁଖ ହାର୍ଡୱେର୍ ମଧ୍ୟରେ ଆଇ-ଲିଙ୍କ ଇଣ୍ଟେଲିଜେଣ୍ଟ ଆଡାପ୍ଟିଭ୍ ଡ୍ୟାମ୍ପର, ଏକ ୫-ଲିଙ୍କ୍ ରୟର ସସପେନସନ୍, ଆଇବି ସହିତ ବ୍ରେକ୍-ବାଏ-ୱାୟାର ଏବଂ ଭେରିଏବଲ ଗିଅର୍ ରେସିଓ ସହିତ ଉଚ୍ଚ-ପାୱାର ଷ୍ଟିଅରିଂ ଦିଆଯାଇଛି।

ମହିନ୍ଦ୍ରା ଅନୁଯାୟୀ, ଏସୟୁଭି ସେଗମେଣ୍ଟରେ ଏକ୍ସଇଭି ୯ଏସରେ ସର୍ବାଧିକ ୪,୦୭୬ ଲିଟର କ୍ୟାବିନ ସ୍ପେସ୍ ଏବଂ ସର୍ବାଧିକ ୫୨୭ ଲିଟର ବୁଟ୍ କାପାସିଟି ଦିଆଯାଇଛି। ଏହା ୧୫୦ ଲିଟର ଫ୍ରଙ୍କ୍ ସ୍ପେସ୍, ୫୦:୫୦ ସ୍ପ୍ଲିଟ୍ ଥାର୍ଡ-ରୋ ସିଟ୍ ଏବଂ ଏହାର ହାୟର ଭାରିଆଣ୍ଟରେ ପ୍ରିମିୟମ୍ ଇଣ୍ଟେରିୟର୍ ସାମଗ୍ରୀ ଲାଗିଛି। ଦ୍ୱିତୀୟ ଧାଡିରେ ପାୱାର୍ଡ ବସ୍ ମୋଡ୍, ଭେଣ୍ଟିଲେଟେଡ୍ ସିଟ୍, ସନସେଡ୍, ସ୍ଲାଇଡିଂ ଏବଂ ରିକ୍ଲାଇନିଂ ସିଟ୍, ଏକ ଆକୋଷ୍ଟିକ୍ ଲାମିନେଟେଡ୍ ଗ୍ଲାସ୍ ଏରିଆ ଏବଂ ନିର୍ଦ୍ଦିଷ୍ଟ ଭାରିଆଣ୍ଟରେ ଏକ ଲାଉଞ୍ଜ ଡେସ୍କ ଭଳି ଫିଚର୍ସ ଦିଆଯାଇଛି।

ଏକ୍ସଇଭି ୯ଏସ ତିନୋଟି ୧୨.୩-ଇଞ୍ଚ ଇଣ୍ଟରିୟର ଡିସପ୍ଲେ, ୫ଜି କେନେକ୍ଟିଭିଟି ଏବଂ ଡଲବି ଆଟମୋସ୍ (ପ୍ୟାକ୍ ଟୁରୁ ଅଧିକ) ସହିତ ଏକ ୧୬-ସ୍ପିକର୍ ହାରମାନ କାର୍ଡନ୍ ଅଡିଓ ସିଷ୍ଟମ୍ ଦିଆଯାଇଛି। ଏହା କ୍ୱାଲକମ୍ ଚିପସେଟ୍ ଦିଆଯାଇଛି। ଟପ୍-ଏଣ୍ଡ ପ୍ୟାକ୍ ଥ୍ରୀ ମଡେଲ୍‌ରେ ୮୨୯୫ ସ୍ନାପଡ୍ରାଗନ୍ ପ୍ରୋସେସର୍ ରହିଛି।

ଅନ୍ୟ ଫିଚର୍ସଗୁଡ଼ିକ ମଧ୍ୟରେ ଭିଜନଏକ୍ସ ଏଆର-ଏଚୟୁଡି, ଲାଇଭ୍ ଭ୍ୟୁ ଏବଂ ରେକର୍ଡିଂ ସହିତ ସିକ୍ୟୁର୍ ୩୬୦ କ୍ୟାମେରା ସିଷ୍ଟମ୍, ଡୁଆଲ୍ ୱାୟାରଲେସ୍ ଚାର୍ଜିଂ, ୧୬ ମିଲିଅନ ରଙ୍ଗ ସହିତ ଆମ୍ବିଏଣ୍ଟ ଲାଇଟିଂ, ଅଟୋପାର୍କ ଆସିଷ୍ଟ, ଡ୍ରାଇଭର୍ ଡ୍ରାଉଜିନେସ ଡିଟେକ୍ସନ୍ (ଆଇଡେଣ୍ଟିଟି ଡିଏମଏସ) ଏବଂ ମହିନ୍ଦ୍ରାର ଏମଇ୪ୟୁ ଆପ୍ ଭିତରେ କେନେକ୍ଟିଭିଟି ଫିଚର୍ସ ରହିଛି। ଏହି ଇଲେକ୍ଟ୍ରିକ୍ ଏସୟୁଭି ପାଞ୍ଚଟି ରାଡାର ଏବଂ ଗୋଟିଏ କ୍ୟାମେରା ବ୍ୟବହାର କରି ଲେବଲ ୨+ ଏଡିଏଏସ ପ୍ରଦାନ କରିଥାଏ। ସୁରକ୍ଷା ଉପକରଣରେ ୭ ଏୟାରବ୍ୟାଗ୍, ଡ୍ରାଇଭର ନୀ ଏୟାରବ୍ୟାଗ୍, ବ୍ଲାଇଣ୍ଡ-ସ୍ପଟ୍ ଡିଟେନସନ, ଫ୍ରଣ୍ଟ ଏବଂ ରିୟର କ୍ରସ୍-ଟ୍ରାଫିକ୍ ଆଲର୍ଟ, ଲେନ୍ ସେଣ୍ଟ୍ରିଂ, ଡ୍ରାଇଭର-ଇନିସିଏଟେଡ୍ ଅଟୋ ଲେନ୍ ଚେଞ୍ଜ, କର୍ଣ୍ଣରିଂ ଲ୍ୟାମ୍ପ ଏବଂ ଅଟୋ ବୁଷ୍ଟର ଲ୍ୟାମ୍ପ ଦିଆଯାଇଛି। ଘଣ୍ଟାପ୍ରତି ୨୦୨ କିଲୋମିଟର ବେଗ ସହିତ ୧୦ ମିଟର ଟର୍ଣ୍ଣିଂ ସାର୍କଲ ଦିଆଯାଇଥିବା ବେଳେ ୨୦୫ଏମଏମର ଗ୍ରାଉଣ୍ଡ କ୍ଲିୟରାନ୍ସ, ଓ ବ୍ୟାଟେରୀ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୨୨ ଏମଏମ ରହିଛି।




## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଜେନେରିକ୍ ବନାମ ବ୍ରାଣ୍ଡେଡ୍ ଔଷଧ

ନୂଆଦିଲ୍ଲୀ, ୨୭।୧୧: ଭାରତରେ ସରକାର ଅନେକ ଥର ଜରୁରୀ ଔଷଧ ଦର ନିୟନ୍ତ୍ରଣ କରିବାକୁ ଅନେକ ନିୟମ ପରିବର୍ତ୍ତନ କରିଥିଲେ ମଧ୍ୟ ଏହାର ପ୍ରଭାବ ବିଶେଷ ଦେଖିବାକୁ ମିଳେ ନାହିଁ। ବରଂ ଦିନକୁ ଦିନ ଜେନେରିକ୍ ଏବଂ ବ୍ରାଣ୍ଡେଡ୍ ଔଷଧ ମଧ୍ୟରେ ସଂଘର୍ଷ ବଢ଼ିବାରେ ଲାଗିଛି। ତେବେ ସରକାର ସୁଲଭ ସ୍ୱାସ୍ଥ୍ୟସେବା ପାଇଁ ଜେନେରିକ୍ ଔଷଧକୁ ପ୍ରୋତ୍ସାହିତ କରୁଥିବାବେଳେ, ଏହାର ଗୁଣବତ୍ତା ଏବଂ ଯୋଗାଣ ଶୃଙ୍ଖଳା ସମସ୍ୟା ଯୋଗୁଁ ଲୋକଙ୍କ ମଧ୍ୟରେ ଅବିଶ୍ୱାସ ବଢ଼ୁଛି। ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସସିଓ ଦ୍ୱାରା ଅଧିକ ସଂଖ୍ୟକ 'ମାନକ ନଥିବା ଗୁଣବତ୍ତା' ଔଷଧ ତାଲିକାଭୁକ୍ତ ହେବା ପରେ ଜେନେରିକ୍ ଔଷଧର ନିରାପତ୍ତା ଓ ପ୍ରଭାବ ଉପରେ ରୋଗୀ ଏବଂ ଡାକ୍ତରୀ ସମ୍ପ୍ରଦାୟର ଆଶଙ୍କା ବଢ଼ିଛି। ଅନେକ ଜେନେରିକ୍ ଉତ୍ପାଦନକାରୀ କମ୍ପାନୀ ମାନକ ଗୁଣବତ୍ତା ବଜାୟ ରଖିବାରେ ବିଫଳ ହେଉଛନ୍ତି। ଏଥିସହ, ବ୍ରାଣ୍ଡେଡ୍ କମ୍ପାନୀଗୁଡ଼ିକ ଉତ୍ପାଦନକୁ ଆଉଟସୋର୍ସିଂ କରିବା ଦ୍ୱାରା ଗୁଣବତ୍ତା ନିୟନ୍ତ୍ରଣରେ ସମସ୍ୟା ସୃଷ୍ଟି ହେଉଛି। ସରକାରୀ ଜନଔଷଧି କେନ୍ଦ୍ରରେ ମଧ୍ୟ ବହୁ ସମୟରେ ଔଷଧ ମିଳୁନଥିବା ଏବଂ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ଆସୁଛି, ଯାହା ଫଳରେ ରୋଗୀମାନେ ବ୍ରାଣ୍ଡେଡ୍ ଔଷଧ ପାଇଁ ଘରୋଇ ଫାର୍ମାସିକୁ ଯିବାକୁ ବାଧ୍ୟ ହେଉଛନ୍ତି। ବ୍ରାଣ୍ଡେଡ୍ ଔଷଧ ବଜାରରେ ଉତ୍ପାଦନକାରୀଙ୍କଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ଅଧିକ କମିଶନ ମିଳୁଛି।

● ଆମ୍ବୁଲାନ୍ସରେ ଅମ୍ଳଜାନ ସରିଯିବାରୁ ଶିଶୁର ମୃତ୍ୟୁ ଅଭିଯୋଗ

## ପରିବାର ଲୋକଙ୍କୁ ଭେଟିଲେ ବସ୍ତା ବିଧାୟିକା



ବାଲିଆପାଳ,୨୭।୧୧ (ସଂଚାର ବ୍ୟୁରୋ): ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଫକୀର ମୋ ମୋହନ ମେଡିକାଲ କଲେଜକୁ ଗୁରୁତର ଅବସ୍ଥାରେ ଅସୁ ଅସୁସ୍ଥ ୧୦ ମାସର ଶିଶୁପୁତ୍ରକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଉଥିବା ସମ ସମୟରେ ରାସ୍ତାରେ ଅକ୍ସିଜେନ ସରିଯିବାରୁ ତାଙ୍କ ମୃତ୍ୟୁ ହୋଇଥିଲା ବାଲିଆପାଳ ପଞ୍ଚାୟତ ସମିତି ବୈଠକରେ ପ୍ରଥମେ ବସ୍ତା ବିଧାୟିକା ସୁବାସିନୀ ଜେନା ଏହି ବିଷୟରେ ଆଲୋଚନା କରିବା ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ବୈଠକ ପରେ ରାତିରେ ଶିଶୁପୁତ୍ରର ବାପା ଓ ମା'ଙ୍କୁ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଇଚ୍ଛାପାଳ ଗାଁରେ ରଜନୀକାନ୍ତ ପାତ୍ରଙ୍କ ବାସଭବନରେ ବିଧାୟିକା ସୁବାସିନୀ ଜେନା ପହଞ୍ଚି ପରିବାର ଲୋକଙ୍କୁଆଶ୍ୱାସନା ଦେଇଥିଲେ। ବିଧାୟିକାଙ୍କ ସହିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ପ୍ରୀତମ ସାହୁ, ବିଷ୍ଣୁପୁର ପଞ୍ଚାୟତର ସମିତି ସଦସ୍ୟ ଚନ୍ଦ୍ରମୋହନ ଦାସ, ୱାର୍ଡ ସଦସ୍ୟ, ଜିଲା ପରିଷଦ ବେଣୁଧର ଜେନା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଗୋଟିଏ ନିଷ୍ପାପ ଶିଶୁର ମୃତ୍ୟୁ ଘଟିଗଲା। ଏ ସମ୍ପର୍କରେ ଆଗାମୀ ଶୀତ ଅଧିବେଶନରେ ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ଶ୍ରୀମତୀ ଜେନା କହିଛନ୍ତି।

# ଗ୍ରାମବାସୀଙ୍କ ପାଇଁ ବିଶୁଦ୍ଧ ଜଳ ସାତସପନ



ଫିରିଙ୍ଗିଆ,୨୭।୧୧ (ସଂଚାର ବ୍ୟୁରୋ): ରାଜ୍ୟ ଓ କେନ୍ଦ୍ର ସରକାର ସହଯୋଗରେ ତାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ଗରିବ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ, ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗାଁକୁ କୌଣସି ସରକାରୀ ଯୋଜନା ପହଞ୍ଚି ପାରିନଥିବା ଅଭିଯୋଗ କରିଛନ୍ତି। ସରକାର ପରେ ସରକାର ବଦଳଉଛନ୍ତି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହିଛି କେଉଁଠି ନା କାଣି ଶୁଣି ପ୍ରଶାସନ ନିରବ ରହୁଛି କି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଅନ୍ତର୍ଗତ ଗବରନାଳ ଗ୍ରାମର ସୁକୁକେଟା ସାହି ରେ। ଏହି ସାହିର ୫ ପରିବାର ବସବାସ କରନ୍ତିଯାହା ଫଳରେ ସାହିରେ ଥିବା ଏକ ନଳକୂପ ଉପରେ ନିର୍ଭର କରିଥାନ୍ତି। କିନ୍ତୁ କିଛି ମାସ ହେବ ଉକ୍ତ ନଳକୂପରୁ ବାହାରୁ ଥିବା ପାଣି ବ୍ୟବହାର କରିବା ଉପଯୁକ୍ତ ହୋଇ ପାରୁନଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା ଙ୍କ ସୂଚନା ଅନୁଯାୟୀ, ନଳକୂପରୁ ବାହାରୁ ଥିବା ପାଣି ହଳଦୀ, ବାଲି, କିମ୍ବା ମାଟିଆରେ ଭର୍ତ୍ତି ସମୟ ରହିଲା ପରେ ପାଣି ଗୋଳିଆ ହେବା ସହିତ ଦୁର୍ଗନ୍ଧ ହେଉଥିବାରୁ ବ୍ୟବହାର କରିବା ଉପଯୁକ୍ତ ହୋଇ ପାରୁନାହିଁ। ଯାହା ଫଳରେ ଉକ୍ତ ସାହିର ଜନସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନଳକୂପ ଟିକୁ ମରାମତି କରିବା ନିମନ୍ତେ ସୁକୁକେଟା ସାହି ର ଜନସାଧାରଣ ଅନୁରୋଧ କରିଛନ୍ତି। ଦେଖିବାକୁ ବାକି ରହିଲା ଖବର ପ୍ରକାଶନ ପରେ ପ୍ରଶାସନର ନିଦ କେବେ ଭାଙ୍ଗୁଛି ! ଓ ଏହି ସମସ୍ୟାର କେବେ ସମାଧାନ ହେଉଛି।

## ଧାନ କାଟୁଥିବା ସମୟରେ ଚାଷୀଙ୍କୁ କାମୁଡ଼ିଲା ସାପ

ପରଜଙ୍ଗ,୨୭।୧୧ (ସଂଚାର ବ୍ୟୁରୋ):ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାମାକ୍ଷାନଗର ଥାନା ପଥରଖିମ୍ବ ଗ୍ରାମର ଜଣେ ଚାଷୀ ଗୁରୁବାର ବିଲରେ ଧାନ କାଟୁଥିବା ବେଳେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଚାଷୀ ଜଣଙ୍କ ପଥରଖିମ୍ବ ଗାଁର ଛକଡ଼ି ସାହୁ। ଛକଡ଼ି ଗ୍ରାମଠାରୁ କିଛି ଦୂର ନିଜ ଧାନ ବିଲରେ ଧାନ କାଟୁଥିବା ବେଳେ ସାପକାମୁଡ଼ାର ଶିକାର ହୋଇଥିଲେ। ପାଖ ଧାନ କ୍ଷେତରେ ଥିବା ଅନ୍ୟ ଚାଷୀମାନେ ତାଙ୍କୁ ତୁରନ୍ତ ଘରକୁ ଅସୁସ୍ଥ ଅବସ୍ଥାରେ ନେଇ ଆସିଥିଲେ। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ଛକଡ଼ିଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

## ବାୟୁ ପ୍ରଦୂଷଣ: ଦେଶର ୬ଷ୍ଠ ସ୍ଥାନରେ ଅନୁଗୋଳ

ଅନୁଗୋଳ, ୨୭।୧୧(ସଂଚାର ବ୍ୟୁରୋ): ଅନୁଗୋଳ ଜିଲାରେ ବାୟୁର ମାନ ଏବେ ମଧ୍ୟ ହେବ ଲାଗିରେ ବିପଦସଂକେତ ଉପରେ ରହିଛି। ବାୟୁମଣ୍ଡଳରେ ଦିନକୁ ଦିନ ପ୍ରଦୂଷଣର ମାତ୍ରା ବୃଦ୍ଧି ହେଉଥିବା ବେଳେ ଅନୁଗୋଳର ବାୟୁ ସାଧାରଣ ଲୋକଙ୍କ ଶ୍ୱାସ ଅନୁପଯୋଗୀ ହେଉଛି। ଖଣିଖାଦାନ ସହ କାରଖାନା ଓ ଅତ୍ୟଧିକ ଯାନବାହନ ଚଳାଚଳ ପାଇଁ ଏ ପ୍ରକାର ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲାରେ ବର୍ତ୍ତମାନ ଶ୍ୱାସ ରୋଗ ସମ୍ବନ୍ଧୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ଦେଖାଯାଉଛି। ସୂଚନା ମୁତାବକ, ଚଳିତମାସ ଆରମ୍ଭ ବେଳକୁ ଅନୁଗୋଳରେ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୬୦ ଓ ୭୧ ରହିଥିଲା। ହେଲେ ୩ ତାରିଖଠାରୁ କ୍ରମାଗତ ଭାବେ ଏହି ସୂଚକାଙ୍କ ବଢ଼ିବାରେ ଲାଗିଥିଲା। ପ୍ରଥମେ ୧୦୪, ୧୧୬ ରେ ୧୧ ତାରିଖରେ ଏହା ବୃଦ୍ଧିପାଇ ୨୬୯ରେ ପହଞ୍ଚିଥିଲା। ଗତ ୩ ଦିନ ଧରି ସହର ମଧ୍ୟରେ ପ୍ରଦୂଷଣର ମାତ୍ରା ଏତେ ବୃଦ୍ଧି ହୋଇଛି ଯେ ଏକ୍ୟୁଆଇ ବିପଦସଂକେତ ଦେଇ ଗତି କରୁଛି। ୨୪ ତାରିଖରେ ଏକ୍ୟୁଆଇ ୩୨୨ରେ ପହଞ୍ଚିଥିଲା। ସେହିପରି ୨୫ ତାରିଖରେ ବାୟୁର ମାନ ଆହୁରି ଖରାପ ହୋଇ ୩୫୩ ଛୁଇଁଥିଲା। ବୁଧବାର ଅପରାହ୍ନ ଗୋଟାଏ ବେଳକୁ ଏକ୍ୟୁଆଇ ୩୩୯ ରହିଥିବାବେଳେ ସନ୍ଧ୍ୟା ୬ଟା ବେଳକୁ ସାମାନ୍ୟ ସୁଧାର ଆସି ୩୩୭ ରହିଥିଲା।

# ଫାଇଲେରିଆ ନିରାକରଣ ଅଭିଯାନ

● ଦର୍ଲିପାଲି ନିରାମୟ ହସ୍ପିଟାଲରେ ଦ୍ୱିତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର



ସୁନ୍ଦରଗଡ଼,୨୭।୧୧(ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନଟିପିସି ଦର୍ଲିପାଲି ସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆ ମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ହାଇଡ୍ରୋସିଲ ଅପରେସନ୍ ଏକ ମୁଖ୍ୟ କାର୍ଯ୍ୟକ୍ରମ ଅଟେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲିର ମିଳିତ ଉଦ୍ୟମ କ୍ରମେ ଅନୁଷ୍ଠିତ ହୋଇଥିବା ଏହି ଶିବିର ରେ ମୋଟ ୨୧ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇ ଯାଇଛି। ଲେଫ୍ରିପଡ଼ା ବ୍ଲକ ଓ ହେମଗିର ବ୍ଲକର ରୋଗୀ ମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ନିରାମୟ ହସ୍ପିଟାଲ ଦର୍ଲିପାଲିର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଅପରାଜିତା ମିଶ୍ରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ରୋଗୀ ମାନଙ୍କୁ ଖାଇବା, ପିଇବା, ଔଷଧ, ମଶାରୀ ଓ ବେଡସିଡ୍ ମାଗଣାରେ ପ୍ରଦାନ କରାଯାଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ଏଚ.ଓ.ପି. ଫାଇଜ ତୟବ, ଏଚ.ଓ. ଏଚ.ଆର ପ୍ରଭାତୀ ସିଂହ, ନବୀନ ଅମିତାଭ ବଖ୍ଲା ଓ ଅନ୍ୟାନ୍ୟ ଅଧିକାରୀ ଗଣ ଯୋଗଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ସୁନ୍ଦରଗଡ଼ ସରକାରୀ ମେଡ଼ିକାଲ କଲେଜରୁ ଡ଼ା. ପ୍ରଦୀପ ଭୋଇ ଯୋଗଦାନ କରିଥିଲେ।

## ବିଦ୍ୟାଳୟରେ ମାରାଥନ ଦୌଡ଼




ସୁନ୍ଦରଗଡ଼,୨୭।୧୧(ସଂଚାର ବ୍ୟୁରୋ): କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାଦୋବାହାଲରେ ନଭେମ୍ବର ୨୬ ତାରିଖ ବୁଧବାର ଦିନ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ନିମନ୍ତେ ପ୍ରଧାନ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣାଙ୍କ ଅଧ୍ୟକ୍ଷତାରେ ୧୦ କି.ମି. ମାରାଥନ ଦୌଡ଼ ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ନମିତା ମହାପାତ୍ର, ଜିଲ୍ଲା ପରିଷଦ ନେଭିଲ କେରକେଟା, ସରପଞ୍ଚ ଶ୍ରୀମତୀ ଲୁସିଆ ମମତା କିଣ୍ଡୋ, ପି ଏଚ ସି ଡାକ୍ତର ତଥା ରାଇବୋଗା ଏସ ଆଇ ଶ୍ରୀଯୁକ୍ତ ସାମଲ ସାର୍ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ। ସର୍ବଶେଷରେ ବିଜେତା ଛାତ୍ରଛାତ୍ରୀ ବାଳକ ବିଭାଗରେ ପ୍ରଥମ - ନରେନ୍ଦ୍ର ବାର୍ଲା, ଦ୍ୱିତୀୟ - ଅମନ୍ ଏକା, ତୃତୀୟ - ରନିକ ତିର୍କି, ବାଳିକା ବିଭାଗରେ ପ୍ରଥମ - ମାଧୁରୀ ମାରକି, ଦ୍ୱିତୀୟ - ଇଶ୍ୱରି କୁଜୁର, ତୃତୀୟ - ସୋନୀୟା ମିରୀଙ୍କୁ ପୁରସ୍କାର ସହିତ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଇଥିଲା।

## କଲେଜରେ ସମ୍ବିଧାନ ଦିବସ ପାଳିତ




ବାଲିଆପାଳ,୨୭।୧୧ (ସଂଚାର ବ୍ୟୁରୋ): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଶାନ୍ତିଲତା ଦାସଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଡ଼ ମାନସୀ ସାହୁ ଯୋଗଦେଇ ଭାରତ ପୃଥିବୀର ବୃହତ ସମ୍ବିଧାନ, ଯାହା ସମସ୍ତଙ୍କର, ସମସ୍ତଙ୍କୁ ନେଇ ଓ ସମସ୍ତଙ୍କ ପାଇଁ କିପରି କାର୍ଯ୍ୟକରେ ମତ ବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମ୍ବିଧାନ ହିଁ ଶାସନ ସଂହିତା, ଯାହା ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ସମର୍ପିତ ବୋଲି ମତ ରଖିଥିବା ବେଳେ, ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜନୀତି ବିଜ୍ଞାନର ଅଧ୍ୟାପକ ସଞ୍ଜୟ ଦାସ ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ମତ ରଖିଥିଲେ। ଅଧ୍ୟାପକ ସୁଶାନ୍ତ ରାଜ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଅଧ୍ୟାପିକା ସୁପ୍ରସନୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର +୩ର ଛାତ୍ର ଛାତ୍ରୀ ଓ ଜାତୀୟ ସେବା ଶିବିରର ମିଳିତ ସହଯୋଗରେ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପରିଶେଷରେ ଅଧ୍ୟାପିକା ଆରତୀ ଜେନା କୃତଜ୍ଞତା ଜ୍ଞାପନ କରିଥିଲେ ।

## ମହାବୀର କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ କଲେ ବିଧାୟକ



କୋରେଇ,୨୭।୧୧ (ସଂଚାର ବ୍ୟୁରୋ): କୋରେଇର ମାନ୍ୟବର ବିଧାୟକ ଆକାଶ ଦାସ ନାୟକ'ଙ୍କ କରକମଳରେ ତାରାକୋଟ ଠାରେ ଏକ ନୂତନ ମଣ୍ଡପ, ମହାବୀର କଲ୍ୟାଣ ମଣ୍ଡପ'ର ଉଦଘାଟିତ ହୋଇଯାଇଅଛି। ଏହାଦ୍ୱାରା ଗ୍ରାମାଅଞ୍ଚଳ ଲୋକମାନେ ସହଜରେ ଓ ସୁବିଧାରେ କମ ଖର୍ଚ୍ଚରେ ବିଭାଘର, ବ୍ରତଘର ଭଳି ନିଜର ଅନେକ ଶୁଭ କାର୍ଯ୍ୟ କରି ଉପକୃତ ହୋଇପାରିବେ କହିଥିଲେ। ଶତପଥି ପରିବାର ତରଫରୁ ଜନସାଧାରଣ ମାନଙ୍କ ପାଇଁ ଏଭଳି ଏକ ନୂତନ ମଣ୍ଡପ ନିର୍ମାଣ କରିଥିବାରୁ ଅନୁଷ୍ଠାନର ଉତ୍ତରତର କାମନା କରିବା ସହ ପରିବାର ବର୍ଗଙ୍କୁ ବିଧାୟକ ଶ୍ରୀ ଦାସନାୟକ ଧନ୍ୟବାଦ ଦେଇଥିଲେ। ଏହି ଶୁଭ ଉଦଘାଟନୀ କାର୍ଯ୍ୟକ୍ରମରେ ମଣ୍ଡପର ସ୍ୱତାଧିକାରୀ ନାରାୟଣ ଶତପଥି, ମୁକ୍ତା ଶତପଥି, ପ୍ରବୀର କୁମାର ଶତପଥି, ପ୍ରଭାତ କୁମାର ଶତପଥି ଙ୍କ ସମେତ, ପ୍ରୀତିରଞ୍ଜନ ସାହୁ, ନୀଳମଣି ସିଂ, ପ୍ରକାଶ ଧଳ, ଅଶୋକ ପଣ୍ଡା, ଧନେଶ୍ୱର ବାରିକ, ରାଜେନ୍ଦ୍ର ବଳ, ଗୋପୀନାଥ ମହାପତ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨ ନୂତନ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୈଶିଙ୍ଗା,୨୭।୧୧ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ହାଇସ୍କୁଲରେ ଦିନ ଧରି ୪ ଗୋଟି ଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ସରକାର ୨୫ ତାରିଖ ଦିନ ସାରା ରାଜ୍ୟରେ ସତେଇଶ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ପୁରୁଣିଆ ରାଧାକୃଷ୍ଣ ହାଇସ୍କୁଲରେ ଦୁଇ ଜଣ ନିଯୁକ୍ତି ପାଇଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଗଣିତ ଶିକ୍ଷୟତ୍ରୀ ଭାବେ ଲୁବନା ଦାଶ ଓ ବିଜ୍ଞାନ ଶିକ୍ଷକ ଭାବେ ରାଜେଶ କୁମାର ବେହେରା ୨୬ ତାରିଖ ଦିନ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟ ଙ୍କ ସମେତ ଅନ୍ୟ ଶିକ୍ଷକ ଏବଂ ପରିଚଳନା କମିଟୀ ର ସଦସ୍ୟ/ସଦସ୍ୟା ମାନେ ଉପସ୍ଥିତ ରହିଥିଲେ।

ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ଜଳ ସମସ୍ୟାକୁ ନେଇ ଗୃହରେ ଉଦବେଗ



ବାଲିଆପାଳ,୨୭।୧୧ (ସଂଚାର ବ୍ୟୁରୋ): ବାଲିଆପାଳ ପଞ୍ଚାୟତ ସମିତିର ସପ୍ତମ ବୈଠକ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟାକୁ ନେଇ ସଦସ୍ୟମାନେ ଗୃହରେ ଉଦ୍ବେଗ ପ୍ରକାଶ କରିଥିଲେ। ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବସ୍ତା ବିଧାୟିକା ସୁବାସିନୀ ଜେନା, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, କାଞ୍ଚନ ଜେନା, ବେଣୁଧର ଜେନା, ବାବାଜୀ ଦେହୁରୀ, ବିଡିଓ ରାଧାରଞ୍ଜନ ଦାସ, ଅତିରିକ୍ତ ବିଡିଓ ଶରତ ମୁଦୁଲି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିପିଡିଓ ପ୍ରିୟବ୍ରତ ପ୍ରଧାନ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାରେ ଶ୍ରୀରାମପୁର ପଞ୍ଚାୟତର ଏକ ପ୍ରକଳ୍ପକୁ ସହକାରୀ ଯନ୍ତ୍ରୀ ଜାଣି ନ ପାରି ସରକାରୀ ଦଳର କର୍ମୀଙ୍କୁ କାର୍ଯ୍ୟ ଆରମ୍ଭ କରିବାକୁ କହିବା ଓ ତାହାକୁ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁମାଡ଼ ମରାଯିବା ଘଟଣାକୁ ନେଇ ବିଧାୟିକା ସୁବାସିନୀ ଜେନା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଉଦବେଗ ପ୍ରକାଶ କରିଥିଲେ।

## ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ



ବାଲିପାଟଣା,୨୭।୧୧ (ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ୍ ପଦ୍ମାଲୋ ପଞ୍ଚାୟତ ପଦ୍ମାଲୋ ଗ୍ରାମର ବିନୋଦ ବିହାରୀ ବାରିକ ଜନ୍ମରୁ ଶତପ୍ରତିଶତ ବାକ୍ ଏବଂ ଶ୍ରବଣ ବାଧିତ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ସେ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଅଛନ୍ତି। ଏବେ ସେ ମାତ୍ର ୧୨୦୦ ଟଙ୍କା ଭୀମ ଭୋଇଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଗତ ଜାନୁଆରି ରେ ସରକାର ୩୫୦୦ ଟଙ୍କା ଭତ୍ତା ବୃଦ୍ଧି କରିଥିଲେ ମଧ୍ୟ ତାଙ୍କୁ ଏହା ମିଳୁନାହିଁ। ଜୁନ୍ ମାସରୁ ନୂଆ ସାର୍ଟିଫିକେଟ୍ ଆଣି ଆବେଦନ କରିଥିଲେ ମଧ୍ୟ ଭତ୍ତା ପାଇବାରେ ବିଳମ୍ବ ହେଉଥିବା ପରିବାର ତରଫରୁ ଅଭିଯୋଗ ହୋଇଛି। ବିନୋଦଙ୍କ ପରିବାର କହିଲେ ପତ୍ନୀ, ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାଙ୍କ ସମେତ ବିନୋଦଙ୍କ ଭଉଣୀ ଅଛନ୍ତି। ଶାରୀରିକ ଅକ୍ଷମତା ସତ୍ତ୍ୱେ ସ୍ୱଳ୍ପ ଜମିରେ ଚାଷ କରି ୫ପ୍ରାଣୀ କୁଟୁମ୍ବଙ୍କ ଚାହିଦା ମେଣ୍ଟାନ୍ତି। ଗତ ବର୍ଷ ଜାନୁୟାରୀ ୩୧ରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ମେଳାରେ ପୁନଶ୍ଚ ଡାକ୍ତରଙ୍କ ପରୀକ୍ଷଣ କରାଇଥିଲେ ବିନୋଦ। ୧୭ ଜୁନ୍‌ରେ ତାଙ୍କୁ ନୂତନ ଭିନ୍ନକ୍ଷମ କାର୍ଡ ମିଳିଥିବା ବେଳେ ତାହାକୁ ପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ପୈଠ କରାଯାଇଛି। ହେଲେ ଏପର୍ଯ୍ୟନ୍ତ ବର୍ଦ୍ଧିତ ୩୫୦୦ ଭତ୍ତା ତାଙ୍କୁ ମିଳିବା ପରିବର୍ତ୍ତେ ପୁରୁଣା ଭତ୍ତା ହିସାବରେ ମାତ୍ର ୧୨୦୦ ଟଙ୍କା ମିଳୁଛି। ଏ ନେଇ ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗର ସଂଗ୍ରାମ ଦାସ କହିଛନ୍ତି ଯେ ବିନୋଦଙ୍କ ସମ୍ପର୍କରେ ତଥ୍ୟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଉ କିଛି ଦିନ ମଧ୍ୟରେ ବର୍ଦ୍ଧିତ ଭତ୍ତା ମିଳିବା ଆଶା କରାଯାଉଛି।

## ଦୁର୍ଘଟଣାର ଦୁଇଦିନ ପରେ ଗୁରୁତରଙ୍କ କଟକ ଡାକ୍ତରଖାନାରେ ମୃତ୍ୟୁ

ବୈଶିଙ୍ଗା,୨୭।୧୧(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ନିକଟରେ ଗତ ୧୬ ତାରିଖରେ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତି ଙ୍କ କଟକ ବଡ ମେଡିକାଲ ରେ ମୃତ୍ୟୁ କୁ ନେଇ ଆଜି ବୈଶିଙ୍ଗା ଥାନା ରେ ଏତେଲା ହୋଇଥିବା ଜଣା ଯାଇଛି। ଘଟଣାରୁ ପ୍ରକାଶ ଏହି ଥାନା ଅଧିନ କୃଷ୍ଣଚନ୍ଦ୍ରପୁର ଗ୍ରାମର ସୁରେନ୍ଦ୍ର ସିଂ (୫୮) ନଡପୁର ହାଟରୁ ସଉଦା କରି ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ଏକ ବୁଲେଟ ମୋଟର ସାଇକେଲ ପଛ ପଟୁ ସୁରେନ୍ଦ୍ର ଙ୍କୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବେତନଟୀ ଡାକ୍ତରଖାନା ନେଇ ପ୍ରାଥମିକ ଚିକିତ୍ସା ପରେ ବାରିପଦା ନେଇ ଯାଇଥିଲେ। ସେଠାରେ ଗୁରୁତର ଥିବା ଜାଣି କଟକ ନେବା ପାଇଁ ରେଫର କରିଦେଇ ଥିଲେ। କଟକରେ ଚିକିତ୍ସା ପରେ ୧୮ ତାରିଖ ଦିନ ସେଠାରେ ମୃତ୍ୟୁ ହୋଇ ଯାଇଥିଲା। ଏନେଇ ମଙ୍ଗଳାବାଗ ଥାନାରେ ନଂ ୨୭୧୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଘରକୁ ଆଣି ଶେଷକୃତ୍ୟ ସମ୍ପନ୍ନ କରିବା ସହିତ ଶୁଦ୍ଧିକ୍ରୀୟା ପରେ ଆଜି ୨୫ ତାରିଖରେ ସ୍ୱର୍ଗତ ସୁରେନ୍ଦ୍ର ଙ୍କ ପୁତ୍ର କୃଷ୍ଣଚନ୍ଦ୍ର ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ।

# ୭ ଦିନରେ ଥରେ ରୋଗୀସେବା, ଲୋକେ ହନ୍ତସନ୍ତ




କେସିଙ୍ଗା,୨୭।୧୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲାରେ ଜଣେ ଫିଜିଓଥେରାପିଷ୍ଟଙ୍କୁ ଜିଲାର ବିଭିନ୍ନ ବ୍ଲକରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୭ ଦିନରେ ଥରେ ରୋଗୀସେବା କରିବା ପାଇଁ ସିଡିଏମଓ ଆଦେଶ ଦେଇଥିବାରୁ ରୋଗୀସେବାରେ ଘୋର ବ୍ୟାହତ ସୃଷ୍ଟି ହେଉଛି। କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକର କାଣ୍ଡେଲ, ଉତ୍କେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଭବାନୀପାଟଣା ବ୍ଲକର ଦେପୁର, ଦାଦପୁର, ବୋର୍ଡାର ଯୁଗସାଏ ପାଟଣା ଜଣେ ମହିଳା ଫିଜିଓଥେରାପିଷ୍ଟଙ୍କୁ ହାତ,ଗୋଡ଼, ଅଣ୍ଟା,ବେକ, ଶରୀରର ଆଦି ଅଂଶକୁ ଚିକିତ୍ସା କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଦିନରେ ଥରେ ରୋଗୀମାନଙ୍କୁ କେବଳ ୯୦ ମିନିଟ୍ ମଧ୍ୟରେ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୯୦ ମିନିଟ୍ ବା ଦେଢ଼ ଘଣ୍ଟା ହେଲେ ଫିଜିଓଥେରାପିଷ୍ଟ ଜଣକ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟରୁ ପଳାଇଯାଆନ୍ତି। ଯାହାଫଳରେ ରୋଗୀମାନେ ୭ଦିନ ଅପେକ୍ଷା କରିଥାନ୍ତି। ଯଦିଓ ଜିଲା ସ୍ୱାସ୍ଥ୍ୟ ବିଭାଗର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଣ୍ଡେଲର ଗୋଟିଏ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦେଲେ ରୋଗୀମାନେ ଠିକ୍ ଭାବେ ରୋଗୀସେବା ପାଇ ପାରିବେ ବୋଲି ଜନସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ପାଣ୍ଟିକୁଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ଅବିନାଶ ପ୍ରଧାନଙ୍କୁ ପଚାରିବାରୁ ସିଡିଏମ୍‌ଓଙ୍କ ନିର୍ଦ୍ଦେଶନାରେ ଫିଜିଓଥେରାପିଷ୍ଟଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ଦିନରେ ଥରେ ଦେଢ଼ ଘଣ୍ଟା କାମ କରି ୭୫୦ଟଙ୍କା ପାଇବେ ବୋଲି ପ୍ରକାଶ କରିଥିଲେ।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ



ନୟାଗଡ଼,୨୭।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ବଡ଼ପଣ୍ଡୁସର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ପଣ୍ଡୁସର ଗ୍ରାମର ଦିଲ୍ଲୀପ କୁମାର ଡାକୁଆ। ଦିଲ୍ଲୀପ ଜଣେ ବ୍ୟବସାୟୀ। ସେ ନିଜ ଦୋକାନ ଖୋଲି, ଇଟାମାଟି ଅଭିମୂଖେ ବାଇକ ଯୋଗେ ଜିନିଷ କିଣିବାକୁ ବାହାରିବା ସମୟରେ ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା।
ଘଟଣା ସ୍ଥଳରୁ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ଦିଲ୍ଲୀପଙ୍କୁ ମୃତ ଘୋଷଣା କରିଛନ୍ତି। ଇଟାମାଟି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ଡମ ସଂଗଠନର ସ୍ୱତନ୍ତ୍ର ବୈଠକ

ଜୟପୁର,୨୭।୧୧ (ସଂଚାର ବ୍ୟୁରୋ): ଜୟପୁର ଶୀତଳା ମନ୍ଦିର ପରିସରରେ ଜିଲ୍ଲା ଡମ ସଂଗଠନର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପବିତ୍ର ଖରା ସମ୍ପାଦକ ମଙ୍ଗଳଦାନ ଖିଲ ଓ ସମ୍ପାଦକ ରାଜୁ ତାଣ୍ଡିଲ ସହ ଜିଲ୍ଲା ଡମ ସଂଗଠନର ମୁଖ୍ୟ କର୍ମକର୍ତାଙ୍କ ଉପସ୍ଥିତିରେ ନିଷ୍ପତି ନିଆଗଲା କି ଦୀର୍ଘ ୧୯ ବର୍ଷ କ୍ରମାଗତ ଭାବେ ପଦପଦବୀରେ।ର୍ଯ୍ୟରତ ରହି ଆସୁଥିବା ଯୋଗୁଁ ସମସ୍ତ କର୍ମକର୍ତାଙ୍କ ପ୍ରସ୍ତାବ ଅନୁଯାୟୀ ଏକ ନୂତନ କର୍ମକର୍ତା ଚୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ନୂତନ କର୍ମକର୍ତା ଚୟନ କରାନଯିବା ପର୍ଯ୍ୟନ୍ତ ସଂଗଠନକୁ ଭଙ୍ଗ କରାଯାଇଛି ବୋଲି ସଭାପତି ଶ୍ରୀ ଖରା ପ୍ରକାଶ କରିଛନ୍ତି। ଏହି ପଦପଦବୀ ନିମନ୍ତେ ଯଦି କୌଣସି ବ୍ୟକ୍ତି ତଥା କର୍ମକର୍ତା ଇଚ୍ଛୁକ ଅଛନ୍ତି ତେବେ ଆସନ୍ତା ୧୦ ତାରିଖି ମଧ୍ୟରେ ଆବେଦନ କରିବା ପରେ ନିର୍ବାଚନ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କରେ ଖଗପତୀ ପାଙ୍ଗି, ବିଜୟ ହନ୍ତାଳ, ପଦ୍ମନ ହରିଜନ, ଚିତ୍ର ହରିଜନ, ଅର୍ଜୁନ ହରିଜନ, ଜିରା ହରିଜନଙ୍କ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗ ସହ ଯୋଡ଼ିହେଲେ ନୂଆ ୨୬ ପ୍ରାଥମିକ ଶିକ୍ଷକ

ନୟାଗଡ଼,୨୭।୧୧(ସଂଚାର ବ୍ୟୁରୋ): ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରାଥମିକ ଶିକ୍ଷକ ସ୍ତରରେ ବଡ଼ ଧରଣ ବଦଳି କରାଯାଇଛି। ରାଜ୍ୟ ସ୍ତରୀୟ ଟ୍ରାନ୍ସଫର କମିଟି (ଏସ୍‌ଏଲ୍‌ଟିସି) ରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ଜୀବନସାଥୀ କିମ୍ବା ନାବାଳକ ଶିଶୁର ଅସୁସ୍ଥତା କାରଣ ଦର୍ଶାଇ, ସ୍ଥାନାନ୍ତର ହେବା ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ତେବେ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏପରି ନିଷ୍ପତି ନେଇଛନ୍ତି। ତେବେ ପ୍ରଥମ ଫେଜ୍ ରେ ୩୬୩ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ଜିଲ୍ଲାକୁ ବଦଳି କରାଯାଇଛି। ଓଡ଼ିଶା ପ୍ରାଥମିକ ଶିକ୍ଷା ବିଭାଗର ଚିଠି ନଂ ୨୧୭୭୦ ରେ ପ୍ରକାଶ ପାଇଥିବା ବଦଳି ଅର୍ଡରରେ ନୟାଗଡ଼ ଜିଲାରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୬ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନୟାଗଡ଼ ଜିଲ୍ଲାରେ ନିଯୁକ୍ତ କରାଯାଇଛି। ବଲାଙ୍ଗିର ର ସୁଭସ୍ମିତା ଦେଓ, ରୋଜାଲିନ ଦେବି, ପ୍ରିୟଦର୍ଶିନୀ ପଟ୍ଟନାୟକ, ବୌଦ୍ଧ ଜିଲ୍ଲାର ଗାୟତ୍ରୀ ସାହୁ, କବିତା ସାହୁ, କୈଳାସ ଚନ୍ଦ୍ର ସାହୁ, ଶୁଭଶ୍ରୀ ମହାପାତ୍ର, ସୁଜିତ୍ କୁମାର ମହାନ୍ତି ନୟାଗଡ଼ ଜିଲ୍ଲାରେ ନିଯୁକ୍ତ କରାଯାଇଛି। ସେହିପରି ଭାବେ ଗଞ୍ଜାମ ଜିଲ୍ଲାର ତପସ୍ୱିନୀ ଜୟଶ୍ରୀ ଦାସ, ସସ୍ମିତା ନାୟକଙ୍କୁ ନିଯୁକ୍ତ କରାଯାଇଥିବା ବେଳେ କନ୍ଧମାଳ ଜିଲ୍ଲାର ନିତ୍ୟାନନ୍ଦ ମହାନ୍ତି, ମିତାଞ୍ଜଳି ପ୍ରଧାନ, ନିରଞ୍ଜନ ପାତ୍ର, ଭାଗବତ ପ୍ରଧାନ, ରାମପ୍ରସାଦ ପାଇକରାୟ, ମାଲକାନଗିରି ଜିଲ୍ଲାର ବିଦ୍ୟାଧର ସ୍ୱାଇଁ, ରାୟଗଡ଼ା ଜିଲ୍ଲାର ବିଜୟ କୁମାର ସାହୁ, ସଞ୍ଜୟ କୁମାର ରାଉତରାୟ ଓ ସ୍ୱାଗତିକା ପ୍ରଧାନଙ୍କୁ ନୟାଗଡ଼ ଜିଲ୍ଲାରେ ନିଯୁକ୍ତ କରାଯାଇଛି ଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କରିଥିବା ଆବେଦନରେ କେତେ ସତ୍ୟାସତ୍ୟ ରହିଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

## ଆତ୍ମନିର୍ଭର ଭାରତ କର୍ମଶାଳା

କେନ୍ଦୁଝର,୨୭।୧୧(ସଂଚାର ବ୍ୟୁରୋ): ରାଷ୍ଟ୍ରଗାନ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଏବଂ ଆତ୍ମନିର୍ଭର ଭାରତ କର୍ମଶାଳା ଉପଲକ୍ଷେ ଆସନ୍ତା କାଲି ୨୮ ନଭେମ୍ବର(ଶୁକ୍ରବାର) ଏକ ବିଶେଷ କାର୍ଯ୍ୟକ୍ରମ କେନ୍ଦୁଝର ସହରର ପାର୍କ ଲାଇନ ସ୍ଥିତ ପ୍ରେକ୍ଷ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ ସାଂସଦ, ବିଧାୟକଙ୍କ ବହୁ ବୁଦ୍ଧିଜୀବି ସାମିଲ ହେବେ ବୋଲି ଶୁକଦେବ ମହାନ୍ତ ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି।

## ପୌରାଞ୍ଚଳ ପରବ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ଜୟପୁର,୨୭।୧୧(ସଂଚାର ବ୍ୟୁରୋ): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ ଠାରେ ପୌରାଞ୍ଚଳ ପରବ ୨୦୨୫ ନିମନ୍ତେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପୌର ଅଫିସର ଏକାଦଶ ଓ ଚେୟାରମ୍ୟାନ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେୟାରମ୍ୟାନ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ କରି ୧୫ ଓଭରରେ ୧୨୮ ରନ ସଂଗ୍ରହ କରିଥିବା ବେଳେ ୧୨୯ ରନର ଜବାବରେ ଅଫିସର ଦଳ ୧୦୦ ରନରେ ଅଲଆଉଟ ହୋଇଯାଇଥିଲେ।

## ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

● ଯୋଗ ଦେଇଥିଲେ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ଦିଗପହଣ୍ଡି,୨୭।୧୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ସାଂସଦ ଖେଳ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଡ଼ିଓ ଅନାମିକା ପାଣ୍ଡେଙ୍କ ତତ୍ତାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଉମେଶ ସେଠୀ, ବି.ତୁରୁବୁଡି ସରପଞ୍ଚ ଲିଙ୍ଗା ଦୋରା, ଜିପିଡିଓ ରୋଜାଲିନ ଦଳାଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ମେଡାଲ ଦେଇ ସମ୍ମାନିତ କରିଥିଲେ। ଏଥିରେ ଦିଗପହଣ୍ଡି ବ୍ଲକ ଓ ଏନ୍‌ଏସିର ବିଭିନ୍ନ ସ୍କୁଲ ଏବଂ କଲେଜରୁ ୭ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କବାଡି, ଖୋଖୋ, ଭଲିବଲ, କ୍ରିକେଟ, ଚେସ୍, ଦୌଡ, ଚିତ୍ରାଙ୍କନ, ବ୍ୟାଡମିଣ୍ଟନ, ଉଚ୍ଚ ଡିଆଁ, ଲମ୍ବା ଡିଆଁ ଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ତଥା କ୍ରୀଡା ଶିକ୍ଷକ ଏମ୍. ଗୌରାଙ୍ଗ, ଏମ୍. ଶୁକୁରୁ ରେଡ୍ଡୀ, ସୀମାଞ୍ଚଳ ସାହୁ , ସୀମାଞ୍ଚଳ ପାଢ଼ୀ, ସୁଜିତ କୁମାର ଜେନା, କୈଳାସ ରେଡ୍ଡୀ, ଗୋପାଳ ରେଡ୍ଡୀଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ ଉପସ୍ଥିତ ରହି ସମସ୍ତ କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

SANCHAR
ସଂଚାର
ଶୁକ୍ରବାର ୨୮ ନଭେମ୍ବର ୨୦୨୫

# ସ୍ୱାସ୍ଥ୍ୟ




## କେମିତି ପାଇବେ ପିଠି ଯନ୍ତ୍ରଣାରୁ ଉପଶମ





ବହୁ ସମୟ କମ୍ପ୍ୟୁଟର ଆଗରେ ହେଉ ଅବା ଘରେ ନଇଁ କରି କାମ କରିବା ଦ୍ୱାରା ପିଠିରେ ଯନ୍ତ୍ରଣା ହୋଇଥାଏ। ମହିଳାମାନଙ୍କଠାରେ ଅଣ୍ଟା ବିନ୍ଧା ବେଶି ଦେଖାଯାଏ। ସେଥିରୁ ବିରାମ ପାଇବା ପାଇଁ ବିଭିନ୍ନ ପ୍ରକାର ଆସନ ରହିଛି। ସେଥିମଧ୍ୟରୁ କଟି ଚକ୍ରାସନ ଅନ୍ୟତମ। କଟି ଚକ୍ରାସନଦ୍ୱାରା ଅଣ୍ଟା, ପିଠି ଓ ନିତମ୍ବ କାର୍ଯ୍ୟକ୍ଷମ ହୁଏ। ପିଠି ଯନ୍ତ୍ରଣା ଏବଂ ଦେହ ଭଙ୍ଗୀର ସମସ୍ୟା ଠିକ୍ କରିବାରେ ସାହାଯ୍ୟ କରେ। ଏହାଦ୍ୱାରା ଶରୀର ହାଲୁକା ହେବା ସଙ୍ଗେସଙ୍ଗେ ମାନସିକ ଚାପ ଉପଶମ କରିବାରେ ଏହାକୁ ଦିନର ଯେ କୌଣସି ସମୟରେ ବ୍ୟବହାର କରାଯାଇପାରେ।

- ପ୍ରଥମେ ପାଦକୁ ପ୍ରାୟ ଅଧାମିଟର ଛଡ଼ାରେ ରଖି ଠିଆ ହୁଅ, ହାତ ଦୁଇ କଡ଼ରେ ରଖ।
- ନିଶ୍ୱାସ ଛାଡ଼ ଓ ଦେହକୁ ବାମ ଦିଗକୁ ମୋଡ଼।
- ଡାହାଣ ହାତ ବାମ କାନ୍ଧ ଉପରକୁ ଆଣ ଏବଂ ବାମ ହାତ ପିଠି ପଟେ ବୁଲାଇ ରଖ।
- ବାମ ହାତକୁ ଅଣ୍ଟାର ଡାହାଣ କଡ଼କୁ ଆଣ।
- ବାମ କାନ୍ଧ ଉପର ଦେଇ ଯେତେ ଦୂର ପାର ଦେଖ। ଦୁଇ ସେକେଣ୍ଡ ନିଶ୍ୱାସ ଧରିରଖ, ଦେହକୁ ଆଉ ଟିକିଏ ଅଧିକା ମୋଡ଼, ପେଟକୁ ଧୀରେ ପ୍ରସାରିତ କରିବାକୁ ଚେଷ୍ଟା କର।
- ନିଶ୍ୱାସ ନିଅ ଓ ପ୍ରାରମ୍ଭିକ ସ୍ଥିତିକୁ ଫେରିଆସ
- ବିପରୀତ ଦିଗରେ ଅଭ୍ୟାସ କର ଓ ଗୋଟିଏ ଚକ୍ର ପୂରା କର। ଏହିପରି ୫ରୁ ୧୦ ଚକ୍ର ଅଭ୍ୟାସ କର।

**ସଜାଗତା:** ଦେହର ଗତି ନିଶ୍ୱାସର ସାମଞ୍ଜସ୍ୟ ରହିବାରେ ଏବଂ ପେଟ ଓ ମେରୁଦଣ୍ଡ ମାଂସପେଶୀ ଟାଣି ହେବାରେ ଲକ୍ଷ୍ୟ ରଖିବା ଉଚିତ।

## ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବର୍ଗର, ପିଜ୍ଜା



ପିଲାଙ୍କ ଖାଦ୍ୟପେୟ ଉପରେ ନିର୍ଭର କରିଥାଏ ସେମାନଙ୍କର ସ୍ୱାସ୍ଥ୍ୟ। ଅଧିକାଂଶ ବାପାମାଆ ପିଲାଙ୍କ ପେଟ ଭରିବା ପାଇଁ ସ୍ୱାସ୍ଥ୍ୟକର କିମ୍ବା ଅସ୍ୱାସ୍ଥ୍ୟକର କିଛି ମଧ୍ୟ ଖୁଆଇ ଦିଅନ୍ତି। ଏହାସହ କିଛି ପିଲା ଜଙ୍କ ଫୁଡ୍ ଖାଇବାକୁ ଜିଦି କରନ୍ତି। ଏମିତି କିଛି ଖାଦ୍ୟ ଜିନିଷ ଅଛି, ଯାହାକୁ କେବେ ପିଲାଙ୍କୁ ଖାଇବାକୁ ଦେବା ଉଚିତ୍ ନୁହେଁ। କାହିଁକି ନା ସବୁଠୁ ଅଧିକ ହାନିକାରକ। ଅନେକ ଦିନରୁ ସକାଳେ ଗୋଟେ କପ୍ ଚା ଓ ବିସ୍କୁଟ୍ ଅଧିକାଂଶ ଘରେ ପିଲାମାନେ ଖାଇଥାଆନ୍ତି। କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ ସକାଳୁ ସକାଳୁ କଫି କି ଚା' ନ ପିଇବା ଦେବା ଅନୁଚିତ୍। ଆପଣ ଚା ସ୍ଥାନରେ କ୍ଷୀର ଓ ବାଦାମ ଖାଇବାକୁ ଦେଇ ପାରିବେ। ବର୍ତ୍ତମାନ ପିଲାମାନେ ବର୍ଗର, ପିଜ୍ଜା ଖାଇବାକୁ ଦିଅନ୍ତି ଏବଂ ସେମାନେ ନିଜେ ବି ଏହାକୁ ଖାଇଥାନ୍ତି। ବର୍ଗର , ପିଜ୍ଜା , ଫ୍ରେଞ୍ଚ ଫ୍ରାଇଜ୍, ପାସ୍ତା , ମୋମୋଜ ପିଲାଙ୍କ ପାଇଁ କେବେ ବି ଭଲ ନୁହେଁ। ଏହି ସବୁ ଜିନିଷକୁ ଖାଇବା ଦ୍ୱାରା ପିଲା ଛୋଟବେଳୁ ହିଁ ମୋଟାପଣର ଶିକାର ହୁଅନ୍ତୁ। ଯାହାଫଳରେ ଅନେକ ରୋଗ ହେବାର ଆଶଙ୍କ ବଢିଯାଏ । ପିଲାଙ୍କୁ କମ୍ ବୟସରେ ହିଁ କୋଲ୍ଡ ଡ୍ରିଙ୍କ୍ ଓ ପେଷ୍ଟ୍ରି ଖାଇବା ଦିଅନ୍ତୁ ନାହିଁ। ଏହି ସବୁ ଜିନିଷରେ ସୁଗାର ଅଧିକ ମାତ୍ରାରେ ରହିଥାଏ। କୋଲ୍ଡ ଡ୍ରିଙ୍କରେ ସୋଡା ଥାଏ , ଯାହା ପେଟ ଓ ଅନ୍ତଃନଳୀ ପାଇଁ ଖରାପ ହୋଇଥାଏ। ଏସବୁକୁ ଖାଇବା ଦ୍ୱାରା ପେଟ ଖରାପ ହେବା ସହ ବ୍ଲଡ୍ ସୁଗାର ବଢିଥାଏ। ଏତିକି ହିଁ ନହେଁ ପିଲାମାନେ ଚିପ୍ସ , କୁରକୁରେ ଓ ଚକୋଲେଟ୍ ମଧ୍ୟ ଖୁବ୍ ଖାଇଥାନ୍ତି। ଅଧିକାଂଶ ସମୟ ଏସବୁ ଖାଇବା ପାଇଁ ଖାଦ୍ୟ ଛାଡ଼ି ଦେଇଥା'ନ୍ତି। ପ୍ରୋସେସ୍ଡ ଫୁଡ୍ ଚିପ୍ସ , ଚକୋଲେଟରେ ବହୁ ମାତ୍ରାରେ ଲୁଣ –ଚିନି ରହିଥାଏ , ଯାହା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ପିଲାଙ୍କୁ ମ୍ୟାଗି ବା ନୁଡଲ୍ସ ମଧ୍ୟ ଦେବା ଉଚିତ୍ ନୁହେଁ। ଏହି ସବୁ ଜିନିଷରେ କେବଳ ମଇଦା ରହି ଥାଏ। ଯାହା ଅନ୍ତଃନଳୀ ଓ ପେଟ ପାଇଁ ଭଲ ନୁହେଁ। ଏହା ଦୀର୍ଘ ସମୟ ଯାଏ ହଜମ ହୋଇ ନଥାଏ ଏବଂ ପେଟ ଖରାପ ହୋଇ ଥାଏ।

## ଅନ୍ଧାର କରି ଶୋଇଲେ ହୃଦୟକୁ ଲାଭ ମିଳେ

ଆମେ ସମସ୍ତେ ଜାଣିଛେ ସୁସ୍ଥ ଶରୀର ପାଇଁ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆମେ ଶୋଇଥାଉ, ଆମର ଶରୀର ଆରାମ କରିଥାଏ । ଶାରିରୀକ ଏବଂ ମାନସିକ ସୁସ୍ଥତା ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ସହ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ । ତେବେ ଆମେ କିପରି ଶୋଇବା, କିମ୍ବା କେଉଁ ପରିବେଶରେ ଶୋଇବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆପଣ କ'ଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ଅନ୍ଧାର, ଅଳ୍ପ ଆଲୋକ କିମ୍ବା ଅଧିକ ଲାଇଟ୍ରେ ଶୋଇବା ଆପଣଙ୍କ ହୃଦୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା ଏହି ରିପୋର୍ଟ ବିଷୟରେ ।

**ଡିମ୍ ଆଲୋକ:** ଗବେଷଣାରୁ ଜଣାପଡ଼ିଛି ଯେ, ଡିମ୍ ଆଲୋକ ସହିତ ଶୋଇବା ଦ୍ୱାରା ଶରୀରର ପ୍ରାକୃତିକ ସର୍କାଡିଆନ୍ ବାଧାପ୍ରାପ୍ତ ହୁଏ, ଯାହା ଜୈବିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରେ । ଶରୀର ଏହି ପ୍ରାକୃତିକ ଜୈବିକ ଚକ୍ରଗୁଡ଼ିକୁ ବ୍ୟବହାର କରି ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ପ୍ରଣାଳୀ ସମେତ ଏହାର ଅଙ୍ଗଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିଥାଏ । ରାତି ସମୟରେ ଡିମ୍ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନ ହୁଏ ।

**ସମ୍ପୂର୍ଣ୍ଣ ଅନ୍ଧାରର ଲାଭ:** ଆପଣଙ୍କ ଶୟନ କକ୍ଷରେ ଲାଇଟ୍ ଅଫ ନପଡିବା ଆପଣଙ୍କୁ ଅଧିକ ସମୟ ପାଇଁ ନିଦ୍ରା ବଜାୟ ରଖିବା ସହିତ ଶୀଘ୍ର ଶୋଇବାକୁ ସକ୍ଷମ କରିଥାଏ । ଉତ୍ତମ ନିଦ୍ରା ଗୁଣବତ୍ତା ଉନ୍ନତ ମନୋଭାବ, ଚାପ ହ୍ରାସ କରିଥାଏ, ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିଥାଏ ଏବଂ ଆପଣଙ୍କ ଭୋକ ଏବଂ ହରମୋନକୁ ନିୟନ୍ତ୍ରଣ କରିଥାଏ । ବ୍ଲାକଆଉଟ୍ ପରଦା, ଆଖି ମାସ୍କ ଏବଂ ଇଲେକ୍ଟ୍ରୋନିକ୍ ଆଲୋକ ଉତ୍ସ ଅପସାରଣର ମିଶ୍ରଣ ଏକ ଉପଯୁକ୍ତ ନିଦ୍ରା ପରିବେଶ ସୃଷ୍ଟି କରିଥାଏ । ଲାଇଟ୍ ଅଫ୍ କରି ଅନ୍ଧାରରେ ଶୋଇବା ଦ୍ୱାରା ହୃଦୟକୁ ଲାଭ ମିଳିଥାଏ । ଗବେଷଣାରୁ ଜଣାପଡିଛି କି, ଶୋଇବା ସମୟରେ ଯେକୌଣସି ଆଲୋକ ଉପସ୍ଥିତି ମସ୍ତିଷ୍କ ଚାପ ସୃଷ୍ଟି କରେ । ମସ୍ତିଷ୍କ ଚାପ ପ୍ରତିକ୍ରିୟା ଧମନୀ ପ୍ରବାହ ସୃଷ୍ଟି କରେ, ଯାହା ଦୀର୍ଘ ସମୟ ମଧ୍ୟରେ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରେ। ୧୦ ବର୍ଷର ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଶୋଇବା ସମୟରେ ଆଲୋକ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କର ହୃଦୟ ଉପରେ ପ୍ରଭାବ ପଡିବା ସମ୍ଭାବନା ଅଧିକ ଥାଏ । ହୃଦୟ ମସ୍ତିଷ୍କ ସହିତ ସିଧାସଳଖ ସମ୍ପର୍କ ବଜାୟ ରଖେ, ତେଣୁ ଧମନୀ କ୍ଷତି ବ୍ୟାପକ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ । ଅନ୍ଧାରରେ ଶରୀରରେ ମେଲାଟୋନିନ୍ ସୃଷ୍ଟି ହୁଏ, ଯାହା ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରେ।



## ସକାଳର ୧୦ଟି ଅଭ୍ୟାସ ଆପଣଙ୍କ ପିଲାଙ୍କୁ କରିବ ସ୍ମାର୍ଟ



ସକାଳ ହେଉଛି ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ବିଶେଷକରି ପିଲାମାନଙ୍କ ପାଇଁ। ଉଠିବା ପରେ ଆପଣଙ୍କ ପିଲା ଯାହା କରେ ତାହା ସାରା ଦିନ ସେମାନଙ୍କର ଚିନ୍ତାଧାରା, ଶିକ୍ଷଣ ଏବଂ ଆଚରଣକୁ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଏକ ସୁନ୍ଦର ସକାଳର ରୁଟିନ୍ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ, ଆତ୍ମବିଶ୍ୱାସକୁ ବୃଦ୍ଧି ଏବଂ ସୁସ୍ଥ ବିକାଶକୁ ପ୍ରୋତ୍ସାହିତ କରିପାରିବ। ଯଦି ସକାଳ ଶାନ୍ତ, ସଂଗଠିତ ଏବଂ ସୁସ୍ଥ ହୋଇଥାଏ, ତେବେ ପିଲାମାନେ ଆତ୍ମବିଶ୍ୱାସ ଏବଂ ତୀକ୍ଷ୍ଣତାରେ ପୂର୍ଣ୍ଣ ସେମାନଙ୍କର ଦିନକୁ ପ୍ରବେଶ କରନ୍ତି। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଅଭ୍ୟାସ କରିବାକୁ ଥିବା ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ବିଷୟରେ ଯାହା ପ୍ରମୁଖ ପରିବର୍ତ୍ତନ ଆଣିବ।

**ଶୀଘ୍ର ଉଠିବା:** ଜଲଦି ଉଠିବା ଦ୍ୱାରା ଆପଣଙ୍କ ପିଲାକୁ ଦିନଟି ଶାନ୍ତ ଭାବରେ ଆରମ୍ଭ କରିବା ପାଇଁ ସମୟ ମିଳିଥାଏ। ଏହା ଚାପ ହ୍ରାସ କରେ ଏବଂ ସେମାନଙ୍କୁ ଅଧିକ ସତର୍କ ଏବଂ ଶିଖିବା ପାଇଁ ପ୍ରସ୍ତୁତ ଅନୁଭବ କରାଏ।

**ଗୋଟିଏ ଗ୍ଲାସ ପାଣି ପିଅନ୍ତୁ:** ସକାଳେ ଉଠିବା ମାତ୍ରେ ପାଣି ପିଇବା ଦ୍ୱାରା ମନ ଜାଗ୍ରତ ହୁଏ। ଏକାଗ୍ରତା ଏବଂ ଶକ୍ତି ସ୍ତର ବୃଦ୍ଧି ପାଏ। ଯାହା ପିଲାମାନଙ୍କୁ ସତେଜ ଅନୁଭବ କରାଏ ।

**ହାଲୁକା ବ୍ୟାୟାମ କିମ୍ବା ଷ୍ଟ୍ରେଚିଂ କରନ୍ତୁ:** ହାଲୁକା ଷ୍ଟ୍ରେଚିଂ କିମ୍ବା ହାଲୁକା ଚାଲିବା ଦ୍ୱାରା ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଏ। ଏହା ମନୋଭାବ ଏବଂ ସତର୍କତା ମଧ୍ୟ ଉନ୍ନତ କରେ।

**ସୁସ୍ଥ ଜଳଖିଆ ଖାଆନ୍ତୁ:** ସୁସ୍ଥ ଜଳଖିଆ ମସ୍ତିଷ୍କକୁ ଶକ୍ତି ପ୍ରଦାନ କରେ। ଭଲ ଏକାଗ୍ରତା ପାଇଁ ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍, ଫାଇବର ଏବଂ ଫଳ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଉଠିବା ପରେ ସ୍କ୍ରିନ୍ରୁ ଦୂରେଇ ରୁହନ୍ତୁ:** ସକାଳେ ଅତ୍ୟଧିକ ସ୍କ୍ରିନ୍ ସମୟ ପିଲାମାନଙ୍କୁ କ୍ଳାନ୍ତ କରିପାରେ କିମ୍ବା ସେମାନଙ୍କୁ ବିଚଳିତ କରିପାରେ। ଏହା ବଦଳରେ, ଧ୍ୟାନ ଖେଳ, ଅଧ୍ୟୟନ କିମ୍ବା କଥାବାର୍ତ୍ତା କରି ସମୟ ବିତାନ୍ତୁ।

**ସକାରାତ୍ମକ ଚିନ୍ତାଧାରା ଅଭ୍ୟାସ କରନ୍ତୁ:** ସକାରାତ୍ମକ ମନୋଭାବ ସହିତ ଦିନଟି ଆରମ୍ଭ କରିବା ଦ୍ୱାରା ଆତ୍ମବିଶ୍ୱାସ ଏବଂ ସୁସ୍ଥ ଦୃଷ୍ଟିକୋଣ ବିକାଶ କରିବାରେ ସାହାଯ୍ୟ କରେ। ଆପଣ ଆପଣଙ୍କ ପିଲାକୁ ଏପରି ଏକ ଜିନିଷର ନାମ ଦେବାକୁ କହିପାରିବେ ଯାହା ପାଇଁ ସେ କୃତଜ୍ଞ।

**ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରନ୍ତୁ:** ଆପଣଙ୍କ ପିଲାକୁ ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରନ୍ତୁ, ଯେପରିକି ଘର କାର୍ଯ୍ୟ କରିବା କିମ୍ବା ଅନ୍ୟ କାହାକୁ ସାହାଯ୍ୟ କରିବା। ଏହା ଯୋଜନା ଏବଂ ଦାୟିତ୍ୱବୋଧକୁ ବିକଶିତ କରେ।

**ସଙ୍ଗୀତ କିମ୍ବା ପ୍ରକୃତିର ଶବ୍ଦ ଶୁଣନ୍ତୁ:** ଶାନ୍ତିଦାୟକ ସଙ୍ଗୀତ ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଏବଂ ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ସାରା ଦିନ ଏକ ଶାନ୍ତ ପରିବେଶ ମଧ୍ୟ ବଜାୟ ରଖେ।

**ପଢିବାକୁ ଉତ୍ସାହିତ କରନ୍ତୁ:** ସକାଳେ ଏକ ଛୋଟ କାହାଣୀ କିମ୍ବା ଏହାର କିଛି ପୃଷ୍ଠା ପଢିବା ଦ୍ୱାରା ଶବ୍ଦାବଳୀ ଏବଂ କଳ୍ପନାଶକ୍ତି ବୃଦ୍ଧି ପାଏ। ଏହା ପଢିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି କରେ।

**ଆଲିଙ୍ଗନ କରି ଉତ୍ସାହ ବଢାନ୍ତୁ:** ଆଲିଙ୍ଗନ କିମ୍ବା ଉତ୍ସାହଜନକ ଶବ୍ଦ ପିଲାର ଭାବପ୍ରବଣ ଶକ୍ତିକୁ ବୃଦ୍ଧି କରେ। ପିଲାମାନେ ପ୍ରେମ- ସ୍ନେହ ପାଇଲେ ଅଧିକ ସୁରକ୍ଷିତ ଏବଂ ଶିଖିବା ପାଇଁ ଭଲ ଭାବରେ ପ୍ରସ୍ତୁତ ଅନୁଭବ କରନ୍ତି।



ମା' ମଙ୍ଗଳାଙ୍କ ଓଡ଼ଶଷଷ୍ଠୀରେ ଘୋଡାଲାଗି ବେଶ, ମା' ଶୀତ ବସ୍ତ୍ର ପରିଧାନ କଲେ

# ବୈଷ୍ଣୋଦେବୀ ଦର୍ଶନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

● ମାଧୋ ସିଂହଙ୍କ ପ୍ରତିଛବି ପ୍ରଦାନ କରି ଏମିତି ଦାବି କଲେ

**ବରଗଡ଼,୨୭।୧୧(ସଂଚାର ବ୍ୟୁରୋ):** ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ବୁଧବାର ସଂଧ୍ୟାରେ ବରଗଡ଼ ସହର ଉପକଣ୍ଠ ତୁରୁଙ୍ଗାସ୍ଥିତ ମାଁ ବୈଷ୍ଣୋଦେବୀ ମନ୍ଦିରକୁ ଆସିଥିଲେ। ସେ ତାଙ୍କ ଏହି ଗସ୍ତରେ ବୈଷ୍ଣୋଦେବୀଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟମନ୍ତ୍ରୀ ସାଏଙ୍କୁ ମନ୍ଦିର କମିଟି ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯିବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲ୍ଲା ଘେଁସ ମାଟିରେ ଶହୀଦ ମାଧୋ ସିଂହଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କ ପ୍ରମୁଖ ରଣସ୍ଥଳୀ ଛତିଶଗଡ଼- ଓଡ଼ିଶା ସୀମାନ୍ତରେ ଥିବା ସିଂଘୋଡ଼ା ଘାଟିରେ ସ୍ମୃତି ତୋରଣ, ସ୍ତମ୍ଭ କିମ୍ବା ସ୍ମାରକୀ ନିର୍ମାଣ କରିବା ପାଇଁ କୋଶଲ ଟାଇମସ ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର ମୁଖ୍ୟମନ୍ତ୍ରୀ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ତହସିଲଦାରଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ୬ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ, ଗିରଫ ସଂଖ୍ୟା ୯କୁ ବୃଦ୍ଧି

**ବୈଶିଙ୍ଗା,୨୭।୧୧ (ସଂଚାର ବ୍ୟୁରୋ):** ଲଘୁ ଖଣିଜ ଚୋରା ଚାଲାଣ ରୋକିବାକୁ ଯାଇ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ତହସିଲଦାର ଚନ୍ଦ୍ରକାନ୍ତ ବେହେରା ସମେତ ୩ କର୍ମଚାରୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା ରେ ବେତନଟୀ ପୁଲିସ ବୁଧବାର ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଗୁରୁବାର ଆଉ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହି ମଧ୍ୟରୁ ଗତ ମଙ୍ଗଳବାର ରାତି ୮ ମଧ୍ୟରେ ବଡ଼ସାହି ଥାନା ଅଧୀନ ବର୍ଦ୍ଧନା ଗ୍ରାମର ଦୁଇ ଅଭିଯୁକ୍ତ ପ୍ରଶାନ୍ତ ଗାଆଣ ଏବଂ ସୁଶାନ୍ତ ଗାଆଣ ଙ୍କୁ ଗିରଫ କରିଥିଲା ବେଳେ ସେହି ମଙ୍ଗଳବାର ମଧ୍ୟରାତ୍ରି ରେ ଅନ୍ୟ ଜଣେ ଅଭିଯୁକ୍ତ ବାରିପଦା ର ୨୦ ନମ୍ବର ୱାର୍ଡ ର ଶୁନଗଡ଼ିଆ ଅଞ୍ଚଳର ମାଜାହାଲ ହୁସେନ (୩୭) ବାଲି କାରବାରର ମୁଖ୍ୟ କୁ ଗିରଫ କରି ବୁଧବାର ଦିନ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଦିନ ବଡ଼ସାହି କରି ପୋଲିସ ଆଉ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ମାନେ ହେଲେ ବଡ଼ସାହି ଥାନା ଅଧୀନ କୁଳିଅଣା ଗ୍ରାମର ସୁମନ୍ତ ନାୟକ (୪୦), ରାଜୀବ ଲୋଚନ ସେନାପତି (୩୦), ଦୁର୍ଗା ଚରଣ କୁଅଁର (୨୪), ନିଶ୍ଚିନ୍ତପୁର ଗ୍ରାମର ଦେବାଂଶୁ ଜେନା (୩୪), ବୈଶିଙ୍ଗା ଥାନା ଜାମନଣ୍ଡା ଗ୍ରାମର ପ୍ରଦ୍ୟୁମ୍ନ ବେହେରା (୨୧), ଖୁଣ୍ଟା ଥାନା ଅଧୀନ ବଡ଼ଖେଣ୍ଡା ଗ୍ରାମର ବିସ୍ବଜିତ ରଞ୍ଜନ ମହାନ୍ତ (୪୦)। ଏମାନଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ମିଳିଛି। ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ପେଶାଲ ପୋଲିସ ଫୋର୍ସ ଥାନାରେ ମୁତୟନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଫେରାର ଆସାମୀ ମାନଙ୍କୁ ଧରିବାକୁ ପୁଲିସ ପ୍ରୟାସ ଜାରି ରଖିଥିବା ଜଣାପଡ଼ିଛି। ବାଲି ମାଫିଆ ପ୍ରଶାସନ ର ନିଦ ହଜାଇ ଦେଇଥିବା ଯୋଗୁଁ



### ବିଭିନ୍ନ ସ୍ଥାନରେ ଚଢ଼ାଉ, ଜେସିବି ଜବତ

ବାଲି ମାଫିଆଙ୍କୁ ସାବାଡ଼ କରିବା ନିମନ୍ତେ ଜିଲାପାଳ ହେମକାନ୍ତ ସୟଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡାଙ୍କ ନେତୃତ୍ୱରେ ଗୁରୁବାର ବାରିପଦା ଓ ବେତନଟୀ ତହସିଲଦାର, ଖଣି ବିଭାଗ ପକ୍ଷରୁ ପୁଲିସ ସହଯୋଗରେ ଜମଦାପାଳ, କାଞ୍ଚନପାଳ, ବାଲିପାଳ, ଭୋଦୁଶୋଲ, ହାତୀକୁଟ ପ୍ରଭୃତି ସ୍ଥାନରେ ଅଚାନକ ଚଢ଼ାଉ କରି ୪୫୦ କିଉବିକ ମିଟର ବାଲି ସହ ଗୋଟିଏ ଜେସିବି ଜବତ କରିଛନ୍ତି। ଏହି ଭଳି ଚଢ଼ାଉ 'ଅପରେସନ ବାଲି ମାଫିଆ 'ଜାରି ରହିବ ବୋଲି ଉପ ଜିଲାପାଳ ଡ. ପରିଡା ପ୍ରକାଶ କରିଛନ୍ତି।

# ପିଏମ ଶ୍ରୀ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶୂନ୍ୟ ମୃତାହତ ସଚେତନତା



**ସୁବର୍ଣ୍ଣପୁର,୨୭।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପି.ଏମ୍.ଶ୍ରୀ ହାଇସ୍କୁଲରେ ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ସୁବର୍ଣ୍ଣପୁର ଆରଟିଓ ଶ୍ରୀ ଅକ୍ଷୟ ଜେନା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସମ୍ବନ୍ଧିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ, ସୂଚନା ପତ୍ରିକା ବଣ୍ଟନ, ଟ୍ରାଫିକ ସଙ୍କେତ ବିଷୟରେ ଅବଗତ ଓ ରକ୍ଷକ ଟିମ୍ ଦ୍ୱାରା ପ୍ରାଥମିକ ଚିକିତ୍ସାର ତାଲିମ ଦିଆଯାଇଥିଲା ଏବଂ ତତ୍ ସହିତ ଅନ୍ୟାନ୍ୟ ସଡ଼କ ସୁରକ୍ଷା ପଦକ୍ଷେପ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣଲତା ବେହେରା, ଶ୍ରୀ ଚନ୍ଦ୍ରମଣି ବାଗ (ଜୁନିଅର ରେଡକ୍ରସ୍ ପ୍ରଶିକ୍ଷକ), ଶମ୍ପା ବିଶ୍ୱାଳ, ପ୍ରତିମା ବାଘ, ସିଦ୍ଧାର୍ଥ ମିଶ୍ର, ଘନଶ୍ୟାମ ନାଏକ, ସଦାନନ୍ଦ ରଥ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ର ଚିତ୍ତରଞ୍ଜନ ଭୋଇ, ମନୋରଞ୍ଜନ ମେହେର, ତିଳକ କର୍ମୀ ଏବଂ ଅନ୍ୟାନ୍ୟ ସ୍କୁଲ କର୍ମଚାରୀଙ୍କ ସହଯୋଗ ରେ ଉକ୍ତ କାର୍ଯ୍ୟକ୍ରମ ସୁଚାରୁ ରୁପେ ପରିଚାଳିତ ହୋଇଥିଲା।

# ଦିଗପହଣ୍ଡିର ସ୍ୱୟଂ ସହାୟିକା ରାଜ୍ୟସ୍ତରରେ ସମ୍ମାନିତ

**ଦିଗପହଣ୍ଡି,୨୭।୧୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୈଁଠଖଣ୍ଡି ଗ୍ରାମର ଶ୍ରୀ ଗଣେଶ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରମୁଖ ସଦସ୍ୟା ବିନୁ କୁମାରୀ ଗୌଡ଼ ରାଜ୍ୟସ୍ତରରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ବହୁମୁଖି କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟ ସୁଭଦ୍ରା ଶକ୍ତି ପକ୍ଷରୁ ପଞ୍ଚମ ଅଡିଟ ସପ୍ତାହ ୨୦୨୫ ଉପଲକ୍ଷେ ଆୟୋଜିତ କାରିଗରୀ ମେଳା ଓ ଖାଦ୍ୟ ମେଳାରେ ବିନୁଙ୍କୁ ସମ୍ମାନିତ କରାଯାଇଛି। ଉଦ୍ୟୋଗୀ ମହିଳା ବିନୁ ଅନ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଗତ କିଛି ବର୍ଷ ହେଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଖୋଲି ଲୋକଙ୍କୁ ବିଭିନ୍ନ ବ୍ୟଞ୍ଜନର ସୁସ୍ୱାଦିଷ୍ଟ ଖାଦ୍ୟ ପରିବେଷଣ କରି ଲୋକଙ୍କ ମନ ଜିଣିଛନ୍ତି।

# ନାଟ୍ୟକାର ବିଭୂତିଭୂଷଣ ପଟ୍ଟନାୟକ ଓଡ଼ିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ



**କଣାସ,୨୭।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ବଡାସ ପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗତକାଲି ପୁରସ୍କୃତ କରାଯାଇଥିବା ଜଣାପଡ଼ିଛି। ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକାଡେମୀ ଉତ୍ସବରେ ୨୦୨୪ ବର୍ଷ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ମନୋନିତ କରାଯାଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପୁରସକୃତ କରିବା ସହିତ ତାଙ୍କର ଦୀର୍ଘନିରାମୟ ଜୀବନ କାମନା କରିଥିଲେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ।। ଶ୍ରୀ ପଟ୍ଟନାୟକ ଏକା ଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜସେବୀ ଭାବରେ ପୁରସ୍କୃତ ହୋଇଥିବାବେଳେ ୨୦୨୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ। ଶ୍ରୀ ପଟ୍ଟନାୟକ ଗତକାଲି ଓଡ଼ିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ ହେବା ପରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳନ

**ଭଦ୍ରକ,୨୭।୧୧ (ସଂଚାର ବ୍ୟୁରୋ):** ଆଗରପଡ଼ା ମହାବିଦ୍ୟାଳୟ +୩ ଏନ୍‌ଏସଏସ ଆନୁକୂଲ୍ୟରେ ୭୬ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଇଂରାଜୀ ବିଭାଗ ମୁଖ୍ୟ ବ୍ରଜମୋହନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନୀତି ବିଭାଗ ମୁଖ୍ୟ ନିରଞ୍ଜନ ପାଲ ସମ୍ବିଧାନ ପ୍ରସ୍ତାବନାର ଶପଥପାଠ କରାଇବା ସହିତ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ସେକ ଅବ୍ଦୁଲ୍ ଗଫର ଅଲ୍ଲୀ ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିଭିନ୍ନତା ମଧ୍ୟରେ ଏକତା ରକ୍ଷା କରିବାରେ ସମ୍ବିଧାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ହରେକୃଷ୍ଣ ଆଇଚ, ସତ୍ୟବ୍ରତ ଦେ, ମୁଖ୍ୟ ସହାୟକ ଅଶୋକ କୁମାର ସାହୁ ପ୍ରମୁଖ ସମ୍ବିଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶ୍ରୀ ପତି ତାଙ୍କ ସଭାପତି ଅଭିଭାଷଣରେ ଭାରତୀୟ ସମ୍ବିଧାନର ଭୂମିକା ଉପରେ କହିଥିଲେ।

# ନାଉଗାଁ ବଜାରରୁ ଜବରଦଖଲ ଉଚ୍ଛେଦ



**ନାଉଗାଁ,୨୭।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅଧିନ ନାଉଗାଁ ବଜାରରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ତହସିଲଦାର ଅକ୍ଷୟ କୁମାର ବଡୁ, ଅତିରିକ୍ତ ତହସିଲଦାର ଶରତ ପରିଡ଼ାଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ପୁର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଥିଲା। ପୋଲିସ ପ୍ରଶାସନ ସହାୟତାରେ ଶାନ୍ତିଶୃଙ୍ଖଳା ସହ ଜବରଦଖଲ ଉଛଦେ କରାଯାଇଥିଲା। ଧାର୍ଯ୍ୟ ସମୟ ପୂର୍ବରୁ ଦୋକାନୀମାନେ ଦୋକାନ ଗୃହ ଗୁଡିକୁ ଖାଲି କରିଥିଲେ। ସୂଚନାଯୋଗ୍ୟ ଯେ ଏହି ବଜାରଟି ବାଲିଭଉଁରୀ-ଶିଖରଘାଟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଦେବୀନଦୀରେ ଶିଖରଘାଟ ସେତୁ ନିର୍ମାଣ ହେବା ପରେ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଥିଲା। ପ୍ରତ୍ୟେହ ଏହି ରାସ୍ତାରେ ପୁରୀ, କେନ୍ଦ୍ରାପଡ଼ା, ପାରାଦୀପ, କଟକ ଆଦି ସ୍ଥାନକୁ ଯାତ୍ରୀବାହୀ, ମାଲବାହୀ ଗାଡି ଯିବା ଆସିବା କରିଥାଏ। ଗାଡି ଗୁଡିକ ଯିବା ସମୟରେ ଏହି ବଜାର ନିକଟରେ ରାସ୍ତା ସଂକୁଚିତ ଯୋଗୁଁ ଦୀର୍ଘ ସମୟ ଯାନବାହାନ ଅଟକି ରହୁଥିଲା। ଏପରିକି ଜରୁରୀକାଳିନ ସେବାରେ ଯାଉଥିବା ଆମ୍ବୁଲାନସ, ଅଗ୍ନିଶମ ଗାଡି ଗୁଡିକ ଦୀର୍ଘ ସମୟ ଅଟକି ରହୁଥିବାର ଦେଖିବାକୁ ମିଳିଥିଲା। ଜବରଦଖଲ ଉଚ୍ଛେଦ ପରେ ଏହି ରାସ୍ତା ଦେଇ ଯିବା ଆସିବା ସୁବିଧାଜନକ ହୋଇପାରିବ। ଅପରପକ୍ଷେ ଉକ୍ତ ବଜାରରେ ଛୋଟ ବଡ ଶହେରୁ ଉର୍ଦ୍ଧ୍ୱ ଦୋକାନୀମାନେ ବିଭିନ୍ନ ଛୋଟ ବ୍ୟବସାୟୀ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଜବରଦଖଲ ଉଚ୍ଛେଦ ହେବା ପରେ ସେମାନେ ଜୀବିକା ହରାଇଥିବା କହିଛନ୍ତି। ତେଣୁ ସରକାରଙ୍କ ତରଫରୁ ଏହି ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଦାବି କରାଯାଇଛି।

# ଏଏପିର ବିକ୍ଷୋଭ ଶୋଭାଯାତ୍ରା

**ବରଗଡ଼,୨୭।୧୧(ସଂଚାର ବ୍ୟୁରୋ):** ସମ୍ବିଧାନ ଦିବସ ଓ ଦଳର ସ୍ଥାପନା ଦିବସ ଅବସରରେ ବୁଧବାର ଆମ ଆଦମୀ ପାର୍ଟି ଓଡ଼ିଶା (ଏଏପି) ପକ୍ଷରୁ ବରଗଡ଼ ସହରରେ ବିକ୍ଷୋଭ ଶୋଭାଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାଧିପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ମୁତାବକ ପ୍ରତ୍ୟେକ ପରିବାରକୁ ମାସିକ ୩ ଶହ ୟୁନିଟ ମାଗଣା ବିଜୁଳି, ବୃଦ୍ଧାବୃଦ୍ଧଙ୍କୁ ୩ ହାଜର ଟଙ୍କା ଭତ୍ତା, ୨ଟି କିସ୍ତିରେ ମହିଳା ମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ, ପ୍ରତ୍ୟେକ ପଞ୍ଚାୟତରେ ୧ ଶହ ଜଣକୁ ଚାକିରି, ୪୮ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ କରିବା ପାଇଁ ଏଏପି ସ୍ମାରକପତ୍ରରେ ଦାବି କରିଛି। ସେହିପରି ହସ୍ପିଟାଲରେ ଡାକ୍ତର, ଷ୍ଟାଫ ନିଯୁକ୍ତି, ଔଷଧ ବ୍ୟବସ୍ଥା, ଧାନବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବା ଜିଲାର ୫ହଜାର ଚାଷୀଙ୍କୁ ପଞ୍ଜୀକୃତ କରିବା, ବରଗଡ଼ର ବନ୍ଦ ହୋଇଥିବା ୧୭୩ ସରକାରୀ ସ୍କୁଲକୁ ଖୋଲିବା, ମହିଳାମାନଙ୍କ ସୁରକ୍ଷାକୁ ସୁଦୃଢ଼ କରିବା, ଭୂମିହୀନଙ୍କୁ ଉଚ୍ଛେଦ ବନ୍ଦ କରିବା, ବାଲି, ମାଟି, ନିଶା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚୋରି, ହତ୍ୟା ଭଳି ଅପରାଧ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ନେବା ପାଇଁ ମଧ୍ୟ ଦାବି ହୋଇଛି।

# ସ୍କୁଟିକୁ ପିଟିଲା ଟ୍ରକ୍, ଘୋଷାଡି ନେଲା ୫୦୦ ମିଟର

**ସୁବର୍ଣ୍ଣପୁର,୨୭।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଧର୍ମଶାଳା-ବୀରମହାରାଜପୁର ରାସ୍ତାରେ ଆଜି ଏକ ଭୟଙ୍କର ଦୁର୍ଘଟଣା ଘଟି ଯାଇଛି। ସ୍କୁଟି ଯୋଗେ ମହଦା କୁ ଯାଉଥିବା ସମୟରେ ସ୍ଥାନୀୟ କୁମରକେଲି ଗ୍ରାମର ଶରଦ ମହାପାତ୍ରଙ୍କୁ ଟ୍ରକ ପିଟି ଦେବା ସହ ମହଦାରୁ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ଘୋଷାଡ଼ି ଭୂଦୋବର ଛକ ପାଖାପାଖି ପର୍ଯ୍ୟନ୍ତ ନେଇଯାଇଥିଲା। ସ୍ଥାନୀୟ ଲୋକେ ଟ୍ରକ ଡ୍ରାଇଭଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ହେଁ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ମାରିଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ନମ୍ବର ଟି ହେଲା ଓଡି୧୫ଏବି-୪୪୨୬ ବୋଲି ଜଣାପଡ଼ିଛି। ଘଟଣାର ଖବର ପାଇ ବୀରମହାରାଜପୁର ଅଗ୍ନିଶମ ବାହିନୀ ଅଧିକାରୀ ପ୍ରବୀର ଦାସ ଓ ଟିମ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ନିଳାଗୁଡା ଜଙ୍ଗଲରେ ଅବକାରି ଚଡାଉ

**ଜୟପୁର,୨୭।୧୧ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି। ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ଓ ୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି।

# ଉର୍ସ ଉତ୍ସବ ପାଳନ ପାଇଁ ଶାନ୍ତି କମିଟିର ବୈଠକ



**ସୁବର୍ଣ୍ଣପୁର,୨୭।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସଦର ସୟଦ ଶାହ ଅବଦୁଲ ଶକୁର ଶାହ ଓରଫ ଫକୀର ବାବା ଙ୍କ ୪୩ତମ ପ୍ରସିଦ୍ଧ ଉର୍ସ ଉତ୍ସବ ପାଳନ ପାଇଁ ତରଭା ବ୍ଲକ ସଭା ଗୃହରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଓ ଏସ ପି ନାରାୟଣ ନାୟକ ଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଶାନ୍ତି କମିଟି ବୈଠକ ରେ ଉପସ୍ଥିତ ଥିବା ଉଭୟ ସମ୍ପ୍ରଦାୟ ର ବ୍ୟକ୍ତି, ସମୂହ ଅଧିକାରୀ, ବିଡ଼ିଓ ଗଙ୍ଗାରାମ ବୁଡ଼େକ ସ୍ୱାଗତ କରିବା ସହ ଶାନ୍ତି କମିଟି ବୈଠକ ର ଉଦ୍ଦେଶ୍ୟ ନେଇ ମତ ରଖିଥିଲେ। ମସଜିଦ ଓ ମଜାର କମିଟି ର ସଭ୍ୟ ମାନଙ୍କ ପକ୍ଷରୁ ଉର୍ସ ଉତ୍ସବ ପାଳନ ସମୟରେ ହେଉଥିବା ସମସ୍ୟା ସମାଧାନ ଉପରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ । ଯାତ୍ରା ସମୟରେ ବିଶେଷ ଭାବରେ ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ । ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଆପଣ ମାନଙ୍କର ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ଜିଲ୍ଲାପାଳ ମତ ରଖିଥିଲେ। ଏହାର ସମାଧାନ ପାଇଁ ୱାନ ୱେ ରାସ୍ତା ଦେଇ ଯାନବାହନ ଯାତାୟାତ ପାଇଁ ଗୁରୁତ୍ୱ ଦିଆଯାଇ ଥିଲା । ସହର ମଧ୍ୟ ଦେଇ ସ୍ଥାନୀୟ ବ୍ୟକ୍ତି ଙ୍କ ଯାନବାହାନ ଓ ସ୍କୁଲ ଗାଡି ଯାତାୟାତ ପାଇଁ ଅନୁମତି ପାଇଁ ବିଶିଷ୍ଟ ବ୍ୟକ୍ତି ପ୍ରସ୍ତାବ ଦେଇଥିଲେ ।

# ରଘୁନାଥ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ପ୍ରକଳ୍ପ ଜିଲ୍ଲାସ୍ତରକୁ ଉନ୍ନୀତ



**ବୈଶିଙ୍ଗା,୨୭।୧୧(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ୍ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ପ୍ରକଳ୍ପ ଜିଲ୍ଲା ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛି। 'ୱେଷ୍ଟ ମ୍ୟାନେଜମେଣ୍ଟ ଆଣ୍ଡ ଅଲ୍ଟାରନେଟିଭ ଟୁ ପ୍ଲାଷ୍ଟିକ 'ଉପ ବିଷୟବସ୍ତୁ ଉପରେ ଏହି ପ୍ରକଳ୍ପ କୁ ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ମାର୍ଗ ଦର୍ଶନ ରେ ପ୍ରସ୍ତୁତ କରିଛନ୍ତି ବିଦ୍ୟାଳୟ ର ନବମ ଶ୍ରେଣୀ ଛାତ୍ର ହିମାଂଶୁ ସେନାପତି। ସାମ୍ପ୍ରତିକ ପରିସ୍ଥିତି ରେ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁର ସମ୍ପ୍ରଣ, ପୁନଃ ବ୍ୟବହାର କିପରି କରାଯିବ ତାହା ଏହି କାର୍ଯ୍ୟକ୍ଷମ ସାଧନ ରେ ଦର୍ଶାଯାଇଛି। ତତ୍ ସହିତ ପ୍ଲାଷ୍ଟିକ ର ବ୍ୟବହାର ହ୍ରାସ ସହିତ ଏହାର ବିକଳ୍ପ ସମ୍ବନ୍ଧରେ ଏହି ପ୍ରକଳ୍ପ ମାଧ୍ୟମରେ ଦର୍ଶା ଯାଇଛି। ହିମାଂଶୁ ସେନାପତି ଙ୍କ ଏହି ପ୍ରକଳ୍ପଟି ମୁନିଲାଲ୍, ଉଚ୍ଚ ବିଦ୍ୟାଳୟ, ବୈସିଙ୍ଗା ଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଶ୍ରେଷ୍ଠ ପ୍ରକଳ୍ପ ଭାବରେ ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇ ପାରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ସମସ୍ତ ଶିକ୍ଷକ ହିମାଂଶୁ ଙ୍କୁ ଶୁଭେଚ୍ଛା ଜଣାଇ ଛନ୍ତି।ପ୍ରକାଶ ଥାଉକି ରଘୁନାଥ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ଗୁଡିକ ଲଗାତାର ବହୁ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସଫଳତା ହାସଲ କରି ଆସୁଛି।

# ପୌରାଞ୍ଚଳରେ ବଣ୍ଟା ହେଲା ପ୍ରଧାନମନ୍ତ୍ରୀ ଆବାସ ଗୃହ



**ସୁବର୍ଣ୍ଣପୁର,୨୭।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ପୌରପରିଷଦ ପକ୍ଷରୁ ଗୃହ ନିର୍ମାଣ ନଗର ଉନ୍ନୟନ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ସଂଯୋଜନା ରେ ଆବସ ଗୃହ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ, ଯୋଗଦେଇ ହିତାଧିକାରୀ ଙ୍କୁ ଆବାସ ଗୃହ ନିର୍ମାଣ ର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ।ସମ୍ମାନିତ ଅତିଥି ପୌରପରିଷଦ ର ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଉପାଧ୍ୟକ୍ଷ ମଲ୍ଲିକା ଦାନୀ, ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଋଷି ମାଝି ଓ ପୌରପରିଷଦ ସମସ୍ତ କାଉନସିଲ ଯୋଗଦେଇ। ୯୭ଜଣ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପ୍ରଥମ ଦିନରେ ୬୮ଜଣ ହିତାଧିକାରୀ ଙ୍କୁ ଆବାସ ଗୃହ କାର୍ଯ୍ୟଦେଶ ଦେଲେ। ପୁଣି ୨୯ଜଣ ହିତାଧିକାରୀ ଙ୍କୁ ଆସନ୍ତା କାଲି ଆବାସ ଗୃହନିର୍ମାଣ କାର୍ଯ୍ୟଦେଶ ଦିଆଯିବ। ଯେଉଁ ମାନେ ଆବସ ଗୃହ ଆବେଦନ କରିବା ପାଇଁ ଆଗ୍ରହୀ ଅନଲାଇନ ମାଧ୍ୟମ ରେ ଆବେଦନ କରିପାରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ପୌରପରିଷଦ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ରଙ୍କ ମାତୃ ବିୟୋଗ

**ନୀଳଗିରି,୨୭।୧୧(ସଂଚାର ବ୍ୟୁରୋ):** ନୀଳଗିରର ବରିଷ୍ଠସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ମାତୃବିୟୋଗ ହୋଇଯାଇଛି। ନୀଳଗିରି ଏନ୍‌ଏସିଅନ୍ତର୍ଗତ ୯ ନମ୍ବର ୱାର୍ଡ଼ ସିମୁଳିଆ ଗ୍ରାମର ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ମହଲଙ୍କ ବାପା ✓ ରତ୍ନାକର ଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦେବୀଙ୍କ ୮୮ ବୟସରେ ନିଜ ବାସଭବନରେ ଗୁରୁବାର ପୂର୍ବାହ୍ନ ୨.୩୦ମିନିଟ୍ ସମୟରେ ମୃତ୍ୟୁ ହୋଇଯାଇଛି। ଅନ୍ନପୂର୍ଣ୍ଣା ଏକମାସ ହେବ ଶଯ୍ୟାଶାୟୀ ଥିଲେ। ତାଙ୍କର ୪ପୁଅ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘନ ଥିବାବେଳେ ମଝିଆପୁଅ ଭରତ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଶରୀର ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ।

● ସଜେଇ ହେଉଛି ହିଲଭିୟୁ ପାର୍କ

# ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ମ୍ୟୁଜିକାଲ ଫାଉଣ୍ଟେନ୍

**ଦାରିଙ୍ଗବାଡି,୨୭।୧୧(ସଂଚାର ବ୍ୟୁରୋ):** ଓଡିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ପାଇଁ ଦାରିଙ୍ଗବାଡି ବିଡ଼ିଓ ପ୍ରୀତିରଞ୍ଜନ ରଥ ଅଣ୍ଟା ଭିଡ଼ିଛନ୍ତି। ସେ ପ୍ରଥମେ କଫି ବଗିଚାକୁ ରୁପାନ୍ତର କାର୍ଯ୍ୟ କରି ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିବାବେଳେ ଏନେଇ ସେ ଚର୍ଚ୍ଚାରେ ରହିଥିବାବେଳେ ଏବେ ହିଲଭିୟୁ ପାର୍କର ରୁପାନ୍ତର କାର୍ଯ୍ୟକୁ ଜୋରଦାର କରିଛନ୍ତି। ଉଚ୍ଚ କ୍ଷମତା ସମ୍ପନ୍ନ ୱାଚ ଟାୱାର ନିର୍ମାଣ ସହ ପର୍ଯ୍ୟଟକଙ୍କ ପାଇଁ ପାର୍କ ପରିସର ମଧ୍ୟରେ ରହିଥିବା ଅତି ପୁରାତନ ଜଳ ଫୁଆରାକୁ ବାହାର କରି ସେହି ସ୍ଥାନରେ ମ୍ୟୁଜିକାଲ ମ୍ୟୁଜିକାଲ ଫାଉଣ୍ଟେନକୁ ସ୍ଥାପନ କରିଛନ୍ତି। ଦେଶାତ୍ମକ ସଙ୍ଗୀତ ସହ ବିଭିନ୍ନ ସୁନ୍ଦର ସଙ୍ଗୀତ ମାଧ୍ୟମରେ ମ୍ୟୁଜିକାଲ ଫାଉଣ୍ଟେନର ରଙ୍ଗ ବେରଙ୍ଗ ଆଲୋକ ପର୍ଯ୍ୟଟକଙ୍କୁ ବହୁତ ଆକୃଷ୍ଟ କରୁଛି। ସନ୍ଧ୍ୟା ହେଲେ ରଙ୍ଗବେରଙ୍ଗ ଆଲୁଅରେ ହିଲଭିୟୁ ପାର୍କ ଝଲସି ଉଠୁଛି। ଏବେ ଦିନ ଅପେକ୍ଷା ରାତିରେ ପର୍ଯ୍ୟଟକ ଅଧିକ ପାର୍କ ପ୍ରତି ଆକୃଷ୍ଟ ହେଉଥିବା ବିଡ଼ିଓ ପ୍ରୀତିରଞ୍ଜନ ରଥ କହିଛନ୍ତି। ଡିସେମ୍ବର ସୁଦ୍ଧା ଆହୁରି ପାର୍କର ସୌନ୍ଦର୍ଯ୍ୟ କାର୍ଯ୍ୟ କରାଯାଇଥିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ହିଲଭିୟୁ ପାର୍କ ଟି ସାଂଜାସାରୁ ଉନ୍ନୟନ ଟ୍ରଷ୍ଟ ଅଧୀନରେ ରହିଥିବାବେଳେ ଏହାର ଅଧ୍ୟକ୍ଷ ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ସମ୍ପାଦକ ବିଡ଼ିଓ ରହିଛନ୍ତି ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ପାର୍କର ରୂପାନ୍ତର କାର୍ଯ୍ୟକୁ ଜୋରଦାର କରାଯାଉଥିବା ଜଣାପଡିଛି।

# ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ସେବାକର ସମ୍ପର୍କରେ ଆଲୋଚନା ଚକ୍ର



**କଣାସ,୨୭।୧୧ (ସଂଚାର ବ୍ୟୁରୋ):** ଦୟାବିହାର ସ୍ନାତକ ମହାବିଦ୍ୟାଳୟ ରେ ଅର୍ଥଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ନୂତନ ଦ୍ରବ୍ୟ ଓ ସେବା କର ସଂସ୍କାର ଓ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା.ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଏହି ଆଲୋଚନାଚକ୍ରକୁ ଉଦଘାଟନ କରିଥିଲେ.ଉଦଘାଟନୀ ସଭାରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସାହୁ ଆଲୋଚନାଚକ୍ର ର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ଏ ଦିଗରେ ଅର୍ଥଶାସ୍ତ୍ର ବିଭାଗର ଛାତ୍ର ଛାତ୍ରୀ ଏବଂ ଅଧ୍ୟାପକ ମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଭାଗୀୟ ମୁଖ୍ୟ ଅଜୟ କୁମାର ମହାପାତ୍ର ଏହି ଆଲୋଚନାଚକ୍ର ଆଲୋଚ୍ୟ ବିଷୟ ର ଗୁରୁତ୍ୱ ପରିସର ଓ ଲକ୍ଷ୍ୟ ବିଷୟରେ ବ୍ୟକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଦେବଶ୍ରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଯୋଗଦେଇଥିବା ଛାତ୍ର ଛାତ୍ରୀ ମାନେ ନିଜ ନିଜର ଆଲେଖ୍ୟ ଉପସ୍ଥାପନ କରିଥିଲେ।

# ସାବରମଲାଇ ଆୟାପ୍ପା ମନ୍ଦିରକୁ ଯାତ୍ରା ଆରମ୍ଭ

**ଜୟପୁର,୨୭।୧୧(ସଂଚାର ବ୍ୟୁରୋ):** ଜୟପୁର ସହରରେ ଭଗବାନ ଆୟାପ୍ପା ସ୍ୱାମୀଙ୍କ ପୂଜନ ନିମନ୍ତେ ମାନସିକ ଧାରୀ ସ୍ୱାମୀ ମାନଙ୍କ ଆଜି ସଂଧ୍ୟାରେ କେରଳ ରାଜ୍ୟର ସାବରମଲ୍ଲାଇ ସ୍ଥିତ ମୁଖ୍ୟମନ୍ଦିରକୁ ଯାତ୍ରା ଆରମ୍ଭ କରିଛି। ଏହିପରି ଦୀର୍ଘ ୪୫ ଦିନ କାଳ ବସ୍ତ୍ର ଧାରଣ ସହିତ ନିୟମ ଅନୁଯାୟୀ ପୂଜନ କରୁଥିବା ପ୍ରାୟ ୧୫ ଜଣ ବ୍ରତଧାରୀ ସ୍ୱାମୀ ମାନେ ମଣିକଣ୍ଠା ସାନିଧାନମ ସଂସ୍ଥା ପକ୍ଷରୁ ପ୍ରଥମ ଯାତ୍ରା ଆଜି ସଂଧ୍ୟାରେ ସ୍ଥାନୀୟ କୁମ୍ଭାରସାହି ସ୍ଥିତ ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭାରମ୍ଭ କରିଛନ୍ତି। ଗୁରୁସ୍ୱାମୀ ସମ୍ବାନା ଚିନ୍ନା ସ୍ୱାମୀଙ୍କ ନେତୃତ୍ୱରେ ବ୍ରତଧାରୀ ମାନେ ଜୟପୁର ଠାରୁ ବିଶାଖପାଟଣା ଯାତ୍ରା କରିବା ସହିତ ସେଠାରେ ଆସନ୍ତା ୩୦ ତାରିଖରେ ପହଞ୍ଚିବା ସହିତ ମୁଖ୍ୟ ମନ୍ଦିରରେ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ପରେ ସେଠାରେ ସେମାନଙ୍କ ବ୍ରତ ସମାପ୍ତ ହେବ। ସେଠାରୁ ଜୟପୁର ଫେରିବା ବେଳେ ଦକ୍ଷିଣ ଭାରତର ବିଭିନ୍ନ ଧର୍ମପୀଠରେ ଠାକୁର ମାନଙ୍କୁ ଦର୍ଶନ କରିବା ପରେ ଆସନ୍ତା ୫ମାସ ୫ ତାରିଖରେ ଜୟପୁର ଫେରିବା ଆସିବା ପରେ ସେମାନେ ଧାରଣ କରିଥିବା ମାଳ ଏଠାରେ ପୂଜାର୍ଚ୍ଚନା ସହିତ ବିସର୍ଜନ ରୀତିଅନୁଯାୟୀ କରିବେ ବୋଲି ମୁଖ୍ୟ ଗୁରୁସ୍ୱାମୀ ରାବାଣା ପ୍ରକାଶ କରିଛନ୍ତି।

## ବିନା ନିରୀକ୍ଷକରେ ଚାଲିଛି କେସିଙ୍ଗା ଡାକଘର

# ୨୦ ବ୍ରାଞ୍ଚ ପୋଷ୍ଟ ଅଫିସରେ ଅବ୍ୟବସ୍ଥା



**କେସିଙ୍ଗା,୨୭।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ମୁଖ୍ୟ ପୋଷ୍ଟ ଅଫିସରେ ଆଜିକୁ ୪ ମାସ ହେଲାଣି ଡାକ ନିରୀକ୍ଷକ ପଦବୀ ଖାଲି ଥିବାରୁ ବିଭିନ୍ନ ଉପ ଡାକ ଘରେ ଅନେକ ଦୁର୍ନୀତି ହେଉଥିବା ଜଣାପଡ଼ିଛି। ଏହା ପୂର୍ବରୁ ଯିଏ ଡାକ ନୀରିକ୍ଷକ ଥିଲେ ତାଙ୍କୁ ପ୍ରାୟ ଚାରି ମାସ ତଳେ ଅନ୍ୟତ୍ର ବଦଳି ହୋଇ ଯିବାପରେ ତାଙ୍କ ସ୍ଥାନରେ ବର୍ତ୍ତମାନ ପର୍ଯ୍ୟନ୍ତ ଡାକ ବିଭାଗ ନୂତନ ଡାକ ନିରୀକ୍ଷକଙ୍କୁ ନିଯୁକ୍ତି ଦେଇ ନ ଥିବାରୁ ବହୁ ଅସୁବିଧା ହେଉଛି। ନର୍ଲାରେ ଥିବା ଜଣେ ଡାକ ପରିଦର୍ଶକଙ୍କୁ କେସିଙ୍ଗା ମୁଖ୍ୟ ପୋଷ୍ଟ ଅଫିସର ଦାୟିତ୍ୱ ଦିଆଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଡାକ ପରିଦର୍ଶକ ଜଣକ ନର୍ଲାରେ ଅଧିକାଂଶ ସମୟ ବିତାଉଛନ୍ତି। କିନ୍ତୁ କେସିଙ୍ଗା ମୁଖ ଡାକ ଘରକୁ ଆସୁ ନ ଥିବାରୁ ଅନେକ ପୋଷ୍ଟ ଅଫିସ ଗୁଡିକରେ ବିଭିନ୍ନ ପ୍ରକାର ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି। ପ୍ରକାଶ ଥାଉ କି, ଉକ୍ତ ପୋଷ୍ଟ ଅଫିସ ଅଧୀନରେ ୨୦ଟି ବ୍ରାଞ୍ଚ ପୋଷ୍ଟ ଅଫିସ ରହିଛି। ବ୍ରାଞ୍ଚ ପୋଷ୍ଟ ଅଫିସଗୁଡ଼ିକରେ କାଗଜଜାତ ତଦନ୍ତ କରିବାକୁ କେହି ନ ଥିବାରୁ ଘୋର ଅସୁବିଧା ହେଉଛି। ସମସ୍ତ ଉପ ପୋଷ୍ଟ ମାଷ୍ଟରଙ୍କ ଛୁଟି ମଞ୍ଜୁରର କ୍ଷମତା ମଧ୍ୟ ପରିଦର୍ଶକଙ୍କ ହାତରେ ରହିଛି। ଆଗାମୀ ଦିନରେ ଅନେକ ବ୍ରାଞ୍ଚ ପୋଷ୍ଟ ଅଫିସରେ ଅର୍ଥ ହେରଫେର ହେଉଥିବାର ଆଭିଯୋଗ ହେଉଛି। ଅଧିକାଂଶ ଉପ ଡାକ ଘରେ ଉପ ଡାକ ମାଷ୍ଟରମାନେ ଗୋଟିଏ ଓଳି କାମ ସାରି ଘରେ ବସୁଛନ୍ତି। ଇତି ମଧ୍ୟରେ କେସିଙ୍ଗାରେ ମଧ୍ୟ ଦୁଇ ଜଣ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଟଙ୍କା ହେରଫେର ମାମଲାରେ ଜେଲ ମଧ୍ୟ ଯାଇଛନ୍ତି।

# ଭୁବନାନନ୍ଦ ପବ୍ଲିକ ସ୍କୁଲରେ ଇଂରାଜୀ ମେଳା

**କେନ୍ଦୁଝର,୨୭।୧୧ (ସଂଚାର ବ୍ୟୁରୋ):** ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ସ୍ଥିତ ପୁଟୁଳିଆ ଭୁବନାନନ୍ଦ ପବ୍ଲିକ ସ୍କୁଲରେ ଇଂରାଜୀ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପଦ୍ମପୁର ବୈତରଣୀ ବ୍ୟାଙ୍କ ଶାଖା ପରିଚାଳକ ଦୀପ୍ତିହିରା ଜେନା ଯୋଗଦେଇ ମେଳା ଉଦଘାଟନ କରିଥିଲେ। ଏଥିରେ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ନର୍ସରୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥ୍ ପ୍ରକଳ୍ପ ଗୁଡିକୁ ଅନୁଧ୍ୟାନ କରିଥିଲେ। ସବଜୁନିୟର ବିଭାଗ ହିମାନୀ ଦେହୁରୀ ପ୍ରଥମ, ପ୍ରୟାନ ପରମିତା ମହାନ୍ତି ଓ ଅଙ୍କିତ ନାଏକ ଦ୍ୱିତୀୟ, ଜୁନିୟର ବିଭାଗ ସୁମନ ଶ୍ରୀୟେଶୁ ସାହୁ ପ୍ରଥମ, ସମାପ୍ତି ସ୍ୱରୂପ ମହାନ୍ତି ଦ୍ୱିତୀୟ, ଗୁଲସନ ପିଙ୍ଗୁଆ ତୃତୀୟ, ସିନିୟର ବିଭାଗ ଅଜିତ୍ ସଏ ପ୍ରଥମ, ରୋହିତ ପିଙ୍ଗୁଆ ଦ୍ୱିତୀୟ, ସୁଧାଂଶୁ ମହାନ୍ତି, ଅଙ୍କିତ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆୟୋଜିତ ସଭାରେ ଶିକ୍ଷୟତ୍ରୀ ମନୁସ୍ମିତା ବାରିକ୍, ଖୁଲଣା ସାହୁ, ଅନୁପମା ଦେହୁରୀ, ସାଗରିକା ଦେହୁରୀ, ସିପ୍ରା ମହାନ୍ତି, ସୂର୍ଣପ୍ରଭା ପଣ୍ଡା, ଶିକ୍ଷକ ଅବନୀ କୁମାର ବେହେରା, ମିତ୍ରଭାନୁ ମହାନ୍ତି ଉପସ୍ଥିତ ଥିଲେ।